ବର୍ଷ-୨୫, ସଂଖ୍ୟା-୧୨
ଭୁବନେଶ୍ୱର
୧୨, ଜାନୁଆରୀ, ୨୦୨୫ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-25, Issue No. 12
Bhubaneswar
12, January, 2025 Sunday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଭିଲେଖାଗାର ଉଦଘାଟିତ

**କଟକ,୧୧।୧(ମହାଭାରତ):** ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଭିଲେଖାଗାର ନ୍ୟାୟପାଳିକାର ପ୍ରଗତିଶୀଳ ଦୃଷ୍ଟିକୋଣର ପ୍ରତିଫଳନ। ଏହା ନ୍ୟାୟ ପ୍ରଶାସନଠାରୁ ଆଗକୁ ଯାଇ ଇତିହାସ, ସଂସ୍କୃତି ଓ ଶିକ୍ଷାର ପରିସରକୁ ବ୍ୟାପକ କରିବ। ନ୍ୟାୟିକ ଦସ୍ତାବିଜ, ରେକର୍ଡ ଏବଂ କଳାକୃତିର ସଂରକ୍ଷଣ ଦିଗରେ ଏହା ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଯୁଗ ଯୁଗ ଧରି ଆଇନ ଗବେଷକ, ଛାତ୍ର ଏବଂ ଐତିହାସିକମାନଙ୍କ ପାଇଁ ଏକ ଅମୂଲ୍ୟ ସମ୍ପଦ ହୋଇରହିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି କଟକଠାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟିକ ଅଭିଲେଖାଗାକୁ ଉଦଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଏହା ଆମ ନ୍ୟାୟପାଳିକାର ସମୃଦ୍ଧ ପରମ୍ପରାକୁ ଆଗାମୀ ପିଢ଼ି ନିମନ୍ତେ ସଂରକ୍ଷିତ ରଖିବାର ସାମୂହିକ ପ୍ରତିବଦ୍ଧତାକୁ ପ୍ରଦର୍ଶିତ କରେ।



ମୁଖ୍ୟମନ୍ତ୍ରୀ କହିଛନ୍ତି ଆଜି ନ୍ୟାୟ ଦେବୀଙ୍କ ଚକ୍ଷୁରୁ ଅନ୍ଧପୁଟୁଳି ହଟିଯାଇଛି। ଆଜି ନ୍ୟାୟଦେବୀ ଉନ୍ମୁକ୍ତ ନୟନରେ ଗୋଟିଏ ହାତରେ ସମ୍ବିଧାନ ଏବଂ ଅନ୍ୟହାତରେ ନ୍ୟାୟର ତରାଜୁ ଧରି ଉଭୟ ପକ୍ଷଙ୍କୁ ଶୁଣି ସମ୍ବିଧାନର ବିଧି ବ୍ୟବସ୍ଥା ଅନୁଯାୟୀ ନ୍ୟାୟ ପ୍ରଦାନ କରୁଛନ୍ତି। ଭାରତୀୟ ନ୍ୟାୟ ବ୍ୟବସ୍ଥା ସାରା ବିଶ୍ୱରେ ଅନନ୍ୟ। ଏଥିପାଇଁ ସାରା ଦେଶ ଆଜି ଗର୍ବିତ।

ଆଜିର ଏହି ନ୍ୟାୟିକ ଅଭିଲେଖାଗାର ଉଦଘାଟନୀ ଆମ ଆଇନଗତ ବ୍ୟବସ୍ଥାର ଏକ ସମୃଦ୍ଧ ଐତିହ୍ୟର ଭଣ୍ଡାର ଭାବରେ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି। ଏହା ଆଇନଗତ ଇତିହାସ, ଐତିହାସିକ ମାମଲା ଏବଂ ଅମୂଲ୍ୟ ଉଦାହରଣର ଭଣ୍ଡାର ହେବ। ଏହା ଓଡ଼ିଶା ଏବଂ ଆମ ଦେଶର ଆଇନଗତ ଦୃଶ୍ୟପଟ୍ଟକୁ ଚିରସ୍ଥାୟୀ କରିପାରିବ।

ଏହି ପରିକଳ୍ପନାକୁ ବାସ୍ତବ ରୂପ ଦେବାରେ ମୁଖ୍ୟ ବିଚାରପତି ଏବଂ ଓଡ଼ିଶା ହାଇକୋର୍ଟର ବିଚାରପତିମାନେ ଅକ୍ଳାନ୍ତ ପ୍ରୟାସ କରିଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ୍ ଅର୍ପଣ କରିଛନ୍ତି।

ରାଜ୍ୟ ସରକାର ନ୍ୟାୟପାଳିକାର ସଂସ୍କାର ଓ ଉନ୍ନତି ପାଇଁ ପ୍ରତିଶୃତିବଦ୍ଧ। ନ୍ୟାୟିକ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଆଇନ ବ୍ୟବସ୍ଥାରେ ବୈଷୟିକ ଜ୍ଞାନକୌଶଳ କାର୍ଯ୍ୟକାରୀ କରିବା ଏବଂ ସମସ୍ତଙ୍କ ନିକଟରେ ନ୍ୟାୟ ପହଞ୍ଚାଇବା ଦିଗରେ ସରକାର କାର୍ଯ୍ୟ ଜାରି ରଖିବେ। ଓଡିଶାରେ ଦଣ୍ଡହାର ବୃଦ୍ଧି କରିବା ପାଇଁ ସରକାର ପଦେକ୍ଷେପ ନେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ମହିଳା ହିଂସା ବିରୁଦ୍ଧରେ ଦଣ୍ଡ ବିଧାନ କରିବା ପାଇଁ ଚାରିଗୋଟି ଜିଲ୍ଲାରେ ମହିଳା କୋର୍ଟ ପ୍ରତିଷ୍ଠା ପାଇଁ ସରକାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଆଗାମୀ ଦିନରେ ଏପରି ଅଧିକ ସ୍ୱତନ୍ତ୍ର ବିଚାରଳୟ ଉଚ୍ଚନ୍ୟାୟାଳୟଙ୍କ ଦିଶା ନିର୍ଦ୍ଦେଶରେ ପ୍ରତିଷ୍ଠା କରାଯିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ସେଣ୍ଟର ଫର ଜୁଡିସିଆଲ ଆର୍କାଇଭ୍ସ ସମଗ୍ର ଦେଶରେ ଜ୍ଞାନର ଆଲୋକ ଏବଂ ନ୍ୟାୟିକ ଶିକ୍ଷା ପାଇଁ ଏକ ପ୍ରେରଣା ହେବ।

ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓଡ଼ିଶାର ବିଭିନ୍ନ କୋର୍ଟରେ ଥିବା ନଥିପତ୍ରଗୁଡ଼ିକୁ ସଂରକ୍ଷଣ କରି ରଖିବା ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ନ୍ୟାୟିକ ଅଭିଲେଖାଗାର ଉଦଘାଟିତ ହେବା ସମଗ୍ର ରାଜ୍ୟ ପାଇଁ ଏକ ଗୌରବର ବିଷୟ ଏବଂ ଏହା ରାଜ୍ୟର ନ୍ୟାୟିକ ରାଜଧାନୀ କଟକ ପାଇଁ ଏକ ଅନନ୍ୟ ଉପହାର। ଏହା ଆଇନଗତ ପ୍ରଶାସନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ରାଜ୍ୟ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟ ସରକାର ତ୍ୱରିତ ନ୍ୟାୟ ଓ ସମସ୍ତଙ୍କ ନିକଟରେ ନ୍ୟାୟ ବ୍ୟବସ୍ଥା ପହଞ୍ଚାଇବା ଦିଗରେ କାର୍ଯ୍ୟ କରୁଥିବା କହିଥିଲେ। ନ୍ୟାୟ ବ୍ୟବସ୍ଥାରେ ବୈଷୟିକ ସଂସ୍କାର ଆଣିବା ସହ ଏହାକୁ ଅଧୁନାତନ କରି ସରକାର ନ୍ୟାୟ ବ୍ୟବସ୍ଥାକୁ ଦକ୍ଷ, ସ୍ୱଚ୍ଛ ଏବଂ ସମସ୍ତଙ୍କ ନିକଟରେ ଉପଲବ୍ଧ କରାଇବା ଦିଗରେ କାର୍ଯ୍ୟ କରୁଛନ୍ତି। ନ୍ୟାୟିକ ଅଭିଲେଖାଗାର ଏ ଦିଗରେ ଆଉ ଏକ ପଦକ୍ଷେପ।

ଆଜିର ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ବିଚାରପତିଗଣ, ଆଡଭୋକେଟ ଜେନେରାଲ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଏଚ୍ଏମ୍ପିଭି ଆକ୍ରାନ୍ତଙ୍କ ସଂଖ୍ୟା ୧୪ ଛୁଇଁଲା




**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଦେଶରେ କାୟା ବିସ୍ତାର କରିବାରେ ଲାଗିଛି ଏଚଏମପିଭି। ଦିନକୁ ଦିନ ବଢିବାରେ ଲାଗିଛି ଆକ୍ରାନ୍ତଙ୍କ ସଂଖ୍ୟା। ଦେଶରେ ବର୍ତ୍ତମାନ ଏହି ଭୂତାଣୁରେ ଆକ୍ରାନ୍ତଙ୍କ ସଂଖ୍ୟା ୧୪ରେ ପହଞ୍ଚିଛି। ଶୁକ୍ରବାର ମହାରାଷ୍ଟ୍ର ନାଗପୁରରେ ଦୁଇ ଶିଶୁଙ୍କ ରିପୋର୍ଟ ପଜେଟିଭ୍ ଆସିଛି। ଏବେ ସୁଦ୍ଧା ମହରାଷ୍ଟ୍ର, ଗୁଜରାଟ, କର୍ଣ୍ଣାଟକ, ତାମିଲନାଡୁ ଓ ପଶ୍ଚିମବଙ୍ଗରେ ଏଚଏମପିଭି ସଂକ୍ରମିତ ଚିହ୍ନଟ ହୋଇସାରିଲେଣି। ଶୁକ୍ରବାର କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଅପୂର୍ବ ଚନ୍ଦ୍ରା ଏକ ଉଚ୍ଚସ୍ତରୀୟ ବୈଠକ ଡାକି ପରିସ୍ଥିତିର ସମୀକ୍ଷା କରିଛନ୍ତି। ଦେଶରେ ଏବେ ସୁଦ୍ଧା ଖୁବ କମ୍ ସଂଖ୍ୟକ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସମସ୍ତେ ଶିଶୁ ବା ନାବାଳକ ବୋଲି ଜଣାପଡିଛି। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ପୂଣ୍ୟ ସଲିଳ ଶ୍ରୀବାସ୍ତବ ଭର୍ଚୁଆଲ ମୋଡ଼ରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସ୍ୱାସ୍ଥ୍ୟ ସଚିବ ମାନଙ୍କ ସହ ଏକ ବୈଠକରେ ଏହି ଭାଇରସର ମୁକାବିଲା ନେଇ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଯଦିଓ ପରିସ୍ଥିତି ଉଦବେଗଜନକ ନୁହେଁ, କିନ୍ତୁ ସତର୍କା ଅବଲମ୍ବନ ଜରୁରୀ।

ଓଡ଼ିଶାରେ ଏବେ ପ୍ରବଳ ଶୀତଲହରୀ ସହ ଘରେ ଘରେ ଏବେ ଥଣ୍ଡା, ଜ୍ୱର ଓ କାଶ ଲାଗିରହୁଛି। ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ଦିନକୁ ଦେଢଶହରୁ ୨ ଶହ ରୋଗୀ ଆସୁଛନ୍ତି। ଅତ୍ୟଧିକ ଥଣ୍ଡା ହେଲେ ନିମୋନିଆ ସମ୍ଭାବନା ବଢିଯାଇଥାଏ। ତେବେ ଥଣ୍ଡା, କାଶ ଓ ଜ୍ୱର ଯୋଗୁଁ ବ୍ୟସ୍ତବିବ୍ରତ ନ ହୋଇ କିଛି ପ୍ରତିଷେଧମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି ଡାକ୍ତର। ଥଣ୍ଡାରୁ ଯଥାସମ୍ଭବ ଦୂରେଇ ରହିବାକୁ ପରାମର୍ଶ ଦିଆଯିବା ସହ ଥଣ୍ଡା ପାଣି ନପିଇବା ସହ ଶୀତବସ୍ତ୍ର ପିନ୍ଧି ପଦାକୁ ବାହାରିବାକୁ ସ୍ୱାସ୍ଥ୍ୟବିଭାଗ ପରାମର୍ଶ ଦେଇଛି। ଏହା ଏକ ସାମାନ୍ୟ ଜ୍ୱର ଓ ଏଥିରେ ଭୟଭୀତ ହେବାର କୌଣସି କାରଣ ନାହିଁ। ଶିଶୁଙ୍କ ଠାରେ ଏହି ରୋଗର ଲକ୍ଷଣ ଅଧିକ ରହିଥାଏ। ତେବେ ବର୍ତ୍ତମାନସୁଦ୍ଧା ଏଚଏମପିଭି ପାଇଁ କୌଣସି ଔଷଧ କିମ୍ବା ଟୀକା ବାହାରିନାହିଁ। ତେଣୁ ସତର୍କତା ହିଁ ଏଥିରୁ ରକ୍ଷା ପାଇବାର ଉପାୟ ବୋଲି କହିଛନ୍ତି ଡାକ୍ତର।

# ସହଦେବଙ୍କ ପରିବାରକୁ ୫ ଲକ୍ଷ ସହାୟତା

**ଭୁବନେଶ୍ୱର,୧୧।୧(ମହାଭାରତ):** ସଫେଇ କର୍ମଚାରୀ ସଂଘର ସଭାପତି ତଥା ପୋଲିସ ମିତ୍ର ସ୍ୱର୍ଗତ ସହଦେବ ନାୟକଙ୍କ ପରିବାରକୁ ୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବା ସହିତ ତାଙ୍କ ପତ୍ନୀଙ୍କୁ ଚାକିରି ଦିଆଯିବ ବୋଲି ବିଏମ୍ସିର ପରିମଳ ଷ୍ଟାଣ୍ଡିଂ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ପରିମଳ ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିରଞ୍ଚି ନାରାୟଣ ମହାସୁପକାରଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ଏହା ସ୍ଥିର କରାଯାଇଛି। ଏହାସହିତ ସ୍ୱର୍ଗତ ନାୟକଙ୍କ ପତ୍ନୀଙ୍କୁ ଜାଗୃତି ଏଜେନ୍ସିରେ ସୁପରଭାଇଜର ଭାବେ ନିଯୁକ୍ତି ଦେବା ପାଇଁ ସ୍ଥିର ହୋଇଛି। ଏଥି ସହିତ ମେୟର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଏକ ଚିଠି ଲେଖି ଏଥିରେ ସହଦେବଙ୍କ ପରିବାରକୁ ୩୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଏବଂ ସହିତ ତାଙ୍କ ପତ୍ନୀଙ୍କୁ ବିଏମ୍ସିରେ ଚାକିରୀ ଦେବା ପାଇଁ ଅନୁରୋଧ କରାଯାଇଛି।



ମୃତ ସହଦେବ ନାୟକ ସଫେଇ ଏଜେନ୍ସି ଜରିଆରେ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ସଫେଇକର୍ମୀଙ୍କ ଦ୍ୱାରା ସଫେଇ କାର୍ଯ୍ୟ କରୁଥିଲେ। ଗତ ୨ଦିନ ତଳେ କେତେକ ଦୁର୍ବୃତ୍ତ ତାଙ୍କୁ ରସୁଲଗଡ ଓଭର ବ୍ରିଜ ଉପରେ ହତ୍ୟା କରିଥିଲେ। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସଫେଇ କର୍ମଚାରୀମାନେ ଆନ୍ଦୋଳନ କରିଥିଲେ।

ଅନ୍ୟପକ୍ଷରେ ବିରୋଧି ଦଳ ନେତା ନବୀନ ପଟ୍ଟନାୟକ ମୃତ ସହଦେବ ନାୟକଙ୍କ ପରିବାରକୁ ନଗଦ ୫୦ ହଜାର ଟଙ୍କା ପ୍ରଦାନ କରିବାସହିତ ସହଦେବ ନାୟକଙ୍କର ଦୁଇ ପିଲାଙ୍କ ପଢ଼ିବା ଦାୟିତ୍ୱ ସେ ନିଜେ ନେଇଛନ୍ତି ବୋଲି ଘୋଷଣା କରିଛନ୍ତି। ଆଜି ସନ୍ଧ୍ୟାରେ ମୃତ ସହଦେଙ୍କ ପତ୍ନୀ ଓ ଦୁଇ ଝିଅ ନବୀନ ନିବାସ ଯାଇଁ ସେଠାରେ ନବୀନଙ୍କୁ ସାକ୍ଷାତ କରିଛନ୍ତି।

# ପକ୍ଷୀ ଦେହରେ ଲାଗିଲା ଟ୍ରାକର



**ଭୁବନେଶ୍ୱର,୧୧।୧ (ମହାଭାରତ):** ପ୍ରଥମ ଥର ପାଇଁ ପକ୍ଷୀ ଦେହରେ ଲାଗିଛି ସୌର ଚାଳିତ ଟ୍ରାକର। ଚିଲିକା ନଳବଣକୁ ଆସିଥିବା ବିଦେଶୀ ପକ୍ଷୀ ଫ୍ଲେମିଙ୍ଗୋ ଦେହରେ ଏହି ଟ୍ରାକର ଲଗାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଟ୍ରାକର ସହାୟତାରେ ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀଙ୍କ ଉପରେ ବନବିଭାଗ ପକ୍ଷରୁ ନଜର ରଖାଯିବ। ଏପରିକି କେଉଁ ବାଟ ଦେଇ ଫ୍ଲେମିଙ୍ଗୋ କେଉଁଠିକୁ ଯାଉଛି ତାହାର ଗତିବିଧି ଉପରେ ନଜର ରଖାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ଦୁଇଟି ଫ୍ଲେମିଙ୍ଗୋ ପକ୍ଷୀ ଦେହରେ ଏହି ଟ୍ରାକର ଲଗାଯାଇଛି।

# ଢେଙ୍କାନାଳରେ 'କପିଳାସ ହାଫ୍ ମାରାଥନ'ର ଉଦ୍ଘାଟିତ

**ଢେଙ୍କାନାଳ,୧୧।୧(ମହାଭାରତ):** ଢେଙ୍କାନାଳ କପିଳାସ ଅଭୟାରଣ୍ୟର ସବୁଜ ସୁନ୍ଦର ପରିବେଶରେ ଶନିବାର କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ 'କପିଳାସ ହାଫ୍ ମାରାଥନ' ଦ୍ୱିତୀୟ ସଂସ୍କରଣର ଶୁଭାରମ୍ଭ ହୋଇଯାଇଛି। ହାତୀ ସୁରକ୍ଷା ଓ ପରିବେଶ ସୁରକ୍ଷାର ସଚେତନତା ସୃଷ୍ଟି କରାଇବାରେ ଏହାକୁ ସାଧୁ ଉଦ୍ୟମ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଜିଲ୍ଲା ପ୍ରଶାସନ ଓ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ 'କପିଳାସ ହାଫ୍ ମାରାଥନ'ର ଦ୍ୱିତୀୟ ସଂସ୍କରଣକୁ ଶୁଭାରମ୍ଭ କରିବା ସହ ମାରାଥନରେ ସାମିଲ ହୋଇ ଆନନ୍ଦିତ। ଜୈବ ବିବିଧତାରେ ପରିପୂର୍ଣ୍ଣ କପିଳାସର ସଂରକ୍ଷଣ ଏବଂ ଗଜରାଜଙ୍କ ସୁରକ୍ଷା ଦିଗରେ ସାମାଜିକ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ ସ୍ୱାଗତଯୋଗ୍ୟ। ଏହି ହାଫ୍ ମାରାଥନରେ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଯୁବବର୍ଗ ଓ ବରିଷ୍ଠ ଲୋକମାନେ ଭାଗ ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫିଟ୍ ଇଣ୍ଡିଆର ଆହ୍ୱାନ କ୍ରମେ ଏହି ମାରାଥନ ସମାଜରେ କେବଳ ସୁସ୍ଥ ଜୀବନଶୈଳୀ ଓ ଫିଟନେସକୁ ପ୍ରୋତ୍ସାହିତ କରିବ ନାହିଁ ବରଂ ସମାଜରେ ପରିବେଶ ସୁରକ୍ଷା ଓ ପର୍ଯ୍ୟଟନର ବିକାଶରେ ମଧ୍ୟ ସଚେତନ କରାଇବ। ଏହି ମାରାଥନ, କପିଳାସକୁ ବିଶ୍ୱ ପର୍ଯ୍ୟଟନ ତଥା ମାରାଥନ ଦୌଡ଼ର ଏକ ପ୍ରମୁଖ ସ୍ଥଳ ଭାବରେ ପ୍ରତିଷ୍ଠିତ କରାଇବାରେ ସହାୟକ ହେବ।



ଆମର ପ୍ରାଚୀନ ପରମ୍ପରା, ସଂସ୍କୃତି ଓ ଆଧ୍ୟାତ୍ମିକ କ୍ଷେତ୍ରରେ ଐରାବତ ବା ହାତୀର ସ୍ଥାନ ସ୍ୱତନ୍ତ୍ର। ହାତୀ ହେଉଛି ଆମର ଐତିହ୍ୟ ପ୍ରାଣୀ। ଗଜରାଜଙ୍କ ସୁରକ୍ଷା ତଥା ମନୁଷ୍ୟ ଓ ହାତୀ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଦିଗରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଢେଙ୍କାନାଳରେ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଆୟୋଜିତ ଏହି ମାରାଥନ ପ୍ରଶଂସନୀୟ। କପିଳାସ ଏକ ପର୍ଯ୍ୟଟନ ଭିତ୍ତିକ ସ୍ଥାନ। ଏଠାରେ କିପରି ପର୍ଯ୍ୟଟନ ଭିତ୍ତିଭୂମି ଏବଂ ପର୍ଯ୍ୟଟକଙ୍କ ପାଇଁ ସୁବିଧା ତ୍ୱରାନ୍ୱିତ ହେବ, ସେଥିପ୍ରତି ଆମେ ସମସ୍ତେ ଦାୟିତ୍ୱ ନେବା ଦରକାର। ଆକାଂକ୍ଷୀ ଜିଲ୍ଲା ଢେଙ୍କାନାଳର ସଂସ୍କୃତି, ଐତିହ୍ୟର ସଂରକ୍ଷଣ ସହ ଜିଲ୍ଲାର ସର୍ବାଙ୍ଗୀନ ବିକାଶ କରିବା ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# 'ସୁଭଦ୍ରା'ରେ ପୁନଃସାମିଲ ହେଲେ ୮ ହଜାର



**ଭୁବନେଶ୍ୱର,୧୧।୧(ମହାଭାରତ):** ସୁଭଦ୍ରା ଯୋଜନାରେ ଭୁଲରେ ଅପଟ୍ ଆଉଟ ହୋଇଥିବା ଆବେଦନକାରୀ ପୁନଃସାମିଲ ହୋଇଛନ୍ତି। ଶନିବାର ସୁଦ୍ଧା ସୁଭଦ୍ରା ଯୋଜନାରେ ପୁଣି ୮ ହଜାରରୁ ଅଧିକ ଆବେଦନକାରୀ ପୁନଃସାମିଲ ହୋଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷେ ଏବେ ବି' ୨ ଲକ୍ଷରୁ ଅଧିକ ଆବେଦନକାରୀ ଇ-କେଓ୍ୱାଇସି କରିନାହାନ୍ତି। ଫଳରେ ସେମାନେ ଯୋଗ୍ୟ ବିବେଚିତ ହେଲେ ମଧ୍ୟ ଅର୍ଥ ପାଇବାରେ ଅସୁବିଧା ହେବ। ତେଣୁ ନିକଟ ଜନସେବା କେନ୍ଦ୍ରରେ ତୁରନ୍ତ ଇ-କେଓ୍ୱାଇସି କରିବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏପରିକି ଖୁବ୍ ଶୀଘ୍ର ୪ର୍ଥ ପର୍ଯ୍ୟାୟ ପ୍ରଥମ କିସ୍ତି 'ସୁଭଦ୍ରା' ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯିବ। କିଛି ଦିନ ତଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୁଭଦ୍ରା ଯୋଜନାରୁ ଅପଟ୍ ଆଉଟ ହୋଇଥିବା ହିତାଧିକାରୀଙ୍କ ପାଇଁ ନୂଆ ବ୍ୟବସ୍ଥା କରାଯାଉଥିବା ପ୍ରକାଶ କରିଥିଲେ। ଏପରିକି ଯେଉଁ ହିତାଧିକାରୀମାନେ ଭୁଲ୍ରେ ଅପଟ ଆଉଟ ହୋଇଯାଇଥିଲେ ସେମାନେ ପୁଣି ସୁଭଦ୍ରା ଯୋଜନାର ପୋର୍ଟାଲରେ ଲଗ୍ ଇନ୍ କରି ତାଲିକାରେ ପୁନଃ ଯୋଡ଼ି ହୋଇପାରିବେ ବୋଲି ସୂଚନା ଦେଇଥିଲେ।

# ଖୋଲିବ ହଂସିତାଙ୍କ ପଲିଟିକାଲ ଲିଙ୍କ୍

**ଭୁବନେଶ୍ୱର,୧୧।୧ (ମହାଭାରତ):** ବିଷ୍ଣୁପ୍ରିୟା ଚନ୍ଦ ଓରଫ୍ ହଂସିତାଙ୍କ ୭ଟି ଦାମୀ ଗାଡ଼ି ସିଜ୍ କରିଛି କମଶନରେଟ ପୋଲିସ୍। ପୋର୍ସେ ଓ ଜାଗୁଅର ଗାଡ଼ି ଜବତ କରିଛି। ଠକ ହଂସିତାଙ୍କ ଦାମୀ ଗାଡ଼ି କମିଶନରେଟ୍ ପୋଲିସ ଅଫିସ୍ ଆଗରେ ଛିଡ଼ା ହୋଇଛି। ଗତକାଲି ପୋଲିସ ହଂସିତାଙ୍କ ମର୍ସିଡିଜ୍ କାର ଜବତ କରିଥିଲା ପୋଲିସ। ଏବେ ଆଉ ଦୁଇଟି ଗାଡ଼ି ଜବତ କରିଛି ପୋଲିସ। ଅନୀଲ ମହାନ୍ତି ଓ ହଂସିତା ଅଭିଲିପ୍ସାଙ୍କ ଦିନିକିଆ ରିମାଣ୍ଡ ଶେଷ ପରେ ଦୁହିଁଙ୍କୁ କୋର୍ଟରେ ହାଜର କରାଯିବ। ଦିନିକିଆ ରିମାଣ୍ଡରେ ନେଇ ଜେରା କରିଛି ସ୍ପେଶାଲ କ୍ରାଇମ୍ ୟୁନିଟ୍। ଦୁହିଁଙ୍କ ଟଙ୍କାର ଉତ୍ସ ନେଇ କରିଛି ଖୋଳତାଡ଼। ନଗଦ ଟଙ୍କା ଦେଇ ଦାମୀ ଗାଡ଼ି କିଣିବା କେମିତି ସମ୍ଭବ ହେଲା ଜେରା କରୁଛି ପୋଲିସ। କଳାହାଣ୍ଡି ନର୍ଲାରୁ ଆସିଥିବା ହଂସୀତା, ଏକ ସ୍ପା'ରେ କାମ କରୁଥିବା ବେଳେ ଏତେ କୋଟିର ମାଲିକ କେମିତି ହେଲେ ତାକୁ ନେଇ ଚାଲିଛି ଖୋଳତାଡ଼।

ଅନ୍ୟପକ୍ଷରେ ହଂସିକା ଓ ଅନୀଲ ମହାନ୍ତିଙ୍କ ଚିତାକଟା ନେଟୱାର୍କର ପଲିଟିକାଲ୍ ଲିଙ୍କ୍ ଖୋଲିବ ପୋଲିସ୍। ଚର୍ଚ୍ଚାରେ ଥିବା ଦୁଇ ଦୁଇ ଜଣ ପୂର୍ବତନ ମନ୍ତ୍ରୀ ଓ ଜଣେ ବିଧାୟକଙ୍କ ମୁଖା ମଧ୍ୟ ଖୋଲିବ।



ହଂସିକା ଓ ଅନୀଲ ମିଛିମିଛିକା ଅନେକ ପ୍ରଭାବଶାଳୀଙ୍କୁ ନିଜର ସମ୍ପର୍କୀୟ ଦର୍ଶାଇ ଓଡ଼ିଶା, ଛତିଶଗଡ, ଝାଡ଼ଖଣ୍ଡରେ ବିସ୍ତାର କରିଥିଲେ ନିଜର ଠକ ସାମ୍ରାଜ୍ୟ। ଆଉ ଠୁଳ କରିଥିଲେ ଗାଡ଼ିଘୋଡ଼ା ସହ କୋଠାବାଡ଼ି। କମିସନରେଟ୍ ପୁଲିସ ଜବତ କରିଛି ନାମୀଦାମୀ କମ୍ପାନୀର କାର୍। ଯେଉଁଥିରେ ରହିଛି ପୋର୍ସେ କାର୍। ଯାହାର ଦାମ୍ ୪ କୋଟି ୩୦ ଲକ୍ଷ। ମର୍ସିଡିଜ ଏଏମ୍‌ଜି ଜିଏଲଇ ୩୩। ଏହି ମଡେଲର ଦାମ୍ ୩ କୋଟି ୧୭ ଲକ୍ଷ ଟଙ୍କା। ଜାଗୁଆର୍ ୨ କୋଟି, ରେଞ୍ଜରୋଭର୍ ୧ କୋଟି ହେବ। ଆହୁରି ୨ଟି ବିଏମଡବ୍ଲୁ ମଧ୍ୟ ଜବତ କରିଛି ପୁଲିସ୍। ଗତ ୧୨ ଦିନର ଖୋଳତାଡ଼ ଭିତରେ ହଂସିକା ଓ ଅନୀଲଙ୍କ ପାଖରୁ ସାତ ସାତଟି ନାମୀଦାମୀ କାର୍ ମିଳିଲାଣି। ଏପରିକି ଆହୁରି ଛୋଟମୋଡ଼ କାର ମଧ୍ୟ ରହିଛି। ଯାହାକୁ ହିସାବକୁ ନେଉନି ଆୟକର ବିଭାଗ।

କେବଳ କାର ନୁହେଁ, ଦିନିକିଆ ପୁଲିସ ରିମାଣ୍ଡରେ ଜେରା ବେଳେ ରାଜଧାନୀରେ ୫ଟି ବିଳାସପୂର୍ଣ୍ଣ ଫ୍ଲାଟ୍ ସଂପର୍କରେ ମିଳିଛି ତଥ୍ୟ। ଆଉ ସେହି ତଥ୍ୟ ଆଧାରରେ ଠାବ ହୋଇଥିଲା ଏସବୁ କୋଠାବାଡ଼ି। ଦିନିକିଆ ରିମାଣ୍ଡରେ ନିଜ କଳାସାମ୍ରାଜ୍ୟର ଅନେକ ଗୁମର ଖୋଲିଛନ୍ତି ହଂସିକା ଓ ଅନୀଲ। କେବେଠୁ ଭୁବନେଶ୍ୱର ଆସିଲେ ହଂସିକା ? କେଉଁ କେଉଁ କର୍ପୋରେଟ୍ ହାଉସ୍ ଓ ତା' ସହ କେମିତି ଲିଙ୍କରେ ଆସିଲେ ? କେଉଁମାନଙ୍କ ପାଇଁ କାମ କରୁଥିଲେ ? ରୂପରଙ୍ଗ ସହ ନାମ ପରିବର୍ତ୍ତନ ପଛର ରହସ୍ୟ କ'ଣ ? ଅନୀଲ ମହାନ୍ତି, ମନୋଜ ଆଚାର୍ଯ୍ୟ ଓ ସ୍ୱାମୀ ସରୋଜ ସାହୁଙ୍କ ସହ ମିଶି କାହା ଛତ୍ରଛାୟାରେ ହଂସିତା ଚଳାଇଥିଲେ ସିଣ୍ଡିକେଟ୍। ଆଉ କେଉଁ କେଉଁଠି ବେନାମୀ ଇନଭେଷ୍ଟମେଣ୍ଟ ଅଛି ଏଭଳି ନାନା ପ୍ରଶ୍ନକୁ ଧରି ସତ ଉଗାଳିଛି କମିସନରେଟ୍ ପୁଲିସର ସ୍ପେଶାଲ୍ କ୍ରାଇମ୍ ୟୁନିଟ।

ପୁଲିସ କମିସନର୍ କହିଛନ୍ତି, ଏହି ମାମଲାରେ ସଂପୃକ୍ତ ଆହୁରି ଅନେକ ବ୍ୟକ୍ତି ଆଗକୁ ସାମ୍ନାକୁ ଆସିପାରନ୍ତି। ସେପଟେ ଆର୍ଥିକ ଦିଗକୁ ଧରି ଖୋଳତାଡ଼ ଚଳାଇଥିବା ଆୟକର ବିଭାଗ କିଛି ରାଜନେତା ଓ ବିଲଡରଙ୍କ ତାଲିକା ପ୍ରସ୍ତୁତ କରିଛି। ଏହି ବ୍ୟକ୍ତିଙ୍କ ପାଖକୁ ଆସନ୍ତା ସୋମବାରରୁ ଆୟକର ବିଭାଗ ନୋଟିସ୍ ପଠାଇବ। ମାମଲାରେ ଖୁବଶୀଘ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମଧ୍ୟ ଏଣ୍ଟ୍ରି ମାରିବ ବୋଲି ସୂଚନା ମିଳିଛି।



# ଜୀବନଚର୍ଯ୍ୟା





## ଅଣ୍ଡା ଚିକେନ ଫ୍ରାଏ

ସାମଗ୍ରୀ: ଚିକେନ ,ଅଣ୍ଡା , ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ ବଟା , ଲୁଣ , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ଗୋଟା ଗରମ ମସଲା , ଜିରା , କଟା ଟମାଟୋ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନକୁ ଭଲ ଭାବେ ଧୋଇ ସେଥିରେ ଲଙ୍କା ଗୁଣ୍ଡ , ହଳଦୀ ଗୁଣ୍ଡ , ଅଦା – ରସୁଣ ବଟା ଓ ଲୁଣ ପକାନ୍ତୁ। ଏବେ ସେଥିରେ ଜିରା ଗୁଣ୍ଡ , ଧନିଆ ଗୁଣ୍ଡ ଓ ଅଣ୍ଡା ପକାଇ ମ୍ୟାରିନେଟ କରି ରଖନ୍ତୁ।

କିଛି ସମୟ ପରେ କଡ଼େଇରେ ତେଲ ଗରମ କରି ଗୋଟା ଗରମ ମସଲା , ଜିରା , କଟା ଟମାଟୋ, ଅଣ୍ଡା , ଲୁଣ ଓ ହଳଦୀ ପକାଇ ଭଲ ଭାବେ କଷନ୍ତୁ। ଅଣ୍ଡା ମସଲା କଷି ହୋଇଗଲେ ସେଥିରେ ମ୍ୟାରିନେଟ ହୋଇଥିବା ଚିକେନ ପକାଇ କଷନ୍ତୁ। ଏବେ ଅଳ୍ପ ପାଣିଦେଇ ଘୋଡ଼େଇ ଦିଅନ୍ତୁ। ଏବେ ଚିକେନ୍‌କୁ ସିଝିବାକୁ ଛାଡ଼ି ଦିଅନ୍ତୁ। ତେବେ କିଛି ସମୟ ଅନ୍ତରରେ ଘୋଡ଼ଣୀ କାଢି ଦେଖି ଥାଆନ୍ତୁ। ନ ହେଲେ ଚିକେନ ଲାଗି ଯାଇପାରେ। ଚିକେନ ସିଝି ଗଲା ପରେ ଓ ପାଣି ପୂରା ମରିଗଲା ପରେ ସେଥିରେ ଟମାଟୋ ସସ୍ , ଚିଲି ସସ୍ ପକାଇ ଆଉ ଅଳ୍ପ ସମୟ ଚୁଲିରେ ବସାନ୍ତୁ। ଏହାପରେ କଡ଼େଇକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା 'ଅଣ୍ଡା ଚିକେନ ଫ୍ରାଏ'।



ଖବର

## ତ୍ରିଭାଷୀ ମ୍ୟୁଜିକ୍ ଭିଡିଓ 'ମନ ମାନସୀ' ମୁକ୍ତିଲାଭ




ଗତ ୫ ବର୍ଷ ମଧ୍ୟରେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଲେଖକ-ନିର୍ଦ୍ଦେଶକ ବିଶ୍ୱନାଥ ରଥ ଏବଂ ପୁରସ୍କାରପ୍ରାପ୍ତ ଗାୟକ-ସଙ୍ଗୀତକାର ବଙ୍କିମ ପଟେଲ ଏକାଧିକ ଭାଷାରେ ଅନେକ ମ୍ୟୁଜିକ୍ ଭିଡିଓ ପ୍ରୋଜେକ୍ଟ କରିଛନ୍ତି। ଏଥି ମଧ୍ୟରୁ 'କହିଦେ ଥରେ' (ସମ୍ବଲପୁରୀ), 'ବର୍ଷା ଭିଜା ରାତି'(ଓଡ଼ିଆ), 'ଇଣ୍ଡିଆ ଜିତେଗା' (ହିନ୍ଦୀ), 'ଓହ ଭି କୟା ଦିନ ଥେୟାର୍' (ହିନ୍ଦୀ) ଇତ୍ୟାଦି ଅନ୍ୟତମ । ଏହି ମ୍ୟୁଜିକ୍ ଭିଡିଓ/ଗୀତକୁ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ ସର୍କିଟରେ ମୋଟ ୮୬ଟି ପୁରସ୍କାର ଏବଂ ପ୍ରଶଂସା ମିଳିଛି, ଯାହା ଓଡ଼ିଶା ତଥା ଭାରତର ସଙ୍ଗୀତ ଓ ସଂସ୍କୃତି ପାଇଁ ଗୌରବ ଆଣିଛିୟ ଆମେରିକା, ବ୍ରିଟେନ, କାନାଡା, ପୋଲାଣ୍ଡ, ରୁଷିଆ, କୁଏତ, ଚେକ୍ ରିପବ୍ଲିକ, ଅଷ୍ଟ୍ରେଲିଆ, ମିଆଁମାର ଇତ୍ୟାଦି ଦେଶରେ ଏହି ଭିଡିଓକୁ ପ୍ରଦର୍ଶିତ ଓ ପ୍ରଶଂସା କରାଯାଇଛି। ଲୋକପ୍ରିୟ ମ୍ୟୁଜିକ୍ ପ୍ଲାଟଫର୍ମ 'ଆମରମ୍ୟୁଜିକ୍ ଓଡିଆ'ରେ ତାଙ୍କର ୫ମ ରୋମା□ିକ୍ ମ୍ୟୁଜିକ୍ ଭିଡିଓ 'ମନ ମାନସୀ' ଆଜି ମୁକ୍ତିଲାଭ କରିଛି। ମୁକ୍ତିଲାଭ କରିବା ପରେ 'ମନ ମାନସୀ' ଓଡ଼ିଶାର ପ୍ରଥମ ତ୍ରିଭାଷୀ ମ୍ୟୁଜିକ୍ ଭିଡିଓ ହେବାର ଅନନ୍ୟ ମାଇଲଖୁଣ୍ଟ ହାସଲ କରିଛି, ଯାହା ଓଡ଼ିଆ, ହିନ୍ଦୀ ଓ ସମ୍ବଲପୁରୀ ଆଦି ତିନୋଟି ଭାଷାରେ ଏକକାଳୀନମୁକ୍ତିଲାଭ କରିଛି। ଓଡ଼ିଆ ସଂସ୍କରଣ ଆମରମ୍ୟୁଜିକ୍ ଓଡିଆରେ ମୁକ୍ତିଲାଭ କରିଥିବା ବେଳେ ହିନ୍ଦୀ ସଂସ୍କରଣ 'ତେରାରାଂଝନା' ଓ ସମ୍ବଲପୁରୀ ସଂସ୍କରଣ 'ରସିଆ ପିଲା' ଯଥାକ୍ରମେ ଆମରମ୍ୟୁଜିକ୍‌ଛତିଶଗଡ଼ ଓ ଓକେ ଓଡ଼ିଆମ୍ୟୁଜିକ୍ରେ ମୁକ୍ତିଲାଭ କରିଛି। ବିଏନ୍‌ଆର୍ଫିଲ୍ମସ୍ ଏବଂ ବଙ୍କିମ ପଟେଲ ମ୍ୟୁଜିକ୍ 'ମନ ମାନସୀ','ତେରାରାଂଝନା'ଏବଂ 'ରସିଆ ପିଲା'ର ପ୍ରଯୋଜନା କରିଛନ୍ତି । ଯୁବ ଓ ପ୍ରତିଭାସମ୍ପନ୍ନ ଗାୟକ-ସଙ୍ଗୀତକାର ସଙ୍ଗୀତ ରଚନା କରିବା ସହ ଗୀତ ପରିବେଷଣ କରିଛନ୍ତି। ମଲ୍ଟି ଆୱାର୍ଡ ବିଜେତା ଚଳଚ୍ଚିତ୍ର ନିର୍ମାତା ବିଶ୍ୱନାଥ ରଥ ଏହାର କନସେପ୍ଟ ଓ ଚିତ୍ରନାଟ୍ୟ ପ୍ରସ୍ତୁତ କରିଛନ୍ତି। ବିଶ୍ୱନାଥରଥ ଓ ବଙ୍କିମପଟେଲଉଭୟ ମ୍ୟୁଜିକ୍ ଭିଡିଓର ନିର୍ଦ୍ଦେଶନା ଦେଇଛନ୍ତି।ସଙ୍ଗୀତନିର୍ଦ୍ଦେଶକ ବଙ୍କିମ ପଟେଲ (ବଙ୍କିମ ପଟେଲ ମ୍ୟୁଜିକ୍ ର ପ୍ରତିଷ୍ଠାତା) କହନ୍ତି, ଗାୟକ-ସଙ୍ଗୀତକାର ଭାବେ ଏହି ମ୍ୟୁଜିକ୍ ଭିଡିଓ ରିଲିଜ୍ ହେବା ନିଶ୍ଚିତ ଭାବେ ମୋ ପାଇଁ ଏକ ସ୍ୱପ୍ନ ସାକାରର ମୁହୂର୍ତ୍ତ। ଓଡ଼ିଆ, ହିନ୍ଦୀ ଓ ସମ୍ବଲପୁରୀ ଭାଷାରେ ଓଡ଼ିଶାର ପ୍ରଥମ ତ୍ରିଭାଷୀ ଗୀତ ତିଆରି କରିବା ଗୌରବର ବିଷୟ।




## ଶରୀର: ଈଶ୍ୱରଙ୍କ ପବିତ୍ର ନିବାସସ୍ଥାନ



ଶରୀର, ଈଶ୍ୱରଙ୍କ ପବିତ୍ର ନିବାସ ସ୍ଥାନ । ଖରାପ ଅଭ୍ୟାସ ଦ୍ୱାରା ଶରୀରରୂପୀ ମନ୍ଦିରକୁ ରୁଗ୍ଣ କରିବା ପ୍ରକୃତି ଦୃଷ୍ଟିରେ ବଡ଼ ଅପରାଧ । ଏହାର ଫଳସ୍ୱରୂପ ଯନ୍ତ୍ରଣା, ଅସ୍ଥିରତା, ଆସକ୍ତି, ଅଳ୍ପାୟୁ, ଆର୍ଥିକ ହାନି, ତିରସ୍କାର ଭଳି ଦଣ୍ଡ ଭୋଗିବାକୁ ପଡ଼ିଥାଏ । ଆହାର ଏବଂ ବିହାରରେ ସଂଯମତା ନରହିଲେ ଶରୀରର ଆଭ୍ୟନ୍ତରୀଣ ଅଙ୍ଗ ଉପରେ କୁପ୍ରଭାବ ପଡ଼ିଥାଏ। ଏହାଦ୍ୱାରା ଶରୀର ଦୁର୍ବଳ ଏବଂ ରୋଗଗ୍ରସ୍ତ ହୋଇଥାଏ। ଶରୀରକୁ ନିରୋଗୀ ରଖିବା କଠିନ ନୁହେଁ । ସେଥିପାଇଁ ଆହାର, ଶ୍ରମ ଏବଂ ବିଶ୍ରାମରେ ସନ୍ତୁଳନ ବଜାୟ ରଖିବା ଉଚିତ । ଆଳସ୍ୟମୁକ୍ତ, ଶ୍ରମଯୁକ୍ତ ବ୍ୟବସ୍ଥିତ ଜୀବନଶୈଳୀ ନିର୍ଦ୍ଧାରଣ କରିବା କଠିନ ନୁହେଁ । ଶରୀରକୁ ମନ୍ଦିର ଭଳି ମହତ୍ତ୍ୱ ଦେବା ଉଚିତ। ସ୍ୱଚ୍ଛ, ସୁସ୍ଥ ଏବଂ ସକ୍ଷମ ଶରୀର ନିର୍ମାଣ କରିବାକୁ ନିଜ ପାଇଁ ପୂଣ୍ୟ କର୍ତ୍ତବ୍ୟ ଭାବେ ଗ୍ରହଣ କରିବା ଉଚିତ। ଉପବାସ ଦ୍ୱାରା ସ୍ୱାଦ ଏବଂ ଅତିଆହାର ଭଳି ଦୁଷ୍ପ୍ରବୃତ୍ତି ଉପରେ ଅଧିକାର ପାଇବା ଲାଗି ପ୍ରୟାସ କରିବା ଉଚିତ୍ । ଏହାପରେ ଏହି ଶରୀରରୁ ଲାଭ ପାଇବା ସମ୍ଭବ । ଏହାକୁ ଋଷିମୁନି ଓ ବୈଜ୍ଞାନିକମାନେ ମଧ୍ୟ ସ୍ୱୀକାର କରିଛନ୍ତି ।

## ଗଜ ଉଦ୍ଧାରଣର କଥା



ଗଜ-ଉଦ୍ଧାରଣ ଭଗବାନ ବିଷ୍ଣୁ ବା ଶ୍ରୀଜଗନ୍ନାଥଙ୍କର ଏକ ପ୍ରସିଦ୍ଧ ଲୀଳା। ଚକ୍ର ଆୟୁଧରେ ଗ୍ରାହ (କୁମ୍ଭୀର)ର ଶିରଚ୍ଛେଦ କରି ଭଗବାନ ଗଜେନ୍ଦ୍ରକୁ ଉଦ୍ଧାର କରିଥିଲେ। ତାହା ଫଳରେ କୁମ୍ଭୀର ତା'ର ପୂର୍ବଜନ୍ମର ଗନ୍ଧର୍ବରୂପ ଫେରିପାଇଥିଲା। ଗଜେନ୍ଦ୍ର ମଧ୍ୟ ସାରୂପ୍ୟ ମୁକ୍ତି ପାଇ, ବିଷ୍ଣୁଙ୍କ ପରି ଚତୁର୍ଭୁଜ ହୋଇ ବିଷ୍ଣୁଲୋକ ଗମନ କରିଥିଲା। କିନ୍ତୁ ଏହି ଅବସରରେ ଭଗବାନ ବିଷ୍ଣୁ ଗଜେନ୍ଦ୍ରକୁ ଯାହା କହିଥିଲେ, ତାହା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ସଂସ୍କୃତ 'ଶ୍ରୀମଦ୍ଭାଗବତ' ଅନୁସାରେ, ଭଗବାନ ବିଷ୍ଣୁ ଗଜେନ୍ଦ୍ର ଉପରେ ପ୍ରସନ୍ନ ହୋଇ କହିଥିଲେ- ହେ ଗଜେନ୍ଦ୍ର ! ଯେଉଁମାନେ ମୋର ଶ୍ରୀବତ୍ସ ଚିହ୍ନ, କୌସ୍ତୁଭ ମଣି, ମାଳା, କୌମୋଦକୀ ଗଦା, ସୁଦର୍ଶନ ଚକ୍ର, ପାଞ୍ଚଜନ୍ୟ ଶଙ୍ଖ, ପକ୍ଷୀରାଜ ଗରୁଡ଼, ମୋର ସୂକ୍ଷ୍ମ ଅଂଶରୂପୀ ଅନନ୍ତ, ମୋର ଆଶ୍ରିତା ଲକ୍ଷ୍ମୀଦେବୀ, ବ୍ରହ୍ମା, ଶିବ, ନାରଦମୁନି, ପ୍ରହ୍ଲାଦ, ମତ୍ସ୍ୟ, କୂର୍ମ ଓ ବରାହ ପ୍ରଭୃତି ମୋର ଅନନ୍ତ ପୁଣ୍ୟମୟ ଅବତାରମାନଙ୍କର ଲୀଳା ଏବଂ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନିଙ୍କୁ ମୋର ରୂପଭାବେ ସ୍ମରଣ କରନ୍ତି; ଓଁକାର, ସତ୍ୟ, ମୂଳପ୍ରକୃତି, ଗୋ, ବ୍ରାହ୍ମଣ, ଅକ୍ଷୟ ସନାତନଧର୍ମ, ସୋମ, କଶ୍ୟପ ଓ ଧର୍ମଙ୍କର ପତ୍ନୀ ଦକ୍ଷ କନ୍ୟାଗଣଙ୍କୁ ଏବଂ ଭକ୍ତରାଜ ଧ୍ରୁବ, ମରୀଚି ଆଦି ସପ୍ତର୍ଷିଙ୍କୁ, ପୁଣ୍ୟଶ୍ଳୋକ ମନୁଷ୍ୟ (ଯଥା ଯୁଧିଷ୍ଠିର, ଜନକ, ନଳରାଜା ଆଦି)ଙ୍କୁ ମଧ୍ୟ ମୋର ରୂପ ଭାବରେ ସ୍ମରଣ କରନ୍ତି, ସେମାନେ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି ! କେବଳ ଏତିକି ନୁହେଁ; ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ସେ ଗଜେନ୍ଦ୍ରକୁ ଆହୁରି ମଧ୍ୟ କହିଥିଲେ- ହେ ଗଜେନ୍ଦ୍ର ! ଯେଉଁମାନେ ତୁମକୁ ଓ ମୋତେ, ଏବଂ ଏହି ଗିରିକନ୍ଦର, ବନ, ସରୋବର, ବେତବାଉଁଶ ଆଦିର ବୁଦା ଏବଂ ଦେବଦାରୁ ଆଦି ବୃକ୍ଷଙ୍କୁ ଏବଂ ସମସ୍ତ ଗିରିଶୃଙ୍ଗଙ୍କୁ, ମୋର ପ୍ରିୟ କ୍ଷୀରସାଗର ଓ ଶ୍ୱେତଦ୍ୱୀପକୁ ଏବଂ ଗଙ୍ଗା, ସରସ୍ୱତୀ, ଅଳକାନନ୍ଦା ଓ ଯମୁନା ଆଦି ନଦୀଙ୍କୁ ମୋର ରୂପ ଭାବରେ ସ୍ମରଣ କରନ୍ତି, ସେମାନେ ମଧ୍ୟ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି। 'ଶ୍ରୀମଦ୍ଭାଗବତ'ର ଏହି ଉକ୍ତି ଆମକୁ ସ୍ପଷ୍ଟ ରୂପେ ସୂଚାଏ, ଯେ ଏ ସମସ୍ତ ହେଉଛନ୍ତି ଭଗବାନଙ୍କର ସ୍ୱରୂପ। ଏଣୁ ଆମେ ସେମାନଙ୍କୁ ସ୍ୱୟଂ ଭଗବାନ ବିଷ୍ଣୁଙ୍କ ପରି ଉପାସନା କରିବା ଉଚିତ।

## ପବିତ୍ର କୈଳାସ ମାନସରୋବର



ପୁରାଣରେ ବର୍ଣ୍ଣିତ ଅଛି- ଦେବୀ ସତୀଙ୍କ ମୃତଦେହକୁ ଧରି ପାଗଳପ୍ରାୟ ଘୂରି ବୁଲୁଥିବା ମହାଦେବଙ୍କ କ୍ରୋଧ ଶାନ୍ତ କରିବା ଲାଗି ଭଗବାନ ବିଷ୍ଣୁ ସୁଦର୍ଶନ ଚକ୍ର ପ୍ରେରଣ କଲେ । ସୁଦର୍ଶନ ମାତା ସତୀଙ୍କ ଶରୀରକୁ ୫୧ ଖଣ୍ଡରେ ପରିଣତ କଲା । ଏହି ଖଣ୍ଡ ସବୁ ବିଛାଡ଼ି ହୋଇ ବିଭିନ୍ନ ସ୍ଥାନରେ ଛିଟିକି ପଡ଼ିଲା । ଏହି ଖଣ୍ଡଗୁଡ଼ିକ ମଧ୍ୟରୁ ମାତା ସତୀଙ୍କ ଡାହାଣ ହାତ ଖସିପଡ଼ିଥିବା ସ୍ଥାନଟି ପବିତ୍ର କୈଳାସ ପର୍ବତ ପାଦଦେଶରେ ରହିଛି । ଏହି ସ୍ଥାନ ଏବେ ତିବ୍ବତ ସୀମା ଅଧିନ ହିମାଳୟ ପର୍ବତମାଳାର କୈଳାସ ମାନସରୋବର ନିକଟରେ ରହିଛି । ଯାହା ମାନସ ରୂପରେ ପ୍ରସିଦ୍ଧ । ଏଠାରେ ମାତା ଶକ୍ତିଙ୍କୁ ଦାକ୍ଷାୟିନୀ ରୂପରେ ପୂଜା କରାଯାଇଥାଏ । ମହାଦେବଙ୍କ ଭୈରବ ସ୍ୱରୂପ ମଧ୍ୟ ଏଠାରେ ରହିଛନ୍ତି । ଯାହାଙ୍କୁ ଅମର ନାମରେ ଆରାଧନା କରାଯାଇଥାଏ । ତେବେ ଏଠାରେ ମାତା ଶକ୍ତିଙ୍କ କୌଣସି ମନ୍ଦିର ନଥିବା ଜଣାଯାଏ । ଏକ ପ୍ରସ୍ତରରେ ମାତାଙ୍କୁ ପୂଜା କରାଯାଇଥାଏ । ପବିତ୍ର ମାନସରୋବର ଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁମାନେ ଏଠାରେ ମାତା ଶକ୍ତି ଓ ଭଗବାନ ଶିବଙ୍କ କୃପା ଲାଭ କରିଥାନ୍ତି । ତେବେ ଏହି ଯାତ୍ରା ପାଇଁ ଭକ୍ତମାନଙ୍କୁ ଅଶେଷ କଷ୍ଟ ଉଠାଇବାକୁ ପଡ଼ିଥାଏ । ବରଫାବୃତ ହିମାଳୟ ପର୍ବତର ବିୟୁକ୍ତ ତାପମାତ୍ରାରେ ଭକ୍ତମାନଙ୍କୁ ମାନସରୋବର ନିକଟରେ ପହଞ୍ଚିବାକୁ ହୋଇଥାଏ । ସଡ଼କ ଓ ବାୟୁପଥରେ ମାନସରୋବର ଯାତ୍ରା ସମ୍ଭବ ହୋଇଥାଏ । ମାନସରୋବର ବର୍ତ୍ତମାନ ତିବ୍ବତ୍ ସୀମାରେ ଯାଉଥିବାରୁ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏହି ଯାତ୍ରାର ଆୟୋଜନ କରାଯାଇଥାଏ । ଜୁନ୍ ମାସରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି ଯାତ୍ରା ପାଇଁ ସ୍ୱତନ୍ତ୍ର ଆବେଦନ ଏବଂ ଡାକ୍ତରୀ ପରୀକ୍ଷା କରାଇବାକୁ ହୋଇଥାଏ । କୁହାଯାଏ ମାନସରୋବରରେ ସ୍ନାନ କଲେ ମନୁଷ୍ୟର ସମସ୍ତ ପାପ କ୍ଷୟ ହୋଇଥାଏ ଏବଂ ମୃତ୍ୟୁପରେ ତା'କୁ ଶିବଲୋକ ପ୍ରାପ୍ତି ହୁଏ। ସୃଷ୍ଟିକର୍ତ୍ତା ବ୍ରହ୍ମା ସୃଷ୍ଟି ସର୍ଜନା କରିବା ସମୟରେ ଏହି ସରୋବରର କଳ୍ପନା କରି ଏହାର ସୃଷ୍ଟି କରିଥିଲେ । ସେଥିପାଇଁ ଏହାକୁ ମାନସ ସରୋବର ବା ମାନସରୋବର କୁହାଯାଇଥାଏ । କୈଳାସ ମହାଦେବଙ୍କ ନିବାସସ୍ଥଳ ବୋଲି ପୁରାଣରେ ବର୍ଣ୍ଣିତ ।

## ଇନ୍ଦ୍ରିୟ ସ୍ଥିରତା ହିଁ ଯୋଗ



ଉପନିଷଦ୍ ଭାରତୀୟ ଧର୍ମସାହିତ୍ୟର ଭଣ୍ଡାରକୁ ସମୃଦ୍ଧ କରିଛନ୍ତି । ଏଥିରେ ଅନେକ ଶିକ୍ଷଣୀୟ ଉପଦେଶ ଲୁଚି ରହିଛି । ଯେପରିକି କଠୋପନିଷଦ୍‌ର ଶାନ୍ତିପାଠରେ କୁହାଯାଇଛି- "ଓଁ ସହନାଭବତୁ । ସହ ନୌ ଭୁନକ୍ତୁ । ସହ ବୀର୍ଯ୍ୟଂ କରବାବହେ । ତେଜସ୍ୱୀନାଭଧୀତମସ୍ତୁ ମା ବିଦ୍ୱିଷଶବହୈ ।" ଯାହାର ଅର୍ଥ ହେଉଛି ପରମାତ୍ମା ଆମ ଦୁହିଁଙ୍କୁ (ଗୁରୁ ଏବଂ ଶିଷ୍ୟ କିମ୍ବା ତୁମେ ଆଉ ମୁଁ) ଏକ ସହିତ ରକ୍ଷା କରନ୍ତୁ । ଏକ ସଙ୍ଗରେ ଆମକୁ ଉପଭୋଗ କରନ୍ତୁ । ଆମେ ସାଙ୍ଗ ହୋଇ ପରାକ୍ରମ ପ୍ରଦର୍ଶନ କରୁ । ଆମର ଅଧ୍ୟୟନ ତେଜସ୍ୱୀ ହେଉ । ଏହି ଶ୍ଳୋକ ପାଠ କରି ଭୋଜନ କିମ୍ବା କୌଣସି କାର୍ଯ୍ୟ କଲେ ସେହି କାର୍ଯ୍ୟର ପୂଣ୍ୟ ପ୍ରାପ୍ତି ହୋଇଥାଏ । କଠୋପନିଷଦ୍‌ର ଦୁଇଟି ଅଧ୍ୟାୟ ମଧ୍ୟରୁ ଗୋଟିଏ ଅଧ୍ୟାୟରେ ନଚିକେତା ଏବଂ ଯମଙ୍କ ମଧ୍ୟରେ କଥାବାର୍ତ୍ତା ରହିଛି । ଏ ଦୁହିଁଙ୍କ ଆଲୋଚନାରେ ବୌଦ୍ଧିକତାର ପରିଚୟ ମିଳିଥାଏ । ଦ୍ୱିତୀୟ ଅଧ୍ୟାୟରେ ଇନ୍ଦ୍ରିୟ, ଆତ୍ମା ଏବଂ ଗ୍ରହ-ନକ୍ଷତ୍ର ବିଷୟରେ ଏପରି କିଛି କଥା କୁହାଯାଇଛି ଯାହା ଜାଣିବା ମନୁଷ୍ୟ ପକ୍ଷେ ହିତକର ।

ପ୍ରଥମ ଅଧ୍ୟାୟରେ କୁହାଯାଇଛି ଯେଉଁ ଘରେ ବ୍ରାହ୍ମଣ ଭୋକିଲା ରହିଥାଏ, ତାହାର ସମସ୍ତ ଇଚ୍ଛା, ଅପେକ୍ଷା, ସତ୍‌ସଙ୍ଗରୁ ପ୍ରାପ୍ତ ଫଳ ସତ୍ୟବାଣୀ କହିବାର ଫଳ, ଯଜ୍ଞ ଆଦି ସମସ୍ତ ପୂଣ୍ୟଫଳ ନଷ୍ଟ ହୋଇଯାଇଥାଏ । ଯେତେ ଧନ ମିଳିଲେ ବି ମନୁଷ୍ୟ କେବେ ସନ୍ତୁଷ୍ଟ ହୋଇପାରେ ନାହିଁ । ତେଣୁ ଅସୀମିତ ଧନ ଅର୍ଜନ କରିବା ବ୍ୟର୍ଥ । ନିଜକୁ ଅଭିଜ୍ଞ ଏବଂ ପଣ୍ଡିତ ବୋଲି ଭାବୁଥିବା ଲୋକ ଅନ୍ଧକାର ମଧ୍ୟରେ ରହିଥାଏ । ସେପରି ବ୍ୟକ୍ତି ଠାରୁ ଅନ୍ୟ ଜଣେ ମାର୍ଗଦର୍ଶନ ଲାଭ କରିବା ଠିକ୍ ସେହିପରି ଯେପରି ଜଣେ ଅନ୍ଧ ଅନ୍ୟ ଜଣେ ଅନ୍ଧକୁ ମାର୍ଗଦର୍ଶନ କରୁଛି । ଏପରି ସ୍ଥିତିରେ ଦୁହେଁ ବାଟ ଭୁଲିଯାଇଥାନ୍ତି । ଧନ ଲୋଭରେ ବ୍ୟକ୍ତି ପ୍ରମାଦ କାରଣରୁ ସ୍ୱର୍ଗଲୋକର ମାର୍ଗକୁ ଚୟନ କରେନାହିଁ । ସେ ଭାବେ ଇହଲୋକ ବ୍ୟତୀତ ଅନ୍ୟ ଲୋକ ନାହିଁ । ଏପରି କରୁଥିବା ମୂର୍ଖ ଲୋକ ବାରମ୍ବାର ମୃତ୍ୟୁ ପ୍ରାପ୍ତି କରିଥାଏ । ଆତ୍ମା ବିଷୟରେ କିଛି ଲୋକ ଆଦୌ କିଛି କଥା ଶୁଣିନାହାନ୍ତି ଏବଂ ଶୁଣିବା ପରେ ମଧ୍ୟ ବହୁତ ଲୋକ ଆତ୍ମା ବିଷୟରେ କିଛି ଜାଣିପାରନ୍ତି ନାହିଁ । କେବଳ ବିରଳ ଲୋକମାନେ ହିଁ ଆତ୍ମାକୁ ଚିହ୍ନିବାରେ ସଫଳ ହୋଇଥାନ୍ତି ।

ସେହିପରି କଠୋପନିଷଦ୍‌ର ଦ୍ୱିତୀୟ ଅଧ୍ୟାୟରେ କୁହାଯାଇଛି ଯେ ପରମାତ୍ମା ହେଉଛନ୍ତି ଏହି ଜୀବନର ଅତୀତ-ଭବିଷ୍ୟତର ଶାସକ । ତାଙ୍କୁ ପାଖରେ ପାଉଥିବା ମନୁଷ୍ୟ ତାଙ୍କୁ ନିନ୍ଦା ନକରି ତାଙ୍କୁ ପ୍ରଶଂସା କରିବା ସହିତ ତାଙ୍କ ଭଳି ହୋଇଯାଇଥାଏ ।

ପରମଧାମରେ ରହୁଥିବା ପରମାତ୍ମା ଏ ଜୀବଜଗତ ଏବଂ ମହାକାଶରେ ପରିବ୍ୟାପ୍ତ । ସେ ଆହୂତି ଅର୍ଥାତ୍ ମୃତ୍ୟୁଦାତା ମଧ୍ୟ। ଅତିଥି ଏବଂ ଦେବତାଙ୍କ ଠାରେ ମଧ୍ୟ ପରମାତ୍ମାଙ୍କ ଅଂଶ ରହିଛି । ମନ ଏବଂ ଇନ୍ଦ୍ରିୟକୁ ନିୟନ୍ତ୍ରଣ କରିପାରୁଥିବା ଲୋକର ବୁଦ୍ଧି ସ୍ଥିର ହୋଇଯାଏ ଏହି ଅବସ୍ଥାକୁ ପରମଗତି କୁହାଯାଏ। ଇନ୍ଦ୍ରିୟ ସ୍ଥିରତା ହିଁ ଯୋଗ ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା
ରବିବାର, ୧୨ ଜାନୁଆରୀ, ୨୦୨୫


# ୯ ନୂତନ ମାର୍ଗରେ ଗଡ଼ିଲା ୧୩ ବସ୍




ଭୁବନେଶ୍ୱର,୧୧ା୧ (ମହାଭାରତ): ଓଏସ୍ଆରଟିସି ଦ୍ୱାରା ପରିଚାଳିତ ହେବାକୁ ଥିବା ୯ଟି ନୂତନ ମାର୍ଗରେ ୧୩ଟି ବସ୍ ସେବାର ଶୁଭାରମ୍ଭ ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଭର୍ଚୁଆଲ ମୋଡରେ ଏହାର ଶୁଭ ଉଦଘାଟନ କରିଛନ୍ତି।

ଏହି ନୂତନ ବସ୍ ସେବା ସିଦ୍ଧ ଭୈରବୀ, ଗଣିଆ (କଣ୍ଟିଲୋ), କୋଟପାଡ଼, ଯୋରନ୍ଦା ଏବଂ ପାରଳାଖେମୁଣ୍ଡିକୁ ପୁରୀ ସହ ସଂଯୋଗ କରିବ। ସେହିପରି ଇନ୍ଦ୍ରାବତୀ ଓ ବ୍ରହ୍ମପୁରକୁ ଭୁବନେଶ୍ୱର ସହ, କୁନ୍ଦୁରାକୁ କଟକ ସହ ଏବଂ ବ୍ରହ୍ମପୁରକୁ ରାଉରକେଲା ସହ ସିଧାସଳଖ ସଂଯୋଗ କରିବ। ଏହାଦ୍ୱାରା ଓଡ଼ିଶା ତଥା ଆଭ୍ୟନ୍ତରଣ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ଗମନାଗମନ ପାଇଁ ଏକ ସୁଲଭ ଏବଂ ଆରାମଦାୟକ ସେବା ପାଇପାରିବେ।

ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଏହି ଅବସରରେ କହିଛନ୍ତି ଯେ, ରାଜ୍ୟର ପ୍ରତ୍ୟେକ କୋଣ ଅନୁକୋଣରେ ମୌଳିକ ଜନସାଧାରଣ ପରିବହନ ଭିତ୍ତିଭୂମି ବିକାଶ ସହିତ, ଆମର ଲକ୍ଷ୍ୟ ହେଉଛି ଲୋକଙ୍କ ଜୀବନରେ ଏକ ସକରାତ୍ମକ ପରିବର୍ତ୍ତନ ଆଣିବା, ଯାହାଦ୍ୱାରା ସେମାନେ ରାଜ୍ୟ ସରକାରଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ଏହି ଉତ୍କୃଷ୍ଟ ସୁଯୋଗର ସଦୁପଯୋଗ କରିପାରିବେ। ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଶିକ୍ଷା, କୃଷି, ଶିଳ୍ପ କ୍ଷେତ୍ରରେ ବିକାଶ କରିବା ଆମର ମୁଖ୍ୟ ଲକ୍ଷ୍ୟ। ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ବିଧାୟକ ନବରଙ୍ଗପୁର, କୋଟପାଡ ଏବଂ ଖଣ୍ଡପଡ଼ା ଉପସ୍ଥିତ ଥିଲେ।

ଅନ୍ୟମାନଙ୍କ ମଧ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଦିପ୍ତେଶ ପଟ୍ଟନାୟକ ଏବଂ ପରିବହନ କମିଶନ ଅମିତାଭ ଠାକୁରଙ୍କ ସହିତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଶୀ, କଥକ ଓ ଭାରତନାଟ୍ୟମ୍‌ରେ ବିମୋହିତ ଦର୍ଶକ



ଭୁବନେଶ୍ୱର,୧୧ା୧ (ମହାଭାରତ): ମୁକ୍ତେଶ୍ୱର ନୃତ୍ୟ ଉତ୍ସବର ଚତୁର୍ଥ ସନ୍ଧ୍ୟାରେ ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିବା ଓଡ଼ିଶୀ, କଥକ ଏବଂ ଭାରତନାଟ୍ୟମ୍ ସମସ୍ତ ଦର୍ଶକମାନଙ୍କୁ ବିମୋହିତ କରିଛି।

ଆଜି ଚତୁର୍ଥ ସନ୍ଧ୍ୟାର ପ୍ରଥମ ଚରଣରେ ଅଗ୍ନିମିତ୍ର ବେହେରା ଓ ତାଙ୍କର ସାଥୀବୃନ୍ଦଙ୍କ ଦ୍ୱାରା ଶିବବନ୍ଦନା ଉପସ୍ଥାପିତ କରାଯାଇଥିଲା। ପରେପରେ ଏକକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ ନୃତ୍ୟଶିଳ୍ପୀ ସତ୍ୟପ୍ରକାଶ ସାହୁ୍ୟ ଆଦିତ୍ୟ ପିଭି ଓ ପାଶ୍ୱର୍ନାଥ ଉପାଧ୍ୟାୟଙ୍କ ଭାରତନାଟ୍ୟମ୍ ନୃତ୍ୟରେ ଦର୍ଶକ ବିମୋହିତ ହୋଇଥିଲେ। ପରିଶେଷରେ ନୂଆଦିଲ୍ଲୀରୁ ଆସିଥିବା କଥକ ଶିଳ୍ପୀ ଆଦିତି ମଙ୍ଗଳଦାସ ଏବଂ ଗ୍ରୁପଙ୍କ ଦ୍ୱାରା ଦଳଗତ କଥକ ନୃତ୍ୟ ପରିବେଷଣ କରାଯାଇଥିଲା। ଶାସ୍ତ୍ରୀୟ ନୃତ୍ୟର ପରିବେଷଣରେ ମୁକ୍ତେଶ୍ୱର ପ୍ରାଙ୍ଗଣର ଶୋଭା ଓ ସୁଷମା ବହୁଗୁଣିତ ହୋଇଥିଲା।

ଆଜିର କାର୍ଯ୍ୟକ୍ରମରେ ପ୍ରଫେସର ନିବେଦିତା ମହାନ୍ତି, ଓଡ଼ିଶା ଗବେଷଣା କେନ୍ଦ୍ରର ମୁଖ୍ୟ ପ୍ରଫେସର ଚଣ୍ଡୀପ୍ରସାଦ ନନ୍ଦ, କାଦମ୍ବିନୀ ପତ୍ରିକାର ସମ୍ପାଦିକା ଡ. ଇତି ସାମନ୍ତ, ସଙ୍ଗୀତ ନାଟକ ଏକାଡ଼େମୀର ସଚିବ ଡ. ଭାଗ୍ୟଲିପି ମଲ୍ଲ ଓ ବିଶିଷ୍ଟ ସାହିତ୍ୟିକ ଡ. ମିହିର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଅଣ-ସଂଗଠିତ ଶ୍ରମିକ ସଚେତନତା

ଭୁବନେଶ୍ୱର,୧୧ା୧ (ମହାଭାରତ): ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଭାଇ ଓ ଭଉଣୀମାନଙ୍କର ସାମାଜିକ ନିରାପତ୍ତାକୁ ଆଗେଇ ନେବା ଓ ପ୍ରତ୍ୟେକ ଶ୍ରମିକର ସାମାଜିକ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ସ୍ଥାନୀୟ ରେଡକ୍ରସ ଭବନଠାରେ ଜିଲ୍ଲା ଶ୍ରମ ବିଭାଗ, ଖୋର୍ଦ୍ଧା, ଭୁବନେଶ୍ୱର, ଶିଶୁ ଓ ମହିଳା ବିକାଶ କେନ୍ଦ୍ର (ସି.ସି.ଡବ୍ଲୁ.ଡି), ଆକ୍ସନଏଡ୍ ଆସୋସିଏସନ ଓ ଅଣସଂଗଠିତ ଶ୍ରମିକମଞ୍ଚ ଓଡିଶାଙ୍କ ମିଳିତ ଆନୁକୂଲ୍ୟରେ ଏକ ଦିବସୀୟ ସଚେତନତା ଶିବିର ଆୟୋଜିତ ହୋଇଯାଇଅଛି। ଅତିଥି ଭାବରେ ଖୋର୍ଦ୍ଧା ଜିଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ, ସହକାରୀ ଶ୍ରମ ଅଧିକାରୀ ରଶ୍ମିତା କୁମାରୀ ପାତ୍ର ଓ କାଳୀପୁତ୍ର କୁଲଦୀପ ପ୍ରସାଦ, ଆକ୍ସନଏଡ୍ ଆସୋସିଏସନ୍ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ଦନ୍ତୋପନ୍ତ ଥେଙ୍ଗାଡି ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ଧର୍ମେନ୍ଦ୍ର କୁମାର ମିଶ୍ର ପ୍ରମୁଖ କେନ୍ଦ୍ର ଓ ରାଜ୍ୟସରକାରଙ୍କର ବିଭିନ୍ନ ଯୋଜନା, ନୀତି ଉପରେ ବକ୍ତବ୍ୟ ରଖିଥିଲେ।




କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ଶିବ ସାହୁ ପ୍ରଦାନ କରିଥିବା ବେଳେ ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ଅଣସଂଗଠିତ ଶ୍ରମିକ ସଚେତନତା ଶିବିରର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ପରିଶେଷରେ ଆକ୍ସନଏଡ୍ ଆସୋସିଏସନ୍ର ସିନିୟର ଲିଡ୍ ପ୍ରୋଗ୍ରାମ୍ ଶୁଭେନ୍ଦୁ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅଣସଂଗଠିତ ଶ୍ରମିକ ମଞ୍ଚର ପ୍ରତିନିଧି ଫୁଲମଣି ପାତ୍ର, ଅଭୟ ପତି, ସଂଯୁକ୍ତା ମହାରଣା, ଗୋଲାପ କୁମାରୀ ସାହୁ ଓ ମାନବିକ ଅଧିକାର କର୍ମୀ ମାନସ ରଞ୍ଜନ ପ୍ରଧାନ ପ୍ରମୁଖ ନିଜର ମତାମତ ପ୍ରଦାନ କରିଥିଲେ। ଏହି ସଚେତନତା ଶିବିରକୁ ଗୀତାଞ୍ଜଳି ପଣ୍ଡା, କଲ୍ୟାଣୀ ରାଉତ, ସ୍ନିଗ୍ଧା ଦାସ, ରେଣୁବାଳା ସାହୁ, ସରସ୍ୱତୀ ପରିଡା, ସବିତା ରାଉତ, ବିଷ୍ଣୁପ୍ରିୟା ସାମଲ, ସୁଚରିତା ବେହେରା ଓ ସ୍ମୃତିରେଖା ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଆଇଆଇଟି ଭୁବନେଶ୍ୱରରେ ସିଏସ୍ଆର୍ କନକ୍ଲେଭ

ଭୁବନେଶ୍ୱର,୧୧ା୧ (ମହାଭାରତ): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱରର ସିଏସ୍ଆର୍ ସେଲ୍ ଦ୍ୱାରା ଆଇଆଇଟି ଭୁବନେଶ୍ୱର ଗବେଷଣା ଏବଂ ଉଦ୍ୟୋଗୀ ପାର୍କର ସହଯୋଗରେ ଆୟୋଜିତ ଦ୍ୱିତୀୟ ସିଏସ୍ଆର କନକ୍ଲେଭରେ ୧୦ ଜାନୁଆରୀ ୨୦୨୫ରେକର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧର ମିଳିତ ଆଭିମୁଖ୍ୟ ଉପରେ ଆଲୋଚନା ହୋଇଯାଇଛି। ଶିଳ୍ପ, ଏନଜିଓ, ଏକାଡେମୀ, ଏବଂ ସରକାରୀ ଏଜେନ୍ସିଗୁଡ଼ିକରେ ବକ୍ତା ଏବଂ ଅଂଶଗ୍ରହଣକାରୀମାନେ ବିସ୍ତୃତ ବିଷୟବସ୍ତୁ 'ଏକ ସ୍ଥାୟୀ ପ୍ରଭାବ ପାଇଁ ଏକତା' ଏବଂ କନକ୍ଲେଭର ଶୀର୍ଷକ 'ନିରନ୍ତର ବିକାଶ ପାଇଁ ପ୍ରଯୁକ୍ତି, ନବସୃଜନଏବଂ ସର୍କୁଲାର୍ ଇକୋନୋମି' ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ।



ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲକର ଏହି ଅବସରରେ କହିଛନ୍ତି ଯେ ରକ୍ତଦାନର ଅନୁରୂପ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧର ଭୂମିକା ମଧ୍ୟରେ ସମାନତା ରହିଛି। ଏହି ସେବା ଉଭୟ ଦାତା ଏବଂ ପ୍ରାପ୍ତକର୍ତ୍ତାଙ୍କୁ ଲାଭ ଦିଏ। ସତେଜ ରକ୍ତ ଦାତାଙ୍କ ଶରୀରରେ ପୁରୁଣା ରକ୍ତକୁ ବଦଳାଇ ଦାତାଙ୍କର ସାଧାରଣ ସ୍ୱାସ୍ଥ୍ୟକୁ ବଢ଼ାଇଥାଏ ଆହୁରି ମଧ୍ୟ, ଆମେ ପାରମ୍ପାରିକ ବ୍ୟବହାର କରି ବର୍ଜନ କରିବା ମାନସିକତାରୁ ଦୂରେଇ ଯିବା ଉଚିତ ଯାହା ସ୍ଥିରତାକୁ ଗୁରୁତ୍ୱ ଦେଇଥାଏ ପରିବେଶ ଅନୁକୂଳ ଅଭ୍ୟାସ ଏବଂ ଅକ୍ଷୟ ଶକ୍ତି ବ୍ୟବହାର କରି ଆମେ ଆମର ଆବଶ୍ୟକତାକୁ ପୂରଣ କରିବା ସହିତ ସମସ୍ତଙ୍କ ପାଇଁ ଏକ ଉତ୍ତମ ଭବିଷ୍ୟତ ସୁନିଶ୍ଚିତ କରିପାରିବା। ପ୍ଲାଷ୍ଟିକ୍ ବ୍ୟବହାରକୁ ଏଡାଇବା ପାଇଁ ଖାଦ୍ୟ ଅପଚୟକୁ ହ୍ରାସ କରିବା ପାଇଁ ପଦକ୍ଷେପ ଠାରୁ ଆରମ୍ଭ କରି ଆଇଆଇଟି ଭୁବନେଶ୍ୱର ବିଭିନ୍ନ ଉତ୍ସର ନିରନ୍ତର ବ୍ୟବହାର ଦିଗରେ ନେଇଥିବା ପଦକ୍ଷେପ ବିଷୟରେ ସେ ଉଲ୍ଲେଖ କରିଛନ୍ତି। ଶ୍ରୀ ବି.କେ. ମିଶ୍ର, କନଭେନର, ସିଏସଆର ଫୋରମ୍, ଓଡିଶା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରୁ ଓଡିଶା ଗତ ଦେଢ଼ ଦଶନ୍ଧି ମଧ୍ୟରେ କ୍ରମାଗତ ଭାବରେ ଜାତୀୟ ଜିଡିପି ତୁଳନାରେ ଅଧିକ ରହିଛି। ଏକ ଦୃଢ ଶିଳ୍ପ ଇକୋସିଷ୍ଟମ୍ ସହିତ ରାଜ୍ୟ ବର୍ତ୍ତମାନ ଦେଶର ଦ୍ୱିତୀୟ ପସନ୍ଦଯୋଗ୍ୟ ନିବେଶ ଗନ୍ତବ୍ୟସ୍ଥଳ ହୋଇଛି। ଆସନ୍ତା ୨୦୩୬ ସୁଦ୍ଧା ବିକଶିତ ଓଡିଶା ହେବାକୁ ଲକ୍ଷ୍ୟ ରଖିଛି।

କନକ୍ଲେଭର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଜୟସ୍ୱାଲ ନେକୋ ଇଣ୍ଡଷ୍ଟ୍ରିଜ୍, ଷ୍ଟିଲ୍ ପ୍ଲାଣ୍ଟ ଡିଭିଜନର ପ୍ରେସିଡେଣ୍ଟ (ମାନବସମ୍ବଳ) ଡି.କେ. ମହାନ୍ତି, ସିଏସଆର କ୍ଷେତ୍ରରେ ବିଭିନ୍ନ ଉଚିତ ଓ ଅନୁଚିତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ ଏବଂ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ତାଙ୍କର ବୃତ୍ତିଗତ ଅଭିଜ୍ଞତାରୁ ବିଭିନ୍ନ ଉଦାହରଣ ଦର୍ଶାଇଥିଲେ। ସର୍କଲ୍ ହେଡ୍, ଜେନେରାଲ୍ ମ୍ୟାନେଜର (କାନାରା ବ୍ୟାଙ୍କ) ଜଗଦୀଶ ଚନ୍ଦ, ସୁଧୀ ରଂଜନ ମିଶ୍ର, ମୁଖ୍ୟ, କର୍ପୋରେଟ୍ ବ୍ୟାପାର, ପାରାଦୀପ ଫସଫେଟ୍ ଲିମିଟେଡ୍ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ।

# ପାଇକ ରେଜିମେଣ୍ଟ ଗଠନ ଦାବି

ଭୁବନେଶ୍ୱର,୧୧ା୧ (ମହାଭାରତ): ଭୁବନେଶ୍ୱରରେ ଚାଲିଥିବା ୧୮ତମ ପ୍ରବାସୀ ଭାରତୀୟ ଦିବସ ସମାରୋହକୁ ଉଦଘାଟନ କରିବାକୁ ଆସିଥିବା ପ୍ରଧାନମନ୍ତ୍ରୀଙ୍କୁ ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ଭବ୍ୟ ସ୍ୱାଗତ କରିଥିଲା। ନିଖିଳ ଓଡ଼ିଶା ପାଇକ ମହାସଂଘ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହଙ୍କ ନେତୃତ୍ୱରେ ତଥା ଖୋର୍ଦ୍ଧା ବିଧାୟକ ବାହୁବଳି ପ୍ରଶାନ୍ତ ଜଗଦେବଙ୍କ, ମହାସଂଘ ଉପଦେଷ୍ଟାଙ୍କ ନିର୍ଦ୍ଦେଶକ୍ରମେ ପାଇକମାନେ ବୀରବାଦ୍ୟ ତାଳେ ତାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାମରିକ ଅଭିବାଦନ ପ୍ରଦାନ କରିଥିଲେ।

କେନ୍ଦ୍ରରେ ପାଇକ ରେଜିମେଣ୍ଟ ଗଠନ କରିବା ସହିତ, ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧିନତା ସଂଗ୍ରାମର ମାନ୍ୟତା ପ୍ରଦାନ କରିବାକୁ ରାଜ୍ୟ ସଭାପତି ଅଶୋକ କୁମାର ପାଲଟାସିଂହ ଦାବୀ କରିଛନ୍ତି। ସେହିଭଳି ରାଜ୍ୟ ସରକାର ପାଇକ ଏକାଡେମିର କାର୍ଯ୍ୟ ତଥା ପାଇକ ସ୍ମାରକୀକୁ ତ୍ୱରାନ୍ୱିତ କରିବା, ପ୍ରତ୍ୟେକ ସ୍କୁଲ କଲେଜରେ ପାଇକ ଆଖଡ଼ାକୁ ସାମିଲ କରିବା, ପାଇକ ଆଖଡ଼ାକୁ ରାଜ୍ୟ କ୍ରିଡ଼ାର ମାନ୍ୟତା ଦେବାକୁ ମହାସଂଘ ସାଧାରଣ ସମ୍ପାଦକ ଡଃ ଗାୟନ ସାମଲ, ରାଜ୍ୟ ସଂଯୋଜକ କେଦାର ଦାସ, ଖୋର୍ଦ୍ଧା ଜିଲା ସଭାପତି ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ, ଗୁରୁ ଭାସ୍କର ସୁନ୍ଦରାୟ, ପାଇକ ସର୍ଦ୍ଦାର ବିଜୟ କୁମାର ଆଇଚ, ଦଳବେହେରା ମନୋରଞ୍ଜନ ପଣ୍ଡିମକବାଟ, ମୁଖପାତ୍ର ରାଜିବ ନୟନ ରଥ, ଡ. ଶଶାଙ୍କ ଚୁଡ଼ାମଣୀ, କଟକ ଜିଲା ସଭାପତି ରାଜକିଶୋର ବେହେରା ପ୍ରମୁଖ ଦାବୀ କରିଛନ୍ତି।

# ଡିଜିପିଙ୍କୁ ବିଜେଡିର ସ୍ମାରକପତ୍ର



ଭୁବନେଶ୍ୱର,୧୧ା୧ (ମହାଭାରତ): ଝାରସୁଗୁଡ଼ା ଜିଲ୍ଲାର କିରିମିରା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟକୁ ନ କରାଇଦେବା ପାଇଁ ପୁଲିସ୍ ଅଗଣତାନ୍ତ୍ରିକ, ବେଆଇନ ଓ ଗଣତନ୍ତ୍ରକୁ କଣ୍ଠରୋଧ କରିବା ବିରୁଦ୍ଧରେ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛି ବିଜେଡିର ପ୍ରତିନିଧି ମଣ୍ଡଳୀ। ଦେବୀ ମିଶ୍ରଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ମଣ୍ଡଳୀରେ ପ୍ରମିଳା ମଲ୍ଲିକ, ପ୍ରତାପ ଜେନା, ସଞ୍ଜୟ ଦାସବର୍ମା, ଲେଖାଶ୍ରୀ ସାମନ୍ତସିଂହାର, ଡଃ ଲେନିନ୍ ମହାନ୍ତି, ମିହିର ରାୟ, ତୁମ୍ବନାଥ ପଣ୍ଡା, ଇପସୀତା ସାହୁ ପ୍ରମୁଖ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ଭେଟିଥିଲେ। ବିଜେପି ତଥା ସରକାରୀ ଦଳ ପରାଜୟ ଭୟରେ ଏଭଳି କାର୍ଯ୍ୟ କରିଛି। ପୋଲିସ୍ ସରକାରୀ ଦଳର ହାତବାରିସି ସାଜି ଏଭଳି କାର୍ଯ୍ୟ କରୁଛି। ଏହାକୁ ବିଜୁ ଜନତା ଦଳ ଦୃଢ଼ ଭାବରେ ନିନ୍ଦା କରୁଛି। ଛତିଶଗଡ଼ରେ ପୂର୍ବତନ ଝାରସୁଗୁଡା ବିଧାୟିକା ଦିପାଳି ଦାସଙ୍କ ଭାଇ ଏବଂ କିଛି ସରପଞ୍ଚ ତଥା ପଞ୍ଚାୟତ ସମିତି ସଦସ୍ୟଙ୍କୁ ଅଟକ ରଖିବା ନେଇ ବିଜେପିକୁ ଟାର୍ଗେଟ କରିଛି ବିଜେଡି। ବିଜେପି ନେତାଙ୍କ ହାତ ବାରିଶି ସାଜିଛି ପୁଲିସ ଏପରି ଅଭିଯୋଗ ଆଣିଛି ବିଜେଡି। ବିଜେପି ଚାପରେ ପୁଲିସ ଚେପା ବୋଲି କହିଛନ୍ତି ବିଜେଡି ନେତା ପ୍ରତାପ ଜେନା। ଝାରସୁଗୁଡ଼ା ଘଟଣାରେ ପୁଲିସ ଆଇଜି କୌଣସି ଆଖିଦୃଷ୍ଟିଆ ପଦକ୍ଷେପ ନେଲେ ନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଆଜି କୌଣସି ମତେ ମତଗ୍ରହଣ ହୋଇପାରିଲା ନାହିଁ। ରାଜ୍ୟରେ ଯେତେବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଭୁସୁଡ଼ି ପଡ଼ିଲାଣି ସେତେବେଳେ ବିଜେପି ନେତାଙ୍କ ପାଇଁ କାର୍ଯ୍ୟ କରୁଛି ପୁଲିସ ବୋଲି ଅଭିଯୋଗ ଆଣିଛି ବିଜେଡି।

# ପତିତପାବନ ଉପାସନା ଆଲୋଚନାଚକ୍ର

ଭୁବନେଶ୍ୱର,୧୧ା୧ (ମହାଭାରତ): ପୂଜ୍ୟ ପୂଜା, ଓଡ଼ିଶା ଓ ଆଧ୍ୟାତ୍ମିକପତ୍ରିକା ମୁକ୍ତିଦର୍ଶନ ପକ୍ଷରୁ ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଲେଖକ ସମବାୟ ସମିତି ପରିସରରେପତିତପାବନ ଉପାସନା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବକ୍ତା ଓ ଆଲୋଚକଭାବେ ପ୍ରଫେସରପ୍ରଫୁଲ୍ଲ କୁମାର ରଥଯୋଗଦାନ କରି ବିଭିନ୍ନ ଉଦାହରଣ ଦେଇ କହିଲେଯେ ଶ୍ରୀଜଗନ୍ନାଥଙ୍କ ପୂଜନ ପରଂପରାରେ ମହାପ୍ରଭୁ ଯେତେବେଳେ ଏକାକୀ ପୂଜା ପାଆନ୍ତିସେତେବେଳେ ଦଧିବାମନା ପରିପତିତପାବନ ନାମରେ ସମ୍ବୋଧିତ ହୋଇଥାଆନ୍ତି। କିନ୍ତୁ ଏହାପୂଜା ମନ୍ତ୍ର ଓ ପୂଜାଧାରୟକୁପ୍ରଭାବିତ କରିନଥାଏ। ଜଗନ୍ନାଥଙ୍କର ନିଜର ମୂଳମନ୍ତ୍ର ନ ଥିବାରୁ ସେ ବାସୁଦେବଙ୍କ ମନ୍ତ୍ରରେ ପୂଜା ପାଆନ୍ତି। ଦଧିବାମନ ପରି କୌଣସି ମନ୍ଦିରରେ ଏକୁଟିଆ। ପୂଜା ପାଉଥିବା ଜଗନ୍ନାଥଙ୍କୁ ପତିତପାବନ କୁହାଯାଏ। ଏହା ବହୁ ପ୍ରାଚୀନ ତେଣୁ ଜଗନ୍ନାଥଯିଏ ସେ ହିଁ ହେଉଛନ୍ତି ପତିତପାବନ ଏଥିରେ ଦ୍ୱିମତ ହେବାର ନାହିଁ। ପ୍ରାରମ୍ଭରେ ସଂପାଦକ ରମାକାନ୍ତ ମିଶ୍ର ସ୍ୱାଗତଭାଷଣ ପ୍ରଦାନ ସହ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନ,ମିନତୀ ଷଡ଼ଙ୍ଗୀ, ଡ. ଆରତି କର, ଡିସିଦ୍ଧାର୍ଥ କାନୁନଗୋ, ଲଡୁ କିଶୋର ପଢିଆରୀ, ପଦ୍ମଲୋଚନ ଦାସ, ସୁମନ କଲ୍ୟାଣ ପରିଡା ଆଦି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ରୀବାସ ପ୍ରସାଦ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

# ୱ୍ୱକଫେ ନୌ ବାର୍ଷିକ ଇଜତେମା ଉଦଘାଟିତ

ଭୁବନେଶ୍ୱର,୧୧ା୧ (ମହାଭାରତ): ସନ୍ତାନମାନଙ୍କୁ ସୁଶିକ୍ଷା ଦେବା ବାପ-ମାଙ୍କର ପରମ କର୍ତ୍ତବ୍ୟ । ଯୁବ ସୁଧାରରେ ହିଁ ସମାଜ ସୁଧାର। ବିଦ୍ୟା ଅର୍ଜନ କରିବା ସମସ୍ତ ବର୍ଗର ମୁସଲମାନମାନଙ୍କ ପାଇଁ ନିହାତି ଆବଶ୍ୟକ। ଜ୍ଞାନ ଅର୍ଜନ ଦ୍ୱାରା ବିବେକ ସୃଷ୍ଟି ହୋଇଥାଏ । ବିବେକ ଦ୍ୱାରା ମଣିଷ ଭଲ-ମନ୍ଦର ବିଚାର କରି ପାରିଥାଏ । ଏହିଭଳି ମତାମତ ପ୍ରକାଶ ପାଇଥିବାର ଦେଖାଦେଇଛି, କେରଙ୍ଗ ଅହମଦୀୟା ମୁସଲିମ ବସ୍ତିରେ ଆୟୋଜିତ ରାଜ୍ୟ ସ୍ତରୀୟ ୱ୍ୱକଫେ ନୌ ବାର୍ଷିକ ଇଜତେମାରେ। ଏହି ବାର୍ଷିକ ଇଜତେମାର ଉଦଘାଟନୀ ଉତ୍ସବରେ ଅହମଦୀୟା ମୁସଲିମ ସଂଗଠନର ଶିକ୍ଷା ସଚିବ ମୌଲାନା ସେକ ଫରିଦ ପୌରୋହିତ୍ୟ କରିଥିଲେ। ମୁଖ୍ୟ ବକ୍ତା ଭାବେ ଜିଲ୍ଲା କଟକର ମୁଖ୍ୟ ଧର୍ମ ପ୍ରଚାରକ ମୌଲାନା ସେକ ଇସହାକ ଅଲ୍ଲି ଯୋଗଦେଇ ୱ୍ୱକଫେ ନୌ ସନ୍ତାନଙ୍କ ଦାୟିତ୍ୱ ତଥା ପୁସ୍ତକ ଇସଲାମୀୟ ନିୟମର ଦର୍ଶନର ପରିଚୟ ସଂପର୍କରେ ଆଲୋକପାତ କରିଥିଲେ। ସେ କହିଲେ, ପିଲାମାନେ ସର୍ବଦା ସତ କହିବା ଉଚିତ। ସତ କହିବା ଦ୍ୱାରା ସାହାସ ବଢିଥାଏ। ସତ୍ କର୍ମକୁ ନିଅମିତ ଭାବେ କରିବା ଉଚିତ। ସର୍ବଦା ନମାଜ ପାଠ ଦ୍ୱାରା ଆମେ ମନ୍ଦ କାର୍ଯ୍ୟରୁ ଦୂରେଇ ରହିବା। ଏବଂ ସଇତାନ କବଳରୁ ବଞ୍ଚିତ ରହିବା। ଫଳରେ ଭଲ ମଣିଷଟିଏ ହୋଇପାରିବା। ପୁସ୍ତକ ଇସଲାମୀୟ ନିୟମର ଦର୍ଶନ ପରିଚୟ ବିଷୟରେ କହିଲେ,ଏହି ପୁସ୍ତକ ପାଞ୍ଚଗୋଟି ପ୍ରଶ୍ନୋତ୍ତରକୁ ନେଇ ପର୍ଯ୍ୟବେଶିତ। ମନୁଷ୍ୟର ଶାରୀରିକ,ନୈତିକ ଓ ଆଧ୍ୟାତ୍ମିକ ଅବସ୍ଥା ସମୂହ। ମୃତ୍ୟୁ ପରେ ମନୁଷ୍ୟର ଅବସ୍ଥା କ'ଣ। ଏ ଦୁନିଆରେ ଜୀବନର ଲକ୍ଷ୍ୟ କ'ଣ ଓ ତାହା କିପରି ପ୍ରାପ୍ତ ହେବ। ଧର୍ମବିଧାନର ବ୍ୟାବହାରିକ ନିର୍ଦ୍ଦେଶମାନର ଇହକାଳ ଓ ପରକାଳ ଜୀବନରେ ଭୂମିକା କ'ଣ। ଦିବ୍ୟ ଜ୍ଞାନ ପ୍ରାପ୍ତିର ମାଧ୍ୟମଗୁଡିକ କ'ଣ। ଏହି ପୁସ୍ତକଟି ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ପ୍ରବର୍ତ୍ତକ ହଜରତ ମିର୍ଜା ଗୁଲାମ ଅହମଦଙ୍କ ଦ୍ୱାରା ରଚିତ ପୁସ୍ତକ। ଏହି ପୁସ୍ତକଟି ବିଶ୍ୱରେ ଖୁବ୍ ପ୍ରସିଦ୍ଧି ଲାଭ କରିପାରିଛି।ଏହାର ମୂଳ ଲେଖା ଉର୍ଦ୍ଦୁ ଭାଷା ୟ ବିଶ୍ୱର ଅନେକ ବଡ ବଡ ଭାଷାରେ ଏହାର ଅନୁବାଦ କରାଯାଇଛି। ଏହା ଏବେ ଓଡିଆ। ଭାଷାରେ ଉପଲବ୍ଧ ।

ଏହି ଉଦଘାଟନୀ ଉତ୍ସବରେ ସମ୍ମାନୀତ ଅତିଥି ଭାବେ କେରଙ୍ଗ ସଭାପତି ଅମିରୁଦ୍ଦିନ ଖାଁ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ମୁଖ୍ୟ ଧର୍ମପ୍ରଚାରକ ମୌଲାନା ମିର ଅବ୍ଦୁଲ ହଫିଜ, କଟକ ସହରର ମୌଲାନା ଫଜଲ ହକ ଖାଁ ଏବଂ କଟକ ଜିଲ୍ଲାର ୱ୍ୱକଫେ ନୌ ସଚିବ ଯୋଗ ଦେଇଥିଲେ। ଉଦଘାଟନୀ ଉତ୍ସବ ପରେ ୱ୍ୱକଫେ ନୌ ପିଲାମାନଙ୍କର ଧାର୍ମିକ କାର୍ଯ୍ୟକ୍ରମର ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ପ୍ରତିଯୋଗିତାରେ ପବିତ୍ର କୋରାନ ପାଠ ଆବୃତି, ଉର୍ଦ୍ଦୁ ନଜମ ସଂଗୀତଗାନ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା, କୁଇଜ ପ୍ରତିଯୋଗିତା ହେବାର ରହିଛି। ଏହି କାର୍ଯ୍ୟକ୍ରମ ରବିବାର ସଂଧ୍ୟା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ପରିଚାଳନା କମିଟିର ସଚିବ ସୂଚନା ଦେଇଛନ୍ତି।

# ସଶକ୍ତ ହେବେ ଗ୍ରାମୀଣ କାରିଗର

ଭୁବନେଶ୍ୱର,୧୧ା୧ (ମହାଭାରତ): ୟଙ୍ଗ ଇଣ୍ଡିଆନସ୍ ଭୁବନେଶ୍ୱର ଏହାର ରୁରାଲ ଇନିସିଏଟିଭ୍ ଅନୁଯାୟୀ ଏକାମ୍ର ହାଟରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଦ୍ୱାରା ଆୟୋଜିତ ଏକାମ୍ର ଫେଷ୍ଟ ୨୦୨୫ରେ ଏକ ଷ୍ଟଲ୍ ପ୍ରଦର୍ଶନ କରିଛି। ଏହି ଷ୍ଟଲରେ ଗ୍ରାମାଞ୍ଚଳ ଭିନ୍ନକ୍ଷମ କାରିଗରମାନଙ୍କ ଦ୍ୱାରା ନିର୍ମିତ ଅଗରବତୀ ଓ ଫାଇନେଲ ସମେତ ହସ୍ତତନ୍ତ ଉତ୍ପାଦ ପ୍ରଦର୍ଶିତ ହୋଇଛି।



ପ୍ରତ୍ୟେକ ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ଦକ୍ଷତା ପ୍ରଦର୍ଶନ ଏବଂ ଜୀବିକା ନିର୍ବାହ ପାଇଁ ଏହି ସୁଯୋଗ ଏକ ପ୍ଲାଟଫର୍ମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଭାଗ୍ୟଲକ୍ଷ୍ମୀ ରେଡ୍ଡୀ, ତୁଳସୀ ରେଡ୍ଡୀ, ନିଶାମଣି ସାହୁ, ଶୁଭମ ସାହୁ , ଅଞ୍ଜଳି ପ୍ରଧାନ ଓ ଅନୱାର ଆଲାମଙ୍କ ସମେତ ସମସ୍ତ କାରିଗର ଏହି ପଦକ୍ଷେପର ଏକ ଅବିଚ୍ଛେଦ୍ୟ ଅଙ୍ଗ।

କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରି (ସିଆଇଆଇ)ର ୟଙ୍ଗ ଇଣ୍ଡିଆନସର ଏକ ପଦକ୍ଷେପ ଯାହା ଭାରତର ଭବିଷ୍ୟତକୁ ଏକତ୍ର କରିବା, ନେତୃତ୍ୱ ନେବା ସହ ପୁନଃ ସୃଷ୍ଟି ଏବଂ ପ୍ରଭାବିତ କରିବାକୁ ଚେଷ୍ଟା କରେ। ଏହି ପଦକ୍ଷେପ ମାଧ୍ୟମରେ ୟଙ୍ଗ ଇଣ୍ଡିଆନସ୍ ଭୁବନେଶ୍ୱର ମାର୍ଜିନାଲାଇଜଡ୍ ବର୍ଗର ସମ୍ପ୍ରଦାୟକୁ ସଶକ୍ତିକରଣ ଏବଂ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ନିଜର ପ୍ରତିବଦ୍ଧତା ପ୍ରଦର୍ଶନ କରେ।

ଏହି ପ୍ରତିଭାଶାଳୀ କାରିଗରମାନଙ୍କୁ ସମର୍ଥନ କରି ସେମାନଙ୍କୁ ସେମାନଙ୍କର ଦକ୍ଷତା ପ୍ରଦର୍ଶନ କରିବା ପାଇଁ ଏକ ପ୍ଲାଟଫର୍ମ ଯୋଗାଇ ଦେଇଥିବାରୁ ଆମେ ଗର୍ବିତ ବୋଲି ଟିମ୍ ଆକ୍ସେସିବିଲିଟି, ୟଙ୍ଗ ଇଣ୍ଡିଆନସ୍ ର ହରିଶ ଅଗ୍ରୱାଲ କହିଛନ୍ତି। ସେ ଆହୁରି କହିଛନ୍ତି, ଆମର ଏହି ପଦକ୍ଷେପ ଗ୍ରାମୀଣ ସମ୍ପ୍ରଦାୟ ଜୀବନରେ ଏକ ସକରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ଆମର ଉତ୍ସର୍ଗୀକୃତତାର ପ୍ରମାଣ।

# ବିକାଶ ପାଇଁ ଇଚ୍ଛାଶକ୍ତି

ଷାଠିଏ ଦଶକରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ଏହା ପୂର୍ବରୁ ଡକ୍ଟର ହରେକୃଷ୍ଣ ମହତାବ ବିଦେଶରୁ ପୁଞ୍ଜି ସଂଗ୍ରହ ନକରି ମଧ୍ୟ ରାଜ୍ୟର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିଥିଲେ। କିଛିଟା ଘରୋଇ ପୁଞ୍ଜି ନିବେଶ ହୋଇଥିଲା। କିନ୍ତୁ ଏହା ନିହାତି ଜରୁରୀ ନଥିଲା। ଏବେ ଅବଶ୍ୟ ସମୟ ବଦଳିଯାଇଛି। ସବୁ ରାଜ୍ୟ ବିଦେଶରୁ ପୁଞ୍ଜି ସଂଗ୍ରହ ପାଇଁ ପ୍ରୟାସ କରୁଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଅଭିଯାନ କରାଯାଉଛି। କିଛି ସଫଳ ହେଉଛି, ଆଉ କିଛି ଉଦ୍ୟମ ବିଫଳ ହେଉଛି। ବିଦେଶରୁ ପୁଞ୍ଜି ସଂଗ୍ରହ ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ସିଙ୍ଗାପୁର ଗସ୍ତରେ ଯାଇଥିଲେ। ସେଠାରେ ସେ ବହୁ ନିବେଶକାରୀଙ୍କ ସହ ଆଲୋଚନା କରିଛନ୍ତି ଏବଂ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ନିବେଶ କରିବାକୁ ପ୍ରବର୍ତ୍ତାଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ଏକ ରୋଡ ଶୋରେ ମଧ୍ୟ ଭାଗ ନେଇଥିଲେ। ଏହା ପୂର୍ବରୁ ମୁମ୍ବାଇରେ ମଧ୍ୟ ମୁଖ୍ୟମନ୍ତ୍ରୀ ମୁମ୍ବାଇରେ ଅନେକ ଶିଳ୍ପ ଗୋଷ୍ଠୀ ସହ ଆଲୋଚନା କରିଥିଲେ। ଅନେକ ଓଡ଼ିଶାରେ ନିବେଶ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କାରଣ ରାଜ୍ୟର ରାଜସ୍ୱ ବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ଶିଳ୍ପ ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଓଡ଼ିଶାରେ ଶିଳ୍ପ ପାଇଁ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ରହିଛି। ବିଶେଷ କରି ଖଣି ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଏଠାରେ ପର୍ଯ୍ୟାପ୍ତ ସୁଯୋଗ ରହିଛି। ଇସ୍ପାତ, ଆଲୁମିନିୟମ ଉତ୍ପାଦନ ନିମନ୍ତେ କଞ୍ଚାମାଲର ଅଭାବ ନାହିଁ। ପାଣି ଏବଂ ବିଦ୍ୟୁତ ।କ୍ତି ମଧ୍ୟ ଉପଲବ୍ଧ ଏବଂ ଶକ୍ତି ଉତ୍ପାଦନ ବୃଦ୍ଧି ପାଇଁ ପର୍ଯ୍ୟାପ୍ତ ସୁଯୋଗ ମଧ୍ୟ ରହିଛି। ଏହା ବ୍ୟତିତ ଆଇଟି ଏବଂ କୃଷି ଭିତ୍ତିକ ଶିଳ୍ପ ନିମନ୍ତେ ମଧ୍ୟ ସୁଯୋଗ ରହିଛି। ସମସ୍ୟା ହେଉଛି ଜମି। ଯେ କୌଣସି ଶିଳ୍ପ ପ୍ରତିଷ୍ଠା ନିମନ୍ତେ ଜମି ହେୁଛଇ ପ୍ରଥମ ଆବଶ୍ୟକତା। ଓଡ଼ିଶାର ଅଧିକାଂଶ ଜମି ହେଉଛି ଚାଷଜମି ବା ଜଙ୍ଗଲ ଜମି। ତେଣୁ ଜମି ଅଧିଗ୍ରହଣ ଏପରିକି ସରକାରୀ ଜମି ମଧ୍ୟ ଅଧିଗ୍ରହଣ କରିବା କଷ୍ଟକର ହେଉଛି। ଲୋକେ ଶିଳ୍ପ ପାଇଁ ଜମି ଛାଡ଼ିବାକୁ ନାରାଜ। ଏହାର ଯଥାର୍ଥତା ମଧ୍ୟ ରହିଛି। ଜଙ୍ଗଲ ଜମି ଅଧିଗ୍ରହଣ ନିମନ୍ତେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଅନୁମତି ଆବଶ୍ୟକ। ଏହା ବେଶ ସମୟସାପେକ୍ଷ। ଏହି କାରଣରୁ ପୋସ୍କୋ ପ୍ରକଳ୍ପ ଓଡ଼ିଶାରୁ ଓହରିଯାଇଥିଲା। ଅତୀତରେ ନବୀନ ପଟ୍ଟନାୟକ ସରକାର ମଧ୍ୟ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ନିମନ୍ତେ ପୁଞ୍ଜି ସଂଗ୍ରହ ନିମନ୍ତେ ଅନେକ ପ୍ରୟାସ କରିଥିଲେ। ପୂର୍ବରୁ ବିଜୁ ପଟ୍ଟନାୟକ ଏବଂ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱାଧିନ ସରକାର ମଧ୍ୟ ପ୍ରୟାସ କରିଛନ୍ତି। ବିଜୁ ବାବୁ କଳିଙ୍ଗନଗରରେ ସ୍ୱରାଜ ପଲଙ୍କ କାପାରୋ ଗ୍ରୁପକୁ ବୃହତ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ପ୍ରରୋଜିତ କରି ବିଫଳ ହୋଇଥିଲେ। କଂଗ୍ରେସ ଶାସନ କାଳରେ ଗୋପାଳପୁରରେ ଟାଟା ପ୍ରକଳ୍ପ ପ୍ରତିଷ୍ଠା ଉଦ୍ୟମ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ବିଫଳ ହୋଇଥିଲା। ପରେ ନବୀନ ବାବୁଙ୍କ ପ୍ରୟାସ ଫଳରେ କଳିଙ୍ଗନଗରରେ ଟାଟା ପ୍ରକଳ୍ପ ପ୍ରତିଷ୍ଠା ହେଲା। କିନ୍ତୁ ଏଥିପାଇଁ କିଛି କମ କଷ୍ଟ କରିବାକୁ ପଡ଼ିନାହିଁ। ଆଦିବାସୀଙ୍କ ବିରୋଧ ଯୋଗୁ ଅନେକ ସମସ୍ୟା ସୃଷ୍ଟି ହୋଇଥିଲା। ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାକୁ ପୁଞ୍ଜି ଆକୃଷ୍ଟ କରିବାକୁ ଅନେକ ପ୍ରୟାସ କରାଯାଇଛି। ଓଡ଼ିଶାରେ ଅନେକ ଥର ନିବେଶକ ସମ୍ମିଳନୀ ହୋଇଛି। ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁରେ ଆଲୋଚନା ବୈଠକ, ରୋଡ ଶୋ ହୋଇଛି। ବିଦେଶରେ ମଧ୍ୟ ଅନେକ ନିବେଶକଙ୍କ ସହ ଆହଲୋଚନା ବୈଠକ, ସମ୍ମିଳନୀ ହୋଇଛି। ଅନେକ ପ୍ରତିଶ୍ରୁତି ମଧ୍ୟ ମିଳିଛି। କିନ୍ତୁ ସେଥିରୁ ଖୁବ କମ ପ୍ରସ୍ତାବ କାର୍ଯ୍ୟକାରୀ ହୋଇଛି।

# ସଂକ୍ରାମକ ହେପାଟାଇଟିସ୍

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

“ ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ୍ୟ ଏହି ଭୂତାଣୁ ବ୍ୟାପିଥାଏ । ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ 'ବି'ର ବାହକ । ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ 'ବି' ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି ।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚୀତ କରାଯାଇଛି ଯେ ରାଜ୍ୟରେ ହେପାଟାଇଟିସ ବି ଓ ହେପାଟାଇଟିସ ସି ଏକ ବୃହତ ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଛି ଓ ଏହା ଏକ ରୋଗ ରକ୍ତବାହିତ ରୋଗ ହୋଇଥିବାରୁ ଏହାକୁ ଏକ ନୋଟିଫାୟବଲ (ବିଜ୍ଞାପିତ ରୋଗ) ଅଟେ। ତେଣୁ ସମସ୍ତ ସରକାରୀ, ଘରୋଇ, ଏଜିଓ କ୍ଷେତ୍ରରେ ରୋଗୀଙ୍କ ପରୀକ୍ଷା ଚିକିତ୍ସା ହେଉଥିଲେ ଏ ନେଇ ସମସ୍ତ ସମ୍ପର୍କିତ ତଥ୍ୟ ଜିଲ୍ଲା ତଥା ରାଜ୍ୟର ସର୍ଭେଲାନ୍ସ ଅଧିକାରୀଙ୍କୁ ଜଣାଯିବ। ସୂଚନାଥାଉକି ହେପାଟାଇଟିସ ସିକୁ ସଠିକ ସମୟରେ ତନିମାସ ପାଇଁ ଚିକିତ୍ସା କରାଗଲେ ତାହା ଭଲ ହୋଇପାରିବ ମାତ୍ର ହେପାଟାଇଟିସ ବି ପାଇଁ ଜୀବନବ୍ୟାପୀ ଚିକିତ୍ସା ଦରକାର। ତେବେ ଡାଇଗ୍ନୋସିସର ଅଭାବ ପାଇଁ ଯକୃତ ନଷ୍ଟ ଓ ହେପାଟୋ ସେଲ୍ୟୁଲାର କାସିନୋମା ବା ଯକୃତ କର୍କଟ ଦେଖାଦେଉଛି। ରାଜ୍ୟରେ ଏହି ଦୁଇ ରୋଗକୁ ହ୍ରାସ କରିବାକୁ ହେଲେ ଧାର୍ଯ୍ୟ ସମୟରେ ଆବଶ୍ୟକ ତଥ୍ୟ ସହିତ ପ୍ଲାନିଂ ଓ ଇଣ୍ଟରଭେସନର ଆବଶ୍ୟକତା ରହିଛି। ସୂଚନା ଥାଉକି ଗତ ବର୍ଷ ସ୍ୱାସ୍ଥ୍ୟ ବିଭାଗ କର୍କଟ ରୋଗକୁ ଏକ ନୋଟିଫାଏବୁଲ ରୋଗ ଭାବେ ଘୋଷଣା କରିଥିଲେ।

ସାଧାରଣରେ ହେପାଟାଇଟିସ୍ ବି ଏକ ସଂକ୍ରାମକ ରୋଗ । ହେପାଟାଇଟିସ 'ବି' ଭୂତାଣୁ ଦ୍ୱାରା ସୃଷ୍ଟି ହେଉଥିବା ଏହି ରୋଗଟି ମଣିଷର ଯକୃତକୁ ଆକ୍ରାନ୍ତ କରି ଯନ୍ତ୍ରଣା ଦେଇଥାଏ । ଯାହାକୁ ଯକୃତ ପ୍ରଦାହ କୁହାଯାଏ । ଏହି ରୋଗୀ ମାନଙ୍କର ଆଖି ହଳଦିଆ ଦିଶେ, ଏହା ସହ ଯକୃତ ଫୁଲିଯାଇଥାଏ, ଜ୍ୱର ଅନୁଭୂତ ହେବା ସହ ବାନ୍ତି ମଧ ହୋଇଥାଏ । ଯଦି ଦୀର୍ଘ ଚିକିତ୍ସା ଦ୍ୱାରା ଶରୀରରୁ ଏହି ଭୂତାଣୁର ବିଲୋପ ନହୁଏ ତେବେ ଏହା ଲିଭର ସିରୋସିସ୍ ବା ଜଳଉଦରୀ ଏବଂ ଯକୃତ କର୍କଟ ରୋଗ ମଧ ସୃଷ୍ଟି କରିପାରେ । ଏକ ପରିସଂଖ୍ୟାନରୁ ଜଣାଯାଇଛି ଯେ ଆମ ଦେଶରେ ପ୍ରାୟ ୮୦ଭାଗ ଯକୃତ କର୍କଟ ରୋଗ ପାଇଁ ହେପାଟାଇଟିସ୍ 'ବି' ସଂକ୍ରମଣ ହିଁ ଦାୟୀ । ଦେଶରେ ହେପାଟାଇଟିସ୍ 'ବି' ଭୂତାଣୁର ବାହକ ବହୁ ସଂଖ୍ୟାରେ ଅଛନ୍ତି । ଏହି ବାହକମାନେ ସାଧାରଣରେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ଭୂତାଣୁ ଦ୍ୱାରା ଅନ୍ୟ ଲୋକମାନେ ମଧ ସଂକ୍ରମିତ ହୋଇଥାନ୍ତି। ବିଶୁଦ୍ଧ ହୋଇନଥିବା ଛୁଞ୍ଚି ଦ୍ୱାରା ଇଞ୍ଜେକସନ୍ ନେଲେ କିମ୍ବା କର୍ଣ୍ଣଛେଦନ (କାନଫୋଡା ବା ଚିତାକୁଟା) କଲେ, ଅପରିଷ୍କାର ଯନ୍ତ୍ରପାତି ଦ୍ୱାରା ଅସ୍ତ୍ରୋପଚାର ବା ଘା' ସିଲେଇ କଲେ, ଏହି ସଂକ୍ରମଣର ସମ୍ଭାବନା ରହିଥାଏ । ସେହିପରି ସଂକ୍ରମିତ ରକ୍ତଦେଲେ ହେପାଟାଇଟିସ୍ 'ବି' ଭୂତାଣୁ ଦ୍ୱାରା ସଂକ୍ରମିତ ହେବାର ସମ୍ଭାବନା ଖୁବ୍ ବଢ଼ିଥାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ ଏହି ରୋଗ ବ୍ୟାପିଥାଏ।

ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମାଆ ଠାରୁ ଭୂତାଣୁର ଶିକାର ହୋଇଥାନ୍ତି ଯାହାକୁ ସିଧାପ୍ରସାରଣ କୁହାଯାଏ । ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି ଗୋଟିଏ ପିଲାଠାରୁ ଅନ୍ୟ ଏକ ପିଲାକୁ ସଂକ୍ରମଣ । ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ । ଅସୁରକ୍ଷିତ ଯୌନ ସମ୍ପର୍କ ଦ୍ୱାରା ମଧ ଏହି ଭୂତାଣୁ ବ୍ୟାପିଥାଏ। ସମଗ୍ର ପୃଥିବୀରେ ୩୫୦ ମିଲିୟନ ଲୋକ ହେପାଟାଇଟିସ୍ 'ବି'ର ବାହକ। ଛଅ ଲକ୍ଷ ଲୋକ ପ୍ରତିବର୍ଷ ହେପାଟାଇଟିସ୍ 'ବି' ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି। ଆମେରିକା, ୟୁରୋପ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଇତ୍ୟାଦି ଦେଶରେ ହେପାଟାଇଟିସ୍ 'ବି'ର ବାହକ ସାଧାରଣତଃ କମ୍ (୦.୧-୨%)। ଜାପାନ, ଭାରତ, ସିଙ୍ଗାପୁର ଓ ଭୂମଧ ସାଗରୀୟ ଅଞ୍ଚଳରେ ୩-୫% ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ। ଦକ୍ଷିଣ ପୂର୍ବ ଏସିଆ, ଚାଇନା ଓ ଆଫ୍ରିକା ମହାଦେଶରେ ୮ରୁ ୧୨% ବ୍ୟକ୍ତି ହେପାଟାଇଟିସ୍ 'ବି'ର ବାହକ ଅଟନ୍ତି।

ଆମ ଦେଶରେ ବର୍ତ୍ତମାନ ପାଖାପାଖି ପାଞ୍ଚକୋଟି ହେପାଟାଇଟିସ୍ 'ବି' ଭୂତାଣୁର ବାହକ ରହିଛନ୍ତି । ଏହି ହେପାଟାଇଟିସ୍ 'ବି' ଭୂତାଣୁ ସଂକ୍ରମିତ ପିଲାମାନଙ୍କ ସାଧାରଣତଃ କୌଣସି ଲକ୍ଷଣ ନଥାଏ ଓ ଏମାନେ ନୀରୋଗ ଓ ସୁସ୍ଥ ଜଣାପଡ଼ିଥାନ୍ତି । ଏହି ସୁସ୍ଥ ଦେଖାଯାଉଥିବା ପିଲାମାନେ ତାଙ୍କ ସଂସ୍ପର୍ଶରେ ଆସୁଥିବା ଅନ୍ୟ ପିଲାମାନଙ୍କୁ ଅଜାଣତରେ ଏହି ଭୂତାଣୁ ପ୍ରଦାନ କରିଥାନ୍ତି । ପରବର୍ତ୍ତୀ କାଳରେ ଏହି ସୁସ୍ଥ ଦେଖାଯାଉଥିବା ବାହକ ପିଲାଟି ଯକୃତ ସିରୋସିସ୍ ବା ଯକୃତ କର୍କଟ ରୋଗରେ ଆକ୍ରାନ୍ତ ହୋଇଥାଏ । କେତେକ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଶିଶୁ ଅବସ୍ଥାରେ ସଂକ୍ରମିତ ହୋଇଥିବା ପ୍ରତି ଚାରିଜଣଙ୍କ ମଧରୁ ଜଣେ ଯକୃତ କର୍କଟ ରୋଗରେ ପ୍ରାଣ ହରାଇଥାନ୍ତି ।

ପ୍ରକାଶିତ ବିଭିନ୍ନ ରିପୋର୍ଟର ତଥ୍ୟ ଅନୁଯାୟୀ ଜଣାଯାଇଛି ଯେ, ଭାରତରେ ପ୍ରତି କୋଡିଏ ଜଣଙ୍କ ମଧ୍ୟରୁ ଅନ୍ୟୁନ ଜଣେ ଏହି ହେପାଟାଇଟିସ୍ 'ବି' ଭୂତାଣୁର ବାହକ । ସବୁଠାରୁ ଉଦ୍‌ବେଗଜନକ ତଥ୍ୟ ହେଉଛି ଏହାଯେ, ଅଧିକାଂଶ ବାହକମାନେ ଜାଣିନଥାନ୍ତି ଯେ ସେମାନେ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ । ଏହି ବାହକ ମାନଙ୍କ ସାଙ୍ଗରେ ଆକସ୍ମିକ ସଂପର୍କ ଦ୍ୱାରା ଏହି ଭୂତାଣୁ ଜଣେ ସୁସ୍ଥ ଲୋକର ଶରୀରକୁ ପ୍ରବେଶ କରେ। ହେପାଟାଇଟିସ୍ 'ବି' ଏଡ୍‌ସ ଠାରୁ ଶହେଗୁଣ ଅଧିକ ସଂକ୍ରାମକ । ପରିସଂଖ୍ୟାନରୁ ଜଣାଯାଇଛି ଭାରତରେ ପାଞ୍ଚକୋଟିରୁ ଅଧିକ ହେପାଟାଇଟିସ୍ 'ବି'ର ବାହକ ଅଛନ୍ତି ଓ ଚାଳିଶ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ଭୂତାଣୁ ଜନିତ ସାଙ୍ଘାତିକ ଯକୃତ ରୋଗରେ କଷ୍ଟ ପାଉଛନ୍ତି । ପ୍ରତିବର୍ଷ ପ୍ରାୟ ଏକଲକ୍ଷ ଲୋକ ଏହି ଭୂତାଣୁ ଜନିତ ଯକୃତ ରୋଗରେ ମୃତ୍ୟୁବରଣ କରିଥାନ୍ତି । ହେପାଟାଇଟିସ୍ 'ବି' ପ୍ରତିଷେଧକ ଟୀକା ବ୍ୟବହାର କଲେ ଏହି ରୋଗରୁ ସୁରକ୍ଷିତ ରହିହେବ । ସାଧାରଣତଃ ତିନୋଟି ଟୀକା ଜଣେ ଲୋକକୁ ନେବାକୁ ପଡ଼ିଥାଏ । ପ୍ରଥମ ଟୀକାର ଏକମାସ ପରେ ଦ୍ୱିତୀୟ ଟୀକା ଓ ପ୍ରଥମ ଟୀକାର ଛଅମାସରେ ତୃତୀୟ ଟୀକା ନେବାକୁ ପଡ଼ିଥାଏ । ସାଧାରଣତଃ ଏହି ଟୀକା ନେବାପରେ ଶରୀରରେ କୌଣସି କୁପ୍ରଭାବ ଦେଖାଯାଇନଥାଏ । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ସଂକ୍ରାମକ ହେପାଟାଇଟିସ୍ 'ବି' ପାଇଁ ଯେଉଁ ପ୍ରକାରର ଉତ୍କୃଷ୍ଟ ଧରଣର ଔଷଧ ଆବିଷ୍କାର ହୋଇଅଛି ତାହାଦ୍ୱାରା ଏହି ଭୂତାଣୁକୁ ଶରୀରରୁ ସଂପୂର୍ଣ୍ଣ ନିଶ୍ଚିହ୍ନ କରିହେବନାହିଁ । ଯେଉଁ ଔଷଧଗୁଡ଼ିକ ଏହି ଭୂତାଣୁ ବିରୋଧରେ କିଛି ପରିମାଣରେ ସଫଳତା ଲାଭ କରିଥାଏ ସେଗୁଡ଼ିକ ମଧ୍ୟରୁ ବଜାରରେ ଉପଲବ୍ଧ ହେଉଥିବା ଇଣ୍ଟରଫେରନ୍, ଏଣ୍ଟାକେଭିର ଓ ଟେନୋଫୋଭିର୍ ମୁଖ୍ୟ । ଏହି କାରଣ ଯୋଗୁଁ ସବୁଠାରୁ ଉତ୍ତମ ଉପାୟ ହେଉଛି ସଂକ୍ରମଣରୁ ନିଜକୁ ରକ୍ଷା କରିବା, ଏହା କେବଳ ଟୀକା ଦ୍ୱାରା ସମ୍ଭବ । ସାଧାରଣତଃ ହେପାଟାଇଟିସ୍ 'ବି' ଏକ ସଂକ୍ରାମକ ରୋଗ ହୋଇଥିଲେ ବି ଏହାକୁ ନେଇ ସେପରି ଭୟଭୀତ ହେବାର କାରଣ ନାହିଁ । ଅଭିଜ୍ଞ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେଲେ ପ୍ରାଥମିକ ଅବସ୍ଥାରୁ ଏହାର ନିରାକରଣ ସମ୍ଭବ ।

ପ୍ରଫେସର, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭

# କପୋତପକ୍ଷୀ ଗୁରୁମୋର

**॥ ଅଜୟ କୁମାର ବେହେରା ॥**

ସାମାନ୍ୟ ଚଢ଼େଇଟିଏ ସମସ୍ତେ ଭାବନ୍ତି ମାତ୍ର ତା ଠାରୁ ତାର ଚରିତ୍ରରୁ ଜ୍ଞାନ ଶିକ୍ଷା କରିଥିଲେ ଦତ୍ତାତ୍ରେୟ ଯେ ଭାଗବତର ଅବଧୂତ କପୋତପକ୍ଷୀ ପରି ତାଙ୍କ ଆଉ ତେଇଶ ଗୁରୁ ଥିଲେ ମୋଟ ଚବିଶ ଗୁରୁରେ ଦତ୍ତାତ୍ରେୟ ତାଙ୍କର ଜୀବନର ଭିତ୍ତି ବାନ୍ଧିଥିଲେ। ମାତା ଅନୁସୂୟା, ଯାହା ଅସୂୟା ଭାବ ନାହିଁ ସେ ହିଁ ଅନସୂୟା ଆଉ ପିତା ଜଣେ ଋଷି, ଋଷି ବା ଗୁଣ ଯାହାର ଥାଏ ଅର୍ଥାତ୍ ଭୋଗ ପରମ୍ପରାରେ କେଉଁ ଭୁଲ ରହିଛି ତାକୁ ଚିହ୍ନଟ ସନାକ୍ତ କରି ତହିଁରେ ବିପ୍ଲବୀ ହେବା, ହେଲେ ତାଙ୍କ ନାମ ଅତ୍ରୀ। ତ୍ରି ତାଙ୍କର ନଥିଲା। ଅର୍ଥାତ୍ ତ୍ରିଗୁଣ ସତ୍ତ୍ୱ, ରଜ, ତମରେ ସେ ବିଶେଷ ସଂସ୍କାରିତ। ଏ ତିନିଗୁଣ କେମିତି କେଉଁ ପରିସ୍ଥିତିରେ ବ୍ୟକ୍ତି ନିୟନ୍ତ୍ରଣ ରଖିବ ଏପରି ସାଧନାରତ। ଏହାଙ୍କର ପୁତ୍ର ମଧ୍ୟରେ ଦତ୍ତାତ୍ରେୟ ଆସିଥିଲେ। ଅତ୍ରେୟ ବଂଶୋଦ୍ଭବ ନାମକରା ପୁରୁଷ, ଯେ ପରୋକ୍ଷରେ ବ୍ରହ୍ମା, ବିଷ୍ଣୁ ଆଶୀର୍ବାଦ ସମ୍ଭୁତ ସମ୍ମିନିତ ସୃଷ୍ଟି ସ୍ଥିତି ସଂହାର ଶକ୍ତିର ମିଶ୍ରଣ ଶକ୍ତିର ଯୌଥରୂପ।

ସେ ସ୍ୱୟଂ ଗୁରୁ ହୋଇନାହାଁନ୍ତି ସେ ଗୁରୁ କରିଛନ୍ତି ଚବିଶ ଜଣଙ୍କୁ। ଚବିଶ ଜଣଙ୍କ ମୌଳିକ ଗୁଣ ଶିକ୍ଷାରେ ସେ ଶିକ୍ଷିତ ଓ ଶିକ୍ଷକ। ଏବି ମୋର ଗୁରୁଙ୍କ ଗୁରୁ ଏମିତି କି ମୋର ମାନସ ଗୁରୁ, ତାଙ୍କର ଭଜନ ସାଇ ଭଜନରେ ମୁଁ ବେଳା ବେଳେ ପାଳିଧରି ହୃଦୟକୁ ନେଇଥିଲି ଓ ଶିରିଡ଼ି ସାଇଙ୍କ ମନ୍ଦିର ଶିରିଡ଼ିରେ ତାଙ୍କର ମୂର୍ତ୍ତିକୁ ପ୍ରଥମେ ଦେଖିକରି ଓ ସତ୍ୟସାଇବାବାଙ୍କ ପିତାମାତାଙ୍କ ସମାଧି ମନ୍ଦିର ପରିସରରେ ନୃସିଂହନାଥ ମନ୍ଦିର ବେଢ଼ାରେ ଦତ୍ତାତ୍ରେୟଙ୍କ ମନ୍ଦିରରେ ଦିଁଙ୍କ ପ୍ରତିମୂର୍ତ୍ତି ଅନେକଥର ଦର୍ଶନ କରିଛି। ପରେ ମାୟାପୁରୀ, ହରିଦ୍ୱାରରେ ଗୋରଖନାଥଙ୍କ ଦର୍ଶନ ପରେ ସେଠାରେ ଥିବା ଅଧକ୍ଷଙ୍କ ପାଖରୁ ମୁଁ ଗୁରୁଜ୍ଞାନ ପାଇଲି ଓ ସେଠାରେ ଦତ୍ତାତ୍ରେୟଙ୍କ ପ୍ରତ୍ୟକ୍ଷ ପୂଜାର ଅବସର ମିଳିଥିଲା। ଢ଼େଙ୍କାନାଳ କପିଳାସ ପାହାଡ଼ ପାଦ ଦେଶରେ ଅଛି ତାରଣ କ୍ଷେତ୍ର ଯାହା ମହାରାଷ୍ଟ୍ରର ପ୍ରଖ୍ୟାତ ଜ୍ୟୋର୍ତିଲିଙ୍ଗ ଭୀମାଶଙ୍କରଙ୍କ ପର୍ବତ ତଳ ଆଶ୍ରମ ଅଧକ୍ଷ ଶ୍ରୀଗଣେଶ୍ୱର ମହାରାଜଙ୍କ ଦ୍ୱାରା ପ୍ରେରଣାରେ ଆମ ଓଡ଼ିଶାର ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ୰ଦ୍ୱାରିକାମୋହନ ମିଶ୍ରଙ୍କ ପ୍ରବଳ ଚେଷ୍ଟାରେ ଦତ୍ତାତ୍ରେୟ ସାଇଆଶ୍ରମ ହୋଇଛି। ଶିରିଡ଼ି ବାବାଙ୍କ ଏହା ଏକ ବିଶେଷ କ୍ଷେତ୍ର ହେଲେ ବି ଦତ୍ତାତ୍ରେୟଙ୍କ ପ୍ରତିମା ଜୀବନ୍ତ ପରି ଏଠାରେ ପ୍ରପୂଜିତ ମୁଁ ତାଙ୍କ କରୁଣାରେ ଏଠାକୁ ବହୁଥର ଦର୍ଶନକୁ ଯାଇଛି।

ଗୁରୁ ଗୋରଖପନ୍ଥୀମାନେ ଦତ୍ତାତ୍ରେୟଙ୍କୁ ଏକ ଗୁରୁ ରୂପେ ମାନ୍ୟତା ଦିଅନ୍ତି। ଖୋଦ ସାଇବାବାଙ୍କ କହିଛନ୍ତି ଯେ ସେ ଦତ୍ତାତ୍ରେୟଙ୍କ ଏକ ଅବତାର। ଶୈବ ବୈଷ୍ଣବ ବ୍ରହ୍ମ ତିନିର ସମାହାର ପଥରେ ସେ ଧର୍ମମତ। ଏଇ ଦତ୍ତାତ୍ରେୟଙ୍କ ଉପାସନାରେ ମୋର ମାନସ ବାରମ୍ବାର ପଥ ଭୁଲିଲେ ବି ମୋର ଆସିଯାଉଛି। ତାଙ୍କପରି ମୋର ଅନେକ ଗୁରୁ ଶୈବ ଶାକ୍ତ ବୈଷ୍ଣବ ସୌର ଗାଣପତ୍ୟ ସମ୍ପ୍ରଦାୟରେ ଗୁରୁ ଅଛନ୍ତି। ଶାକ୍ତରେ ଦୁର୍ଗା, କାଳୀ ଦଶମହାବିଦ୍ୟା ମନ୍ତ୍ର ତନ୍ତ୍ରଶାସ୍ତ୍ରରେ ମୋର ପ୍ରବଳ ଅଭିରଚି ଶ୍ରୀ ଶ୍ରୀ ଚଣ୍ଡୀ ଚଣ୍ଡୀ ପୁରାଣ ଦେବୀ ଭଗବତ ମୁଁ ଆଦରର ଗ୍ରନ୍ଥ ରୂପେ ସାଇତି ପଢ଼ିଛି। ଅନେକଙ୍କର ରୋଗ ବ୍ୟାଧି ଆଦିରେ ଚଣ୍ଡୀମନ୍ତ୍ର ପ୍ରୟୋଗ କରି ସିଦ୍ଧି ଫଳ ପାଇଛି। ମୋର ଜଣେ ୰ପ୍ରଣବାନନ୍ଦ ତ୍ରିପାଠୀ ଏମତି ଜଣେ ଶାକ୍ତ ଯେ ଅପୂର୍ବ ଜ୍ଞାନର ଭଣ୍ଡାର ସେ ମୋତେ ନିୟତି ପତ୍ରିକାର ଏକ କର୍ମଚାରୀ ଯୋଗୁ ଶ୍ରଦ୍ଧା କରି ତାଙ୍କର ଏକ ମନ୍ତ୍ରିତ ପୁସ୍ତକ ବିଶ୍ୱର ରଙ୍ଗମଞ୍ଚ ମୋତେ ପ୍ରଦାନ କରିବା ସହିତ ତାଙ୍କର ରଚିତ ଚଣ୍ଡୀର ସେପଲେସସି ଓ ଓଡ଼ିଆରେ ନବାକ୍ଷରୀ ଚଣ୍ଡୀର ସଂକ୍ଷିପ୍ତ ପୁସ୍ତକ ମୋତେ ଶ୍ରଦ୍ଧା ଭକ୍ତିରେ ପାଠ ପାଇଁ ପ୍ରଦାନ କରିଥିଲେ।

ମୁଁ ବୈଷ୍ଣବଧର୍ମରେ ଅନେକ ମଠ ସହିତ ଜଡ଼ିତ ବୃନ୍ଦାବନ ବିନା ପଇସାରେ ମୋର ଏକ ସଂକଳ୍ପ ଯାତ୍ରା କେମିତି ସଫଳ ଏକଥା ଲମ୍ବା କାହାଣୀ। ଶ୍ରୀକୃଷ୍ଣ ଲୀଳା ମୋ ଜୀବନରେ ଘଟିଛି। ରାଧାରାଣୀ ପଇସା ନଥିଲେ ବି କେମିତି ବୃନ୍ଦାବନରେ ପେଯ ଭରି ଅମୃତ ତୁଲ୍ୟ ଭୋଜନ ଦିଅନ୍ତି। ବାଟଖର୍ଚ୍ଚ ଦେଇ ନିଅନ୍ତି, ରଖନ୍ତି, ପୁଣି ବିଦାୟ ଦିଅନ୍ତି ଏହା ମୋର ଅଙ୍ଗେଲିଭାଇବା କଥା। ତିରୁପତିରେ ଏମିତି ଏକ ଆଚମ୍ବିତ ଦର୍ଶନକୁ ହାତରେ ପଇସା ନଥାଇ ଯାଇଛି। ବହୁ ବହୁ ଭିଡ ଭିତରେ ପଇସା ଦେଇ ସାଙ୍ଗମାନଙ୍କ ସହିତ ଯାଇନପାରିବି ଠାକୁରଙ୍କ ବିଜୟ ପ୍ରତିମା ମୋରି ପ୍ରତୀକ୍ଷା କଡ଼ରେ ପଟୁଆରରେ ବାହାରି ମୋରି ପାଖରେ ଠିଆ ହୋଇ କିଛି ସମୟ ବିମାନରେ ରହିଲେ ମୁଁ ତାଙ୍କୁ ଦର୍ଶନ କରି ଆତ୍ମତୃପ୍ତି ଆତ୍ମବିସ୍ମୃତି ହୋଇଛି। ଏତେଭିଡ଼ରେ ବି ରହିବା ସ୍ଥାନ ଭଗବାନ ଦୁଇ ଦିନ ରହିବା ପାଇଁ ବାସଘର ଦେଇଛନ୍ତି। ଦୁଇଦିନ ମାଗଣା ମନ୍ଦିରର ତରଫରୁ ଦିଆଯିବା ଅମୃତତୁଲ୍ୟ ଦଧିଅନ୍ନ ପେଟପୁରା ଖାଇଛି। ସର୍ବହରାଟିଏ ରେଳରେ କେତେ ଅନୁଭବ କଲେ କେହି ଅଯାଚିତ ଭାବରେ ଅନ୍ନ ଚାପ ଦେଇ ଖୋଇଛନ୍ତି। ଅନ୍ନ ପୁଣି ଏମିତି ସେମିତି ନୁହଁ ସମ୍ପୂର୍ଣ୍ଣ ବୈଷ୍ଣବନ୍ନ। କଟକ ପୁରୀର ବହୁ ଆଶ୍ରମରେ କିଛି ଦିନ ସତସଙ୍ଗ ଭଜନ କରିଛି। ଏବେ ବି ବାୟାଙ୍କ ଆଶ୍ରମ, ରାଧାରମଣ ଦେବଙ୍କ ଆଶ୍ରମ ଯାହା ବିଖ୍ୟାତ, ଖାନନଗରର ଆଶ୍ରମ ଆଦିରୁ ପ୍ରସାଦ ମହାରାଜମାନେ ଭଲ ପର୍ବ ଦିନ ଦେଖି ପଠାନ୍ତି। ଶ୍ରୀବୈକୁଣ୍ଠନାଥ ବ୍ରହ୍ମଚାରୀ ମୋର ଜଣେ ପରମ ଗୁରୁ ସେ ତାଙ୍କ ଆଶ୍ରମକୁ କିଛି ମାୟାରେ କେବେ କେବେ ପଥ ଦେଖାଇ ଭିଡି ନିଅନ୍ତି ସେଠାରେ ଗୋପାଳ ଦଧିଅନ୍ନ ଭିନ୍ନ ପ୍ରସାଦମାନ ପାଇଛି। କଟକ ଯୋବ୍ରାରେ ଥିବା ନିଗମାନନ୍ଦ ଆଶ୍ରମରେ କେବେ ଗୁରୁ ଦର୍ଶନକୁ ଗଲେ ଆଶ୍ରମର ପୂଜକ ପୁରୋହିତମାନେ ଅନ୍ନାଦି ନଖୋଇ ଛାଡ଼ନ୍ତି ନାହିଁ। ଅନେକ ନାମ କୀର୍ତ୍ତନ, ରାମାୟଣ ପରାୟଣ, ହନୁମାନ ଚାଳିଶାରେ ଶ୍ରୋତା ପାଇଁ ନିମନ୍ତ୍ରଣ ପାଇ ଗଲେ ଅନ୍ନନଖାଇ ଫେରେନାହିଁ। ମୁଁ ସାଇବାବାଙ୍କର ଦ୍ୱାରା ଆମିଷ ଭକ୍ଷଣ ଏକ ପରିସ୍ଥିତିରେ ପଡ଼ି ଛାଡ଼ିଛି। ସାଇବାବାଙ୍କର ଭଜନ ସହସ୍ରନାମ ପୂଜାରେ ବେଳେ ଭାଗ ନେଇ ସର୍ବଦା ଦିବ୍ୟାନ୍ନରେ ସମୟ କାଟିଛି। ପର୍ତ୍ତୀ ଭୋଜନ ଅନ୍ୟତ୍ର ଦୁର୍ଲଭ। ପ୍ରଭୁ ନିଳାଦ୍ରୀଶଙ୍କର ମହାପ୍ରସାଦ ପୂର୍ବରୁ ଦର୍ଶନ ଗଲେ ପାଉଥିଲି ଏବେ ଯାଇପାରୁନାହିଁ ହେଲେ ମନନ ମାତ୍ରେ ଦୁଇ ତିନିରେ କେହିନା କେହି ପ୍ରସାଦ ପହଞ୍ଚାଇ ଦେଉଛନ୍ତି। ପ୍ରଭୁ ବଳରାମଙ୍କ ପ୍ରସାଦ ପ୍ରତି ମାସରେ ଅନେକଥର ମୋ ଏହି କୁଟୀରରେ ଆଶ୍ଚର୍ଯ୍ୟ ଭାବରେ ପହଞ୍ଚିଛି। ମୁଁ ତାଙ୍କର ସେ ମୋର ଏକ ଭାବନରେ ଛେଦ ନାହିଁ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ପରମହଂସ ପ୍ରଜ୍ଞାନାନନ୍ଦ

**॥ ହେମନ୍ତ କୁମାର ପରିଡ଼ା ॥**

ସାଧୁସନ୍ଥମାନେ ହେଉଛନ୍ତି ଯୁଗେ ଯୁଗେ ଆମ୍ଭମାନଙ୍କର ମାର୍ଗଦର୍ଶକ ତଥା ଏ ଧରଣୀର ଆଶୀର୍ବାଦ । ସେମାନେ ତାଙ୍କର ସତ୍ ସଂକଳ୍ପ, ସତ୍ ଚିନ୍ତନ ଓ ସତକର୍ମ ଦ୍ୱାରା ସାରା ସଂସାରର ଅଶେଷ କଲ୍ୟାଣ ସାଧନ କରିଥାଆନ୍ତି । ଏହିଭଳି ଜଣେ ସତ୍‌ପୁରୁଷ ହେଉଛନ୍ତି ବିଶ୍ୱବିଦିତ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ । ତାଙ୍କର ଜନ୍ମ ଓ କର୍ମରେ ଦିବ୍ୟତା ତାଙ୍କୁ ମହାମାନବ କରିବା ସହିତ ବିଶ୍ୱବିଦିତ କରିଛି ।

କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ ସନ୍ନିକଟ ବେଲତଳ ଗ୍ରାମର ବନ୍ଧପଡ଼ା ଠାରେ ୧୯୫୯ ମସିହା ଅଗଷ୍ଟ ୧୦ ତାରିଖ ଦିନ ତାଙ୍କର ଜନ୍ମ । ପବିତ୍ର ଶ୍ରାବଣମାସ ଶୁକ୍ଳ ସପ୍ତମୀର ଏକ ଶ୍ରାବଣୀ ସକାଳେ ସେ ମାତା ବୈଦେହୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ । ପିତା ହେଉଛନ୍ତି ଶ୍ରୀ ନିରଞ୍ଜନ ଦାଶ । କୁଳୀନ ଅଧିକାରୀ ବ୍ରାହ୍ମଣ ପରିବାର । ଜନ୍ମର କିଛି ଦିନ ପୂର୍ବରୁ ଜଣେ ସନ୍ନ୍ୟାସୀ ଆସି ତାଙ୍କ ମାଙ୍କୁ କହିଥିଲେ 'ମା' ତୁମ କୋଳରେ ଜଣେ ମହାତ୍ମା ଆସୁଛନ୍ତି । ସେ ଏ ବିଶ୍ୱର ଗୁରୁ ହୋଇ ବହୁଲୋକଙ୍କୁ ଦିବ୍ୟ ମାର୍ଗ ପ୍ରଦର୍ଶନ କରିବେ । ସନ୍ନ୍ୟାସୀଙ୍କ କଥା ସତ୍ୟ ହେଲା । ଉପଯୁକ୍ତ ସମୟରେ ପୁତ୍ର ସନ୍ତାନଟିଏ ଜନ୍ମ ଲାଭ କଲେ । ସନ୍ନ୍ୟାସୀଙ୍କ ଭବିଷ୍ୟ ବାଣୀକୁ ସମ୍ମାନ ଜଣାଇ ପିଲାଟିର ନାମ ରଖାଗଲା ତ୍ରିଲୋକୀ । ଗ୍ରାମ୍ୟ ପାଠଶାଳାରୁ ପଟ୍ଟାମୁଣ୍ଡାଇ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଓ ପରେ ପରେ ରେଭେନ୍ସା ମହାବିଦ୍ୟାଳୟରୁ ଅର୍ଥଶାସ୍ତ୍ରରେ ସ୍ନାତକ ଓ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରିଥିଲେ । ଅର୍ଥନୀତିର ଜଣେ ଅଧାପକ ଭାବେ ରେଭେନ୍ସା ମହାବିଦ୍ୟାଳୟ ସମେତ କେତକ ସରକାରୀ କଲେଜରେ ଅଧାପନା କରିଥିଲେ । ସେ ଥିଲେ ଅତ୍ୟନ୍ତ ମେଧାବୀ, ମଧୁରଭାଷୀ, ଛାତ୍ରପ୍ରିୟ ଓ ବନ୍ଧୁବତ୍ସଳ । ଜଣେ ଦକ୍ଷ୍ୟ ଅଧାପକ ଭାବେ ତାଙ୍କର ସୁନାମ ଥିଲା ।

ପିଲାଟି ଦିନରୁ ତାଙ୍କ ଭିତରେ ବୈରାଗ୍ୟଭାବ ପରିଲକ୍ଷିତ ହୋଇଥିଲା । ସାଧୁ ସନ୍ଥଙ୍କୁ ଦେଖିଲେ ସେ ଅତ୍ୟନ୍ତ ଆନନ୍ଦ ଅନୁଭବ କରୁଥିଲେ । ସେମାନଙ୍କ ସେବା ପାଇଁ ଆବଶ୍ୟକ ହେଲେ ଛୁଟି ନେଇ ସେମାନଙ୍କ ସହ ସମୟ ବିତାଉଥିଲେ । ଯେତେବେଳେ ସମୟ ପାଉଥିଲେ ହିମାଳୟ ପଳାଉଥିଲେ । ମା'ଗଙ୍ଗାଙ୍କ କୂଳରେ ରହି ଜପଧ୍ୟାନ, ସ୍ୱାଧ୍ୟାୟ ଓ ତପସ୍ୟାରେ ସମୟ ଅତିବାହିତ କରିଥିଲେ । ଗୁରୁଙ୍କ ଅନୁସନ୍ଧାନରେ ସେ ସାରା ଭାରତ ଭ୍ରମଣ କରିଛନ୍ତି । ଶେଷରେ କ୍ରିୟାଯୋଗ ଧାରାର ମହାନ ସନ୍ଥ ପରମହଂସ ହରିହରାନନ୍ଦଙ୍କ ପାଦତଳେ ନିଜକୁ ସମର୍ପି ଦେଇଥିଲେ । ଗୁରୁଙ୍କ ନିର୍ଦ୍ଦେଶକ୍ରମେ ଚାକିରି ପଦପଦବୀ ତ୍ୟାଗକରି ସେ କ୍ରିୟାଯୋଗର ପ୍ରଚାର ପାଇଁ ବିଦେଶ ଯାତ୍ରା କରିଥିଲେ । ୧୯୯୫ ମସିହା ଏପ୍ରିଲ ୨୫ ତାରିଖ ଦିନ ଶ୍ରୀଗୁରୁଙ୍କ ଠାରୁ ପବିତ୍ର ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସେ ହେଲେ ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରି । ଏହି ନାମରେ ସେ ସେବେଠାରୁ ପରିଚିତ ହେଲେ । ନିଜର ଗଭୀର ଆତ୍ମ ପ୍ରତ୍ୟୟ ଓ ଦୃଢ଼ ସାଧନା ଯୋଗୁଁ ସେ ଗୁରୁଙ୍କର ବହୁପ୍ରିୟ ଓ ନିକଟତ୍ତମ ଶିଷ୍ୟ ଥିଲେ । ସାଧନାର ଗଭୀରତାକୁ ଲକ୍ଷ୍ୟ କରି ଗୁରୁଦେବ ହରିହରାନନ୍ଦ ଶିଷ୍ୟ ପ୍ରଜ୍ଞାନାନନ୍ଦ ଭିତରେ ସିଦ୍ଧିର ଅନେକ ଦିବ୍ୟ ଲକ୍ଷଣ ଦେଖିପାରିଥିଲେ । ତେଣୁ ତାଙ୍କର ୩୯ତମ ଜନ୍ମ ଉତ୍ସବ ପାଳନ ଅବସରରେ ସର୍ବ ସମକ୍ଷରେ ତାଙ୍କୁ ପରମହଂସ ଉପାଧିରେ ଭୂଷିତ କରିଥିଲେ । ପରମହଂସ ଅବସ୍ଥା ଆଧାତ୍ମ ଜଗତର ଏକ ଉଚ୍ଚତମ ସ୍ଥିତି । ମାତ୍ର ୩୯ ବର୍ଷରେ ପ୍ରଜ୍ଞାନାନନ୍ଦ ଏହି ସ୍ଥିତିରେ ପହଞ୍ଚି ପାରିଥିଲେ । ପରେ ପରମହଂସ ପ୍ରଜ୍ଞାନାନନ୍ଦ ଭାବେ ସେ ବିଶ୍ୱ ପ୍ରସିଦ୍ଧ ହେଲେ ।

ପ୍ରେମ, ପବିତ୍ରତା ଓ ପ୍ରଖର ପ୍ରଜ୍ଞାର ସେ ଜଣେ ମୂର୍ତ୍ତିମନ୍ତ ପ୍ରତୀକ । ଯେତିକି ବିଜୟୀ ସେତିକି ନମ୍ର ଓ ଧୀର । ସାଦ ସାହାସ୍ୟ ବଦନ । ନାମ ଗୁଣର ମଧୁର ସମନ୍ୱୟ ତାଙ୍କଠାରେ ଏକତ୍ର ଦେଖିବାକୁ ମିଳେ । ଜଗତର କଲ୍ୟାଣ ପାଇଁ ଦୁଃସ୍ଥ ଜନତାର ସେବା ପାଇଁ ସେ ଶତତ ଚେଷ୍ଟିତ ।

ମାଳତୀ କୁଞ୍ଜ, ପ୍ଲଟ ନଂ. ୫୨୬/ଡି, ସେକ୍ଟର-୧୦, ସିଡ଼ିଏ, କଟକ-୧୪, ଦୂରଭାଷ : ୮୭୬୩୧୦୭୧୨୬

# ବେକରେ ଫାଶୀ ଲଗାଇ ମହିଳା ଙ୍କ ଆତ୍ମହତ୍ୟା

ଯୋଡା,(ମହାଭାରତ )କେନ୍ଦୁଝର ଜିଲ୍ଲା ଯୋଡା ସହର ସ୍ଥିତ ଆଜାଦ ବସ୍ତିରେ ରହୁଥିବା ଏକ ଭଡ଼ା ଘରେ ଜଣେ ବିବାହିତ ।ମହିଳା ଘର ଭିତରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି ।ଖବର ନେବାରୁ ଜଣାପଡିଛି ଯେ,ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଅଞ୍ଚଳର ଦିଲ୍ଲୀପ କୁମାର ଜେନା ଯୋଡା ରେ ଏକ ଭଡ଼ା ଘର ନେଇ ସପରିବାର ରହୁଥିଲେ ।ଦିଲୀପ ଶନିବାର ଦିନ ନିଜ କାର୍ଯ୍ୟ କ୍ଷେତ୍ର କୁ ଯାଇଥିବା ବେଳେ ତାଙ୍କ ୧୨ବର୍ଷ ର ପୁଅ ଓ ୭ବର୍ଷ ର ଝିଅ ସ୍କୁଲ କୁ ଯାଇଥିଲେ ।ଅପରାହ୍ନ ପ୍ରାୟ ୧.୩୦ ମିନିଟ ସମୟରେ ସ୍ୱାମୀ ଦିଲ୍ଲୀପ ତାଙ୍କ ସ୍ତ୍ରୀ ଅଙ୍କିତା ଜେନା (୩୨)ଫୋନ କରିବୟ ବେଳେ ସେ ଫୋନ୍ ଉଠାଇ ନ ଥିଲେ ।ଦିଲୀପ କାର୍ଯ୍ୟ ସାରି ସ୍କୁଲ କୁ ଯାଇ ଘରକୁ ଆଣିବା ପରେ ତାଙ୍କ ଘର ଭିତର ପୟର୍ଶ୍ୱରୁ ବନ୍ଦ ରହିଥିଲା ।ସେ କବାଟ ଭାଙ୍ଗି ବା ପରେ ତାଙ୍କ ସ୍ତ୍ରୀ ଅଙ୍କିତା ଘର ଭିତରେ ଫାଶୀ ଲଗାଇ ଝୁଲୁ ଥିବା ଅବସ୍ଥାରେ ଦେଖିବାକୁ ପାଇଥିଲେ ।ଏହି ଘଟଣା ସଂପର୍କରେ ପୋଲିସ ଖବର ପାଇ ଘଟଣାସ୍ଥଳ ରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲା । ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ନଂ ୨/୨୦୨୫ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଯୋଡା ଥାନା ର ତଦନ୍ତ କାରୀ ଅଧିକାରୀ ସୁବାସ ଚନ୍ଦ୍ର ସାମଲ କହିଛନ୍ତି ।ମୃତ୍ୟୁ ର କାରଣ ଅସ୍ପଷ୍ଟ ଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛ।

### ଚାଲିଛି ଉତ୍ସ, ଝୁମୁଛି କଳାହାଣ୍ଡିଆ

# କଳା, କଳାକାର ଓ ଦର୍ଶକଙ୍କ ମହାମିଳନର ପର୍ବ କଳାହାଣ୍ଡି ଉତ୍ସ



ଜୁନାଗଡ଼ (ମହାଭାରତ): ମହାଭାରତ,,କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖେଳ ପଡ଼ିଆ ଠାରେ ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସ ଆଜି ଉଦଘାଟିତ ହୋଇଛି । କଳାହାଣ୍ଡି କଳାର ହାଣ୍ଡି, କଳା ବଞ୍ଚିଲେ କଳାକାର ବଞ୍ଚିବ । କଳାକାର ବଞ୍ଚିଲେ କଳା ର ଉନ୍ନତି ହେବ । କଳାହାଣ୍ଡି ଉତ୍ସବ ଏକ ବନ୍ଧୁମିଳନ ର ଉତ୍ସ । ଲୋକ ବାଦ୍ୟ, ଲୋକ ନୃତ୍ୟ, ଲୋକ ପରମ୍ପରା, ଲୋକ ସଂସ୍କୃତି କୁ ବଜାଇ ରଖିବା ତଥା କଳା, କଳାକାର ଓ ଦର୍ଶକଙ୍କ ମହମିଳନର ପର୍ବ ହେଉଛି କଳାହାଣ୍ଡି ଉତ୍ସ ବୋଲି ଆଜି ଉଦଘାଟନୀ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଥିଲେ । ଆଜି ସକାଳୁ ମାଁ ଲଙ୍କେଶ୍ୱରୀ ମନ୍ଦିରକୁ ଜୁନାଗଡ଼ ବ୍ଲକ ର ୩୪ଟି ପଞ୍ଚାୟତର ମଶାଲ ଆସିବା ରେ ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା । ପରେ ଏକ ମଶାଲ ଶୋଭାଯାତ୍ରାରେ ତ୍ରିନାଥ ମନ୍ଦିର ଠାରୁ କୁରୁଗୁଡା ଶିବ ମନ୍ଦିର ଯାଇ ସେଠାରେ ମଧ୍ୟ ପୂଜାର୍ଚ୍ଚନା କରାଯାଇ,ସେଠାରୁ କଳସ ଶୋଭାଯାତ୍ରା ଓ ମଶାଳ ଯାତ୍ରା ଅ । ସ ି ମହାବିଦ୍ୟାଳୟ ଖେଳ ପଡ଼ିଆରେ ପହଞ୍ଚିଥିଲା । ପରେ ଜୁନାଗଡ଼ ବିଡ଼ିଓ ଦେବାଶିଷ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ସମ୍ମାନୀତ ଅତିଥି ବ୍ଲକ ଅଧ୍ୟକ୍ଷ୍ୟା ସବିତା ମେହେର, ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଜିଲ୍ଲାପରିଷଦ ସଦସ୍ୟ ଲାଲବାହାଦୂର ଯାନୀ, ରେଣୁକା କୁମାର, ସଂଗୀତା ଖର୍ସେଲ, ସରପଞ୍ଚ ସଙ୍ଘ ସଭାପତି ତାରାଶଙ୍କର ରାୟଗୁରୁ, ଭଇଁରିଗୁଡା ସରପ□ ବୀଣାପାଣି କନ୍ଧପାନ, ସମିତିସଭ୍ୟ ଜବରସିଂ ତାଣ୍ଡି,ନାଏବ ସରପ□ ଈଶ୍ୱର ଚନ୍ଦ୍ର ଜାମଗଛିଆ ପ୍ରମୁଖ ଉଦବୋଧନ ଦେଇଥିଲେ । ବିଏସଏସ ଓ ତୁଷାର ରଞ୍ଜନ ସାହୁ ମଞ୍ଚ ପରିଚଳନା କରିଥିଲେ । କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା । ସାଂସ୍କୃତିକ ସନ୍ଧ୍ୟାରେ ବ୍ଲକ ଅଧ୍ୟକ୍ଷ୍ୟା ସବିତା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ସାଂସଦ ମାଳବିକା ଦେଓ, ସମ୍ମାନିତ ଅତିଥି ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ଜିଲ୍ଲାପରିଷଦ ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ପଦ୍ମଶ୍ରୀ ପଟ୍ଟାୟତ ସାହୁ, ଜିଲ୍ଲାପରିଷଦ ଉପାଧ୍ୟକ୍ଷ୍ୟା ସୁଧିରା ମେହେର,ଭଇଁରିଗୁଡା ସରପ□ ବୀଣାପାଣି କନ୍ଧପାନ ପ୍ରମୁଖ ଉଦବୋଧନ ଦେଇଥିଲେ । ବିନୟ କୁମାର ସାହୁ ଙ୍କ ନେତୃତ୍ୱରେ ମନୋଜ ମେହେର, ବେଣୁଧର ବାଗ, ଅନୁବନ୍ଧନ ଭରଦ୍ୱାଜ, ଖୋଲାନନ୍ଦ ଝାଙ୍କର, ସନ୍ତୋଷ ମେହେର, ନିତେଶ ଯୋଶୀ, ଲିପ୍ସା ଦଣ୍ଡସେନା, ସୁଧାମୟୀ ପଣ୍ଡା, ସୂର୍ଯ୍ୟ ପ୍ରକାଶ ଠାକୁର, ଦେବେନ୍ଦ୍ର ସାହୁ, ରଘୁମଣି ପୁଝାରି ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବଲିଓଡ଼ ଗାୟକ ପେମାଲ ଜୈନ ସାଥୀଙ୍କ ମେଲୋଡି ଦର୍ଶକଙ୍କୁ ମଧ୍ୟରାତ୍ର ପର୍ଯ୍ୟନ୍ତ ମତୁଆଲା କରିଥିଲା ।

# କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ସିଲେଇ ମେସିନ ଓ ଶୀତବସ୍ତ୍ର ବଣ୍ଟନ କାର୍ଯ୍ୟକ୍ରମ



ପାରାଦୀପ (ମହାଭାରତ): ପାରାଦୀପ ର ଅଗ୍ରଣୀ ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ କଳିଙ୍ଗ ମହିଳା ଶକ୍ତି ପକ୍ଷରୁ ମହିଳା ମାନଙ୍କୁ ସିଲେଇ ମେସିନ ଓ ଶୀତବସ୍ତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ଶନିବାର ଅପରାହ୍ନରେ ପାରାଦୀପ ବଡ଼ପଡ଼ିଆ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କଳିଙ୍ଗ ମହିଳା ଶକ୍ତିର ସଭାନେତ୍ରୀ ସୁଶ୍ରୀ ମନୋରମା ଖଟୁଆଙ୍କ ସଭାପତିତ୍ୱରେ ପାରାଦୀପ ପୌରପାଳିକାର ୧୯ ଗୋଟି ୱାର୍ଡରେ ବସବାସ କରୁଥିବା ଅତ୍ୟନ୍ତ ଦରିଦ୍ର ଶ୍ରେଣୀର ମହିଳା ମାନଙ୍କୁ ୨୫ ଗୋଟି ସିଲେଇ ମେସିନ ପ୍ରଦାନ କରାଯିବା ସହ ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା ।ଏହି ମହତ କାର୍ଯ୍ୟରେ ପାରାଦୀପ ବନ୍ଦର ର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର ଏବଂ ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକସ୍ମୃତି ରଞ୍ଜନ କର ଅତିଥି ଭାବେ ଯୋଗଦେଇ ମହିଳା ମାନଙ୍କୁ ଉପରୋକ୍ତ ସିଲେଇ ମେସିନ ଓ ଶୀତବସ୍ତ୍ର ପ୍ରଦାନ କରି କଳିଙ୍ଗ ମହିଳା ଶକ୍ତି ର ଏପରି ମହତ କାର୍ଯ୍ୟ କୁ ସାଧୁବାଦ ଜଣାଇ ଆଗାମୀ ଦିନରେ ସମାଜ ମଙ୍ଗଳ କାର୍ଯ୍ୟ କରିବା ପାଇଁ ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଗଠନ ର ଉପଦେଷ୍ଟା ବିଜୟ କୁମାର ପରିଡ଼ା, ରବୀନ୍ଦ୍ର ମଲ୍ଲିକ, ନବଘନ ସ୍ୱାଇଁ, ସାଧାରଣ ସମ୍ପାଦିକା ଶ୍ରୀମତୀ କମଳା ଓଝା, ଉପସଭାନେତ୍ରୀ ଶ୍ରୀମତୀ ବିଜୟାଲକ୍ଷ୍ମୀ ଦାସ, କୋଷଧ୍ୟକ୍ଷା ଶ୍ରୀମତୀ ବାସୁକା ମଲ୍ଲିକ, ସହ ସମ୍ପାଦିକା ଶ୍ରୀମତୀ ଉର୍ମିଳା ମହାନ୍ତି ସମେତ ସଦସ୍ୟା ଉର୍ମିଳା ସାହୁ, ଜ୍ୟୋତ୍ସ୍ନା ବାହାଦୁର, ସରୋଜିନୀ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପାଲ ପ୍ରମୁଖ ଉପସ୍ଥିତ ଥିଲେ।

# ୬କେଜି କଟନି କୁ ବିରୋଧ କରି ଚାଷୀ ଙ୍କ ରାସ୍ତା ଅବରୋଧ

### ବିଭାଗୀୟ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ସମାଧାନ କଲେ



କରଞ୍ଜିଆ(ମହାଭାରତ) ବର୍ତ୍ତମାନର ସରକାର ନିର୍ବାଚନ ପୂର୍ବରୁ ଘୋଷଣା କରିଥିଲେ ଧାନ ମଣ୍ଡିରେ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କିଣିବା ସହିତ କଟଣି ଛଟଣି କରାଯିବ ନାହିଁ। କିନ୍ତୁ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ର ଦୁଇ ଲ୍ୟାମ୍ପରେ ଗତ ମାସ ୨୮ତାରିଖରେ ଆନୁଷ୍ଠାନିକ ଭାବେ ଧାନ ମଣ୍ଡି ଖୋଲା ହୋଇଥିଲା। ସେହିଦିନ ମହୁଲଡିହା ସେବା ସମବାୟ ସମିତି ପକ୍ଷରୁ ଚମ୍ପାଝର ଠାରେ ମଧ୍ୟ ଧାନ ମଣ୍ଡି ଖୋଲିଥିଲା ।ଧାନ କିଣା ଆରମ୍ଭ ହୋଇଥିଲା, ମାତ୍ର ମିଲର କୁଇ□ାଲ ପ୍ରତି ୫/୬ କିଲୋ ଧାନ କାଟି ନେବା ପାଇଁ ସମବାୟ ସମ୍ପାଦକ ଙ୍କୁ ଚାପ ପକାଇବାରୁ ଦୁଇ ଦିନ ହେବ ଚମ୍ପାଝର ଧାନ ମଣ୍ଡି ରେ ଧାନ କିଣା ବନ୍ଦ ରହିଥିଲା। ଏଥିପାଇଁ ଆଗରୁ ମିଲର ଓ ସମବାୟ ସମ୍ପାଦକ, ସଭାପତି ଏବଂ ସ୍ଥାନୀୟ ଚାଷୀ ମାନଙ୍କ ସହ ଆଲୋଚନା କରି କୁଇଣ୍ଟାଲ ପିଛା ୪/୫ କିଲୋ କାଟିବା ପାଇଁ ରାଜି କରାଇଥିଲା ବେଳେ ମିଲର କୁଇଣ୍ଟାଲ ପ୍ରତି ୬ କେଜି କାଟିବା ପାଇଁ ଜିଦ୍ ଧରିଛି , ଯାହାଫଳରେ ଦୁଇ ଦିନ ଚମ୍ପାଝର ଧାନ ମଣ୍ଡିରେ ଧାନ କିଣା ବନ୍ଦ ରହିଥିଲା। ଏହି ଘଟଣା ଚାଷୀ ମାନେ ଜାଣିବା ପରେ ଠାକୁରମୁଣ୍ଡା ବ୍ଲକର ଚମ୍ପାଝର ଓ ମହୁଲଡିହା ଅଞ୍ଚଳର ଚାଷୀମାନେ ଅସନ୍ତୋଷ ପ୍ରକାଶ ପାଇବା ସହ ଆଜି ରାସ୍ତାରେ ଧାନ ବସ୍ତା ରଖି ଆନ୍ଦୋଳନ କରିଥିଲେ । ଖବର ପାଇ କରଞ୍ଜିଆ ଏ ଆର ସି ଏସ ବସନ୍ତ କୁମାର ନାଏକ , ନୋଡାଲ ଅଫିସ୍ ସତ୍ୟଜିତ ମିଶ୍ର , ଚମ୍ପାଝର ସରପଞ୍ଚ ବିକ୍ରମ ପିଙ୍ଗୁଆ , ସ୍ଥାନୀୟ କୃଷକ ନେତା ଗୋପବନ୍ଧୁ ମହାନ୍ତ , ବୈକୁଣ୍ଠ ମହାନ୍ତ ଏବଂ ସ୍ଥାନୀୟ ଚାଷୀ ଓ ମିଲର ସହିତ ଆଲୋଚନା କରି କୁଇଣ୍ଟାଲ ପ୍ରତି ୫ କେଜି ଧାନ କଟଣୀ ବୁଝାମଣା ପରେ ଧାନ କିଣିବା ସମ୍ଭବ ହୋଇପାରିଲା।

# ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ପାରାଦ୍ୱୀପ ତରଫରୁ ବିବେକାନନ୍ଦ ଜୟନ୍ତୀ ଓ ଜାତୀୟ ଯୁବ ଦିବସ



ପାରାଦୀପ (ମହାଭାରତ): ଜାନୁଆରୀ ୧୨ ତାରିଖ ସ୍ୱାମୀ ବିବେକାନନ୍ଦ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ପାରାଦୀପ ର ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ଆନୁକୂଲ୍ୟରେ ଦୁଇଦିନ ବ୍ୟାପି ଉତ୍ସବ ଶନିବାର ସକାଳ ୮ ଘଟିକା ମହା ଆଡମ୍ବର ସହକାରେ ଉଦଘାଟିତ ହୋଇଛି । ଜୟଦେବ ସଦନ ପରିସରରେ ଆୟୋଜିତ ଏହି ଉଦଘାଟନୀ ଉତ୍ସବରେ ରେ ମୁଖ୍ୟ ଅତିଥି ଭାବେ ପାରାଦ୍ୱୀପ ବନ୍ଦର ର ମୁଖ୍ୟ ଯନ୍ତ୍ରୀ ସୁଶିଲ ଚନ୍ଦ୍ର ନାହକ ଦୀପ ପ୍ରଜଳନ କରି ସଭା କୁ ଉଦ୍ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମନୋଜ ମହାନ୍ତି, ଯୋଗ ଶିକ୍ଷକ ତାପସ ପତି, କଳ୍ପତରୁ ମନ୍ତ୍ରୀ, ଗୀତାଞ୍ଜଳି ମହାନ୍ତି ଯୋଗ ଦେଇ ଯୁବକ ଯୁବତୀ ଓ ସ୍କୁଲ ଛାତ୍ରଛାତ୍ରୀ ମାନଙ୍କୁ ଯୋଗ ପ୍ରାଣାୟମ ଶିଖାଇଥିଲେ ଏବଂ ତା ପରେ ସ୍କୁଲ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟ ରେ ଯୋଗ ପ୍ରାଣାୟମ ପ୍ରତିଯୋଗିତା କରାଯାଇଥିଲା । ଏହାପରେ ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଓ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା। ଶେଷରେ ରାଜ ଡାନ୍ସ ଗ୍ରୁପ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ। ସ୍ୱାମୀ ବିବେକାନନ୍ଦ ଟ୍ରଷ୍ଟ ର ସଭାପତି ବିଭୁ ପ୍ରସାଦ ନାୟକ, ସାଧାରଣ ସଂପାଦକ ପ୍ରତାପ ଚନ୍ଦ୍ର ନାୟକ, ବିଧାନ ଚନ୍ଦ୍ର ପରିଡା ଏନ.ଜେ. ରାଓ, ରଶ୍ମି ହରିଚନ୍ଦନ, ଶଶିକାନ୍ତ ନାୟକ, ଦେବବ୍ରତ ସାହୁ, ସାରଦା ପ୍ରସନ୍ନ ବେହେରା, ବୈଦ୍ୟ ନାଥ ବେହେରା, ସମୀର ବର୍ମନ୍, ଜିତେନ୍ ସାମଲ,ଶୁଭେନ୍ଦୁ ମଣ୍ଡଳ, ସୁମିତ ସାହା, ତାପସ ଛୋଟରାୟ, ସରୋଜ ବଳିଆରସିଂ ପ୍ରମୁଖ ଉପସ୍ଥିତି ରହି ସମସ୍ତ କାର୍ଯ୍ୟକ୍ରମ କୁ ସୁପରିଚାଳନା କରିଥିଲେ।

# ଜିନ୍ଦଲ ପକ୍ଷରୁ ମିନି ସାଇନ୍ସ ସେଣ୍ଟର ଉଦଘାଟିତ

କୋଇଡ଼ା(ମହାଭାରତ): ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ନବୀନ ଜିନ୍ଦଲଙ୍କ ନେତୃତ୍ୱାଧୀନ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର(ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲା କୋଇଡା ବ୍ଲକ ଚୋରଧରା ହାଇସ୍କୁଲରେ ଏକ ମିନି ସାଇନ୍ସ ସେଣ୍ଟର ଉଦଘାଟିତ ହୋଇଯାଇଛି। ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା, ଇଞ୍ଜିନିୟରିଂ ଓ ଗଣିତକୁ ଅଧିକ ବୋଧଗମ୍ୟ କରିବା ଓ ଏଥିପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ ସୃଷ୍ଟି କରିବା ଏହି ସେଣ୍ଟରର ଲକ୍ଷ୍ୟ। ଏହି ସାଇନ୍ସ ସେ□ରକୁ ଉଦଘାଟନ କରିବା ଅବସରରେ ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାରର ସଭାପତି ଓ ଗ୍ରୁପମୁଖ୍ୟ (ସିଏସଆର) ଶ୍ରୀ ପ୍ରଶାନ୍ତ ହୋତା ମାନବ ସଭ୍ୟତାର ବିକାଶରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହା ସହିତ ସେ ଛାତ୍ରଛାତ୍ରୀମାନଙ୍କୁ ଗବେଷଣାମନସ୍କ ହେବା ପାଇଁ ପରାମର୍ଶ ଦେଇଥିଲେ। ପୁରାତନ ଯୁଗରୁ ବର୍ତ୍ତମାନର ଅତ୍ୟାଧୁନିକ କମ୍ପ୍ୟୁଟର ଯୁଗ ଯାଏ ମାନବ ସଭ୍ୟତାର ବିକାଶ ପଛରେ ବିଜ୍ଞାନର ବଳିଷ୍ଠ ଭୂମିକା ରହିଛି। ଛାତ୍ରଛାତ୍ରୀ ଗବେଷଣାତ୍ମକ କାର୍ଯ୍ୟରେ ଲିପ୍ତ ରହିବା ଜରୁରୀ କାରଣ ବିଶେଷ ଜ୍ଞାନ ଆହରଣ କରିବା ପାଇଁ ଆଉ କୌଣସି ବିକଳ୍ପ ହିଁ ନାହିଁ। ଅପହଞ୍ଚ ଅଞ୍ଚଳରେ ଗୁଣାତ୍ମକ ଶିକ୍ଷା ପହ□ାଇବା ପାଇଁ ଅସରନ୍ତି ପ୍ରେରଣା ଯୋଗାଉଥିବାରୁ ଏହି ଅବସରରେ ଶ୍ରୀ ହୋତା ଜିନ୍ଦଲ ଫାଉଣ୍ଡେସନର ଅଧ୍ୟକ୍ଷା ଶ୍ରୀମତୀ ଶାଲୁ ଜିନ୍ଦଲଙ୍କୁ କୃତଜ୍ଞତା ଜଣାଇଥିଲେ। ଏହା ସହିତ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସେମାନଙ୍କ ମନରେ ବିଜ୍ଞାନ ପ୍ରତି ଅନୁସନ୍ଧିତ୍ସା ସୃଷ୍ଟି କରିବା, ଶିକ୍ଷକଶିକ୍ଷୟିତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। କୋଇଡ଼ା ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ଅଭିମନ୍ୟୁ ବେହେରା, ଟେନସା ଜିନ୍ଦଲ ଖଣିର ୟୁନିଟ ହେଡ ଆର.ଏସ. ରଘୁବଂଶୀ, ଟେନସା କ୍ଲଷ୍ଟର ସିଆରସିସି ପ୍ରଶାନ୍ତ କୁମାର ପରିଡ଼ା, ଚୋରଧରା କ୍ଲଷ୍ଟର ସିଆରସିସି ଭାରତ ରଞ୍ଜନ ମହାନ୍ତି, ପ୍ରଧାନଶିକ୍ଷକ ଗାନ୍ଧାରୀ ଟପ୍ପୋ, ଜେଏସପି ବଡବିଲ ୟୁନିଟର ସିଏସଆର ମୁଖ୍ୟ ଉର୍ଜିଲ ଲାକ୍ରା ଏହି ଅବସରରେ ଉପସ୍ଥିତ ଥିଲେ। ଏହି ମିନି ସାଇନ୍ସ ସେଣ୍ଟର ପ୍ରତିଷ୍ଠା ପାଇଁ ସହାୟତା ଯୋଗାଇଥିବାରୁ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ବେହେରା ଜିନ୍ଦଲ ଫାଉଣ୍ଡେସନକୁ ପ୍ରଶଂସା କରିଥିଲେ। ଏବଂ ଜିନ୍ଦଲ ଫାଉଣ୍ଡେସନର ଏଭଳି ଅଭିନବ ପଦକ୍ଷେପ ପାଇଁ ସେ ଧନ୍ୟବାଦ ଦେଇଥିଲେ। ଏହି ସାଇନ୍ସ ସେ□ର ସ୍କୁଲଗୁଡ଼ିକରେ ବିଜ୍ଞାନ ଶିକ୍ଷାର ବିକାଶ କରିବ ବୋଲି ସେ ତାଙ୍କ ଅଭିଭାଷଣରେ କହିଥିଲେ। ଏହି ମିନି ସାଇନ୍ସ ସେ□ରରେ ବିଜ୍ଞାନ, ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ୮୦ଟି ଲାଇଭ ମଡେଲ ରହିଛି। ଏହି କେନ୍ଦ୍ରରେ ଛାତ୍ରଛାତ୍ରୀ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବ ବିଜ୍ଞାନର ଅନେକ କଷ୍ଟକର ଥିଓରି ସହଜରେ ବୁଝି ପାରିବେୟ ଜିନ୍ଦଲ ଫାଉଣ୍ଡେସନର ଏହି ପଦକ୍ଷେପ ପାଇଁ ପିଲାମାନେ ବେଶ ଖୁସି ପ୍ରକାଶ କରିଥିବା ବେଳେ ଏଠାରେ ଲାଇଭ ମଡେଲ ଦ୍ୱାରା ବିଜ୍ଞାନ ପଢ଼ିବା ପାଇଁ ବେଶ ଉତ୍ସାହିତ ଅଛନ୍ତି।

# ପାରାଦୀପ ବନ୍ଦର ପୂର୍ବତନ କର୍ମଚାରୀ ଙ୍କ ବିୟୋଗରେ ଶୋକ

ପାରାଦୀପ(ମହାଭାରତ):ପାରାଦୀପ ବନ୍ଦରର ଅବସରପ୍ରାପ୍ତ ଅର୍ଥ ବିଭାଗ ଅଧିକାରୀ (ଆକାଉ□ ଅଫିସର) ବିଷ୍ଣୁ ଚରଣ ପାଣି ଙ୍କ ୮୬ ବର୍ଷ ବୟସରେ ତାଙ୍କ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ସନ୍ତରା ଗ୍ରାମରେ ଗତ ଗୁରୁବାର ଦିନ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମ ପରାୟଣ ଓ ପରୋପକାରୀ ବ୍ୟକ୍ତି ଥିଲେ । ସ୍ୱର୍ଗତ ପାଣି ୧୯୬୦ ମସିହାରେ ପାରାଦୀପ ପ୍ରକଳ୍ପ କାର୍ଯ୍ୟରେ ଯୋଗ ଦେଇଥିଲେ । ସେ ପାରାଦୀପ ବନ୍ଦର ରେ ପ୍ରାୟ ୫୦ ବର୍ଷ କାର୍ଯ୍ୟ କରି ସାଧାରଣରେ ସମସ୍ତ ଙ୍କର ପ୍ରିୟପାତ୍ର ହୋଇପାରିଥିଲେ ଏବଂ ପାରାଦୀପ ସ୍ଥିତ ସତସଙ୍ଗ ବିହାରର ପ୍ରତିଷ୍ଠାତା ସଭ୍ୟ ଥିଲେ । ସେହିପରି ପାରାଦୀପ ବନ୍ଦର ର ଅବସରପ୍ରାପ୍ତ ଯନ୍ତ୍ରୀ ପଦରାବିନ୍ଦ ସାହୁ ଙ୍କ ର ଦେହାନ୍ତ ହୋଇଯାଇଛି । ତେବେ ଶ୍ରୀ ପାଣି ଓ ସାହୁ ଙ୍କ ବିୟୋଗରେ ପାରାଦୀପ ବନ୍ଦର ଅଫିସର୍ସ ପେନସନ ଆସୋସିଏସନ ର ସମ୍ପାଦକ ଶେଷଦେବ ସାହୁ, ପୋର୍ଟ ପେନସନର୍ସ ଆସୋସିଏସନ ର ପୂର୍ବତନ ସଭାପତି ପ୍ରସନ୍ନ କୁମାର ଆଚାର୍ଯ୍ୟ,ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ର ଅବସରପ୍ରାପ୍ତ ହେଡ଼ମାଷ୍ଟର ବୈଦ୍ୟନାଥ ମହାନ୍ତି ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି ।

# ଉଦଯାପନୀ ହେଲା ତାଳଦା ମା ବୁଢ଼ିଆଣୀ କ୍ରିକେଟ କପ୍



ଅସ୍ତରଙ୍ଗ (ମହାଭାରତ): ଅସ୍ତରଙ୍ଗ ବ୍ଲକ ତାଳଦା ବିକାଶ ପରିଷଦ ଦ୍ୱାରା ଆୟୋଜିତ ମା ବୁଢ଼ୀଆଣି ବ୍ଲକସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଗାଦିବ୍ରହ୍ମ କ୍ରିକେଟ କ୍ଲବ କାଦୁଆପଡ଼ା ବନାମ କିଙ୍ଗସ ୧୧ ଆଳଙ୍ଗପୁର ଦୁଇ ପ୍ରତିଦ୍ୱନ୍ଦୀ ପରସ୍ପର କୁ ଭେଟିଥିଲେ। ଏହି ମ୍ୟାଚ ରେ ପ୍ରଥମେ ଟସ୍ ଜିତି ପ୍ରଥମେ ବ୍ୟାଟିଙ୍ଗ କରି କାଦୁଆପଡ଼ା ନିର୍ଦ୍ଧାରିତ ୨୦ ଓଭର ରୁ ୧୫ ଓଭର ଖେଳି ସମସ୍ତ ୱିକେଟ ହରାଇ ୮୯ ରନ ସଂଗ୍ରହ କରିଥିଲା ।ଏହାର ଜବାବରେ ଦ୍ୱିତୀୟ ରେ ବ୍ୟାଟିଙ୍ଗ କରିବାକୁ ଆସି କିଙ୍ଗସ ଇଲେଭେନ ଆଳଙ୍ଗପୁର ୯୦ ରନ ବିଜୟ ଲକ୍ଷ୍ୟକୁ ପିଛାକରି ନିର୍ଦ୍ଧାରିତ ୯ ଓଭରରେ ୫ ୱିକେଟ ହରାଇ ୯୦ରନ ହାସଲ କରି ୫ ଉଇକେଟ ରେ ବିଜୟୀ ହୋଇଥିଲାୟ ଆଳଙ୍ଗପୁର ପକ୍ଷରୁ ବୈଦନାଥ ସାହୁ ମ୍ୟାନ ଅଫ ଦି ସିରିଜ, ସାଗର ଛାଟୋଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।ବିଜେତା ଦଳକୁ ଟ୍ରଫି ସହ୨୧୦୦୦ଟଙ୍କା ଅର୍ଥରାଶି ଓ ରନର୍ସ ଅପ ଦଳ ଗାଦିବ୍ରହ୍ମ କ୍ରିକେଟ କ୍ଲବ କାଦୁଆପଡ଼ାକୁ ୧୭୦୦୦ହଜାର ଟଙ୍କା ଅର୍ଥରାଶି ଶହ ଟ୍ରଫି ପ୍ରଦାନ କରାଯାଇଥିଲା। ଆଠ ଟି ଦଳ କୁ ନେଇ ସାତ ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତା ର ଉଜାପାନୀ ଦିବସରେ ମୁଖ୍ୟଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ସମ୍ମାନିତ ଅତିଥି ଭାବେ ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, କ୍ଲବ ଉପଦେଷ୍ଟା ତଥା ବିଶିଷ୍ଟ ସମାଜସେବୀ ପ୍ରତାପ ଚନ୍ଦ୍ର ପରିଡ଼ା, ସଭାପତି ଦିବାକର ସାହୁ, ସରପଞ୍ଚ ଦିପକ ପରିଡା, ସମିତି ସଭ୍ୟ ଅମୀୟ ସେଠି, ସମିତି ସଭ୍ୟ ତରାସାହି ଯଯାତି ବିଶ୍ୱାଳ, ବିଜୟ ପଡିଆରୀ, ରାଜା ମହାନ୍ତି, ଚମ୍ପକ ବାରିକ ପ୍ରମୁଖ ଯୋଗ ଦେଇଥିଲେ ଥିଲେ।

# କେବିଇଏମ କିଡ୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ



କାକଟପୁର(ମହାଭାରତ) :ପୁରୀଜିଲ୍ଲା କାକଟପୁର ର ଅଗ୍ରଣୀ ଶିକ୍ଷାନୁଷ୍ଠାନ କେବିଇଏମ କିଡ୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ କାଞ୍ଚନ - ୦୨୨୦୨୫ ବିଦ୍ୟାଳୟ ପରିସରରେ ମହାସମାରୋହରେ ପାଳିତ ହୋଇଯାଇଛି । ସ୍ଥାନୀୟ ଓଟର ଶାସନ ସ୍ଥିତ ପତିତପାବନ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ମିଶ୍ରଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମରେ କେବିଇଏମ ପବ୍ଲିକ ସ୍କୁଲର ନିର୍ଦ୍ଦେଶକ ଦିବ୍ୟରଞ୍ଜନ ସାହୁ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ମିଯର୍ରୋମ ବିଶ୍ୱବିଦ୍ୟାଳୟର ପ୍ରଫେସର ହିମାଂଶୁ ଭୂଷଣ ରାଉତ, ମୁଖ୍ୟ ବକ୍ତା ଭାବେ ମିଯର୍ରୋମ ବିଶ୍ୱବିଦ୍ୟାଳୟର ପ୍ରଫେସର ଆର କେ ମହାନ୍ତି, କାକଟପୁର ବ୍ଲକ ଶିକ୍ଷାଧିକାରୀ ଦିଲ୍ଲୀପ କୁମାର ଜେନା, ସମ୍ମାନିତ ଅତିଥି ଭାବେ କାକଟପୁର ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ପୁରୀଜିଲ୍ଲା ଆରକ୍ଷୀ ଉପ-ଅଧ୍ୟକ୍ଷକ ବିଷ୍ଣୁ ମୋହନ ପତି, ନିମାପଡା ଆରକ୍ଷୀ ଉପଖଣ୍ଡ ଅଧିକାରୀ ପ୍ରଭାତ ରଞ୍ଜନ ମଲ୍ଲିକ,କାକଟପୁର ଥାନା ଅଧିକାରୀ ଉମେଶ ଚନ୍ଦ୍ର ସାହୁ,ଶିକ୍ଷାବିତ ରଞ୍ଜନ ବେହେରା,କାକଟପୁର ବ୍ଲକର ପୂର୍ବାତନ ସହ -ଶିକ୍ଷାଧିକାରିଣୀ ପଙ୍କଜିନୀ ଦେଇ, ପ୍ରମୁଖ ଯୋଗଦେଇ ଛୋଟ ଛୋଟ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତ ନିର୍ମାଣରେ ଅଭିଭାବକମାନଙ୍କ ମୁଖ୍ୟ କର୍ତ୍ତବ୍ୟ ଏବଂ ସେମାନଙ୍କୁ ମୋବାଇଲର ଅପବ୍ୟବହାରରୁ ଦୂରେଇ ରଖି ଶିକ୍ଷା ସହ ମାନବିକତାର ମୂଲ୍ୟବୋଧର ଗୁରୁତ୍ୱ ଦେବାକୁ ପରାମର୍ଶ ତଥା ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର କାମନା କରିବା ସହ ଏହି ବିଦ୍ୟାଳୟର ଶିକ୍ଷା କ୍ଷେତ୍ରରେ ଅବଦାନ ତଥା ବିଭିନ୍ନ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ସ୍କୁଲର ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ମାନେ କାର୍ଯ୍ୟକ୍ରମକୁ ସୁ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ୨ ଦିନ ଧରି ଚାଲିବାକୁ ଥିବାବେଳେ ଅନୁଷ୍ଠାନ ପକ୍ଷରୁ ରବିବାର ଦିନ ଏକ ରକ୍ତଦାନ ଶିବିର ସ୍କୁଲ ପରିସରରେ ଆୟୋଜିତ ହେ ବୋଲି ସ୍କୁଲ ର ସହ ନିର୍ଦ୍ଦେଶକ ଆଲୋକ ରଞ୍ଜନ ପାଣି ପ୍ରକାଶ କରିଛନ୍ତି ।

# କାର୍ତ୍ତିକ ଗମାଙ୍ଗ ଉଚ୍ଚବିଦ୍ୟାଳୟ ମହେନ୍ଦ୍ରଗଡ଼ରେ ଅଭିଭାବକ ବୈଠକ

ରା -ଉଦୟଗିରି (ମହାଭାରତ): ରିଖ ଶନିବାର ଦିନ ମହେନ୍ଦ୍ରଗଡ଼ କାର୍ତ୍ତିକ ଗମାଙ୍ଗ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ, ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଶ୍ରୀ ଲୋକନାଥ ନାହାକଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା ବୈଠକରେ ପ୍ରାୟ ୧୦୦ ଜଣ ଅଭିଭାବକ ଯୋଗ ଦେଇଥିଲେ। ବୈଠକରେ ପ୍ରଥମତଃ ଆଗାମୀ ଦଶମ ଶ୍ରେଣୀ ପରୀକ୍ଷାରେ କିଭଳି ଭଲ ନମ୍ବର ରଖି ଛାତ୍ର ଛାତ୍ରୀ ଉତୀର୍ଣ୍ଣ ହେବେ ଦ୍ୱିତୀୟତଃ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ପ୍ରୟାସ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ତୃତୀୟତଃ ଆପାର ଆଇଡି ପାଇଁ ସଚେତନତା ଇତ୍ୟାଦି ଆଲୋଚନା କରାଯାଇଥିଲା। ଅଭିଭାବକ ମାନଙ୍କର ବିଭିନ୍ନ ଅଜଣା ବିଷୟବସ୍ତୁ ବିଷୟରେ ପ୍ରଧାନ ଶିକ୍ଷକ ଶ୍ରୀ ନାହାକ ପ୍ରାଞ୍ଜଳ ଭାବେ ବୁଝାଇଥିଲେ । ରାଜ୍ୟ ପୁରସ୍କୃତ ଶିକ୍ଷକ ଶ୍ରୀ ସୁବାସ ଚନ୍ଦ୍ର ସାହୁ ଦଶମ ଶ୍ରେଣୀ ପରୀକ୍ଷାରେ ଉତୀର୍ଣ୍ଣ ପାଇଁ କିଛି ଟିପ୍ସ ପ୍ରଦାନ କରିଥିଲେ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ କର୍ମଚାରୀ ଏହି ବୈଠକରେ ଅଂଶ ଗ୍ରହଣ କରିଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






# ଖଡ଼ିଆଲ ଉପଖଣ୍ଡ ଚିକିତ୍ସାଳୟକୁ କାୟାକଳ୍ପ ସଂସ୍ଥା ର ବାହ୍ୟ ଗୁଣବତ୍ତା ନିରୀକ୍ଷଣ ପ୍ରତିନିଧି ଦଳଙ୍କ ପରିଦର୍ଶନ



ଖଡ଼ିଆଳ:(ମହାଭାରତ): କାୟାକଳ୍ପ ସଂସ୍ଥା ର ଏକ କେନ୍ଦ୍ର ପ୍ରତିନିଧି ଦଳ ନୂଆପଡ଼ା ଜିଲ୍ଲା ଗସ୍ତ ରେ ଆସି ଥିବା ବେଳେ ଶନିବାର ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ କୁ ପରିଦର୍ଶନ ରେ ଆସିଥିଲେ । ସ୍ୱାସ୍ଥ୍ୟ ସେବା କାୟାକଳ୍ପ ମୁଖ୍ୟତ ଜନସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ପରିଷ୍କାର ପରିଚ୍ଛନ୍ନତା, ସ୍ୱଚ୍ଛତା ଓ ସଂକ୍ରମଣ ନିୟନ୍ତ୍ରଣ କରିବା ଦିଗରେ କାର୍ଯ୍ୟ କରିଥାଏ । ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ୨୦୨୫ ର ପରିଷ୍କାର ପରିଚ୍ଛନ୍ନତା, ସ୍ୱଚ୍ଛତା ଓ ସଂକ୍ରମଣ ଉପରେ ମାନ ନିର୍ଧାରଣ ପାଇଁ ଏହି ପ୍ରତିନିଧି ଦଳ ଅନୁଧ୍ୟାନ କରିଥିଲେ । ଏହି ତିନି ଜଣିଆ ପ୍ରତିନିଧି ଦଳରେ ଡ଼ା. ଅରୂପ ଦାଶ, ଡା.ନିହାର ରଞ୍ଜନ ସ୍ୱାଇଁ, ଡ଼ା. ଦେବବ୍ରତ ମହାପାତ୍ର ଆସି ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିବା ସହ ବାହ୍ୟ ଗୁଣବତ୍ତା ର ମାନ ଅନୁଧ୍ୟାନ କରିଥିଲେ ।ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର କୁ ଅନୁଧ୍ୟାନ କରିବେ। ଖଡିଆଳ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ରେ ସମସ୍ତ ବ୍ୟବସ୍ଥା କୁ ନିରୀକ୍ଷଣ କରିବା ସହ ଆନୁସଙ୍ଗିକ ବ୍ୟବସ୍ଥା ଉପରେ ତାଗିଦ କରିବା ସହ ଲେବର ରୁମ୍, ଆଉଟ ଡୁଅର, ଔଷଧ ବିତରଣ କେନ୍ଦ୍ର, ଚକ୍ଷୁ ଚିକିତ୍ସା କକ୍ଷ, ଔଷଧ ଭଣ୍ଡାର ଗୃହ, ଶୌଚାଳୟ,ପାଥୋଲୋଜି, ଡ୍ରେସିଂ ରୁମ, ଇତ୍ୟାଦି ପ୍ରକୋଷ୍ଠ କୁ ପରିଦର୍ଶନ କରିବା ସହ ଚିକିତ୍ସିତ ହେଉଥିବା ରୋଗୀ ମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନ କରି ଅନୁସଙ୍ଗିକ ବ୍ୟବସ୍ଥା ଉପରେ ପଚାରି ବୁଝି ଥିଲେ । ସମସ୍ତ ସ୍ଥାନ ବୁଲି ଦେଖୁ ଥିବା ବେଳେ ଖଡ଼ିଆଳ ସ୍ୱାସ୍ଥ୍ୟ ଅଧିକାରୀ ଡ଼.ରଞ୍ଜିତ ରାଉତ ତାଙ୍କ ସହ ଉପସ୍ଥିତ ଥିଲେ। ଅପର ପକ୍ଷେ କୌଣସି ପ୍ରତିନିଧି ଦଳ ପରିଦର୍ଶନ ପାଇଁ ଆସିଲେ ବା କୌଣସି ନେତାମାନ୍ତ୍ରୀ ଆସିଲେ ଦିନକ ପାଇଁ ଖଡ଼ିଆଲ ସ୍ୱାସ୍ଥ୍ୟ କେନ୍ଦ୍ର ଚକଚକ ଦେଖାଯିବା ଓ ସମସ୍ତ ଡାକ୍ତରଙ୍କ ସମେତ ସମସ୍ତ କର୍ମଚାରୀ ଠିକ ସମୟରେ ଉପସ୍ଥିତ ରୁହନ୍ତି ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି । ଡାକ୍ତର ମାନେ ନିଜ ମନମୁତାବକ ଡାକ୍ତରଖାନା କୁ ଆସୁଥିବାବେଳେ ଅନେକ ସମୟରେ ରୋଗୀ ହଇରାଣ ହେଉଥିବା ଅଭିଯୋଗ ହେଉଥିଲେହେଁ କୌଣସି ଉପରସ୍ଥ ଅଧିକାରୀ ଏହାର ପଦକ୍ଷେପ ନେଉନଥିବାରୁ ଜନସାଧାରଣ ଦୁଃଖ ପ୍ରକାଶ କରୁଛନ୍ତି ଓ ରୋଗୀ କିପରି ହଇରାଣ ନହେବେ ତାର ସୁବ୍ୟବସ୍ଥା ପାଇଁ ଜିଲ୍ଲା ପ୍ରଶାସନ କୁ ନିବେଦନ କରିଛନ୍ତି ।

## ବିଶ୍ୱହିନ୍ଦୁ ପରିଷଦର ବନ ବିହାର କାର୍ଯ୍ୟକ୍ରମରେ ଯୋଗଦେଲେ ସାଂସଦ ଅନନ୍ତ ନାୟକ



କେନ୍ଦୁଝର(ମହାଭାରତ):କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକ ଅଧିନସ୍ତ ଭୀମକୁଣ୍ଡ ଠାରେ ବିଶ୍ୱହିନ୍ଦୁ ପରିଷଦ କେନ୍ଦୁଝର ଜିଲ୍ଲା ର ବନ ବିହାର ଉତ୍ସବ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦୁଝର ସାଂସଦ ଅନନ୍ତ ନାୟକ,ପାଟଣା ବିଧାୟକ ଅଖିଳ ନାଏକ ଏବଂ ପ୍ରାନ୍ତୀୟ ସଙ୍ଗଠନ ମନ୍ତ୍ରୀ ଶରତ ପ୍ରଧାନ, ଜିଲ୍ଲା ସମ୍ପାଦକ ସ୍ୱପ୍ନେଶ୍ୱର ସାହୁ, ଘଟଗାଁ ପ୍ରଖଣ୍ଡ ସମ୍ପାଦକ ଉପେନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଥିଲେ। ଭାରତୀ ସଂସ୍କୃତି ଏବଂ ହିନ୍ଦୁ ଧର୍ମର ସୁରକ୍ଷା ସହିତ କିପରି ଧର୍ମାନ୍ତୀକରଣକୁ ରୋକାଯିବ ସେମ୍ପର୍କରେ ସବିଶେଷ ଆଲୋଚନା ହୋଇଥିଲା। ସଂଗଠନ ର କେନ୍ଦୁଝର ନଗର ସଭାପତି ସୁବ୍ରତ ମହାନ୍ତି,ପ୍ରାନ୍ତ ବିଶେଷ ସମ୍ପର୍କ ପ୍ରମୁଖ ମଦନମୋହନ ଦିବେଦୀ, ସହପ୍ରମୁଖ ବସନ୍ତ କୁମାର ଦାନୀ, ପ୍ରଫୁଲ୍ଲ କୁମାର ମହାନ୍ତ,ଘନଶ୍ୟାମ ମହାନ୍ତ,ଦୁର୍ଯ୍ୟୋଧନ ମହାନ୍ତ, ଲମ୍ବୋଦର ମହାନ୍ତ, ରମେଶ ଚନ୍ଦ୍ର ହୋତା, କେଦାରନାଥ ଦାଶ, ହୀରାଲାଲ ମହାନ୍ତ, ରାଜକିଶୋର ମହାନ୍ତ, ଗଣେଶ୍ୱର ସାହୁ,ଜ୍ୟୋସ୍ନା ସେନାପତି ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

## ବେଦାନ୍ତର ଗ୍ରାମସଭା କରିବାକୁ ବିରୋଧ କରି ସାମ୍ବାଦିକ ସମ୍ମିଳନୀ କଲେ ଡଙ୍ଗରିଆ କନ୍ଧ



କଲ୍ୟାଣସିଂହପୁର(ମହାଭାରତ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ପାର୍ଶାଲି ପଞ୍ଚାୟତର ଲାଖପଦର ଗ୍ରାମରେ ବେଦାନ୍ତ କମ୍ପାନୀ ପୁନର୍ବାର ଗ୍ରାମସଭାକୁ ବିରୋଧ କରି ସାମ୍ବାଦିକ ସମ୍ମିଳନୀରେ ଗର୍ଜିଲେ ଡଙ୍ଗରିଆ କନ୍ଧ । କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ରେ ଥିବା ବେଦାନ୍ତ କମ୍ପାନୀ ନିୟମଗିରି ପାହାଡରୁ ଖଣି ଖନନ କରି ଚଳାଇବା ପାଇଁ ଷଡଯନ୍ତ୍ର କରି ଆସୁଛନ୍ତି । ଚଳିତ ମାସ ୮ ତାରିଖରେ ବର୍ତ୍ତମାନ ବେଦାନ୍ତ କମ୍ପାନୀ କିଛି ଲୋକଙ୍କୁ ହାତ ଗୁଞ୍ଜା ଦେଇ ମତାଇ କମ୍ପାନୀ ସପକ୍ଷରେ ପୁନର୍ବାର ଗ୍ରାମ ସଭାକରି ନିୟମଗିରିରୁ ଖଣି ଖନନ କରିବା ପାଇଁ ଏହା ଶୋଭାଯାତ୍ରା କରିଥିଲେ । ଏହାକୁ ବିରୋଧ କରି ନିୟମଗିରି ପାହାଡ ରେ ଥିବା ୪ଟି କଲ୍ୟାଣସିଂହପୁର,ବିଷମକଟକ ,ମୁନିଗୁଡା ଓ ଲାଞ୍ଜିଗଡ଼ ବ୍ଲକର ୧୧୨ଖଣ୍ଡ ଗ୍ରାମ ବା ପଦରର ଡଙ୍ଗରିଆ କନ୍ଧ ମାନେ ଲାଖପଦର ଠାରେ ଏକତ୍ରିତ ହୋଇ ସାମ୍ବାଦିକ ସମ୍ମିଳନୀ କହିଥିଲେ ଯକମ୍ପାନୀ ମାନେ ଯେଉଁ ପ୍ରକାର ଷଡଯନ୍ତ୍ର କରୁଛନ୍ତି ତାହାକୁ ଖାରଜ କରାଯାଉ । ପୂର୍ବରୁ ସୁପ୍ରିମକୋର୍ଟ ଯେଉଁ ନିର୍ଦ୍ଦେଶ ଦେଇଛି ସେହି ନିୟମ ଅନୁଯାୟୀ କାର୍ଯ୍ୟ ଚାଲୁ ।ଏଥିରେ ନିୟମଗିରିର ଉପ ସଭାପତି ଦଧି ପୁସିକା, କୁଡୁଞ୍ଜି କୃଟରୁକା, ଲଖଣ ପୁସିକା,ଡ୍ରିଞ୍ଜୁ କୃଷିକା, ଯୁବ ସଭାପତି ଦାସରୁ କାଦ୍ରାକା, ସମ୍ବାହୁଇକା, ଡ୍ରିକା କାଦ୍ରାକା,ଦଦୀ ସିକକା, କୃଷ୍ଣ ସିକକା ସମେତ ନିୟମଗିରି ପାହାଡରେ ବସବାସ କରୁଥିବା ଡଙ୍ଗରିଆ ମହିଳା ପୁରୁଷ ଉପସ୍ଥିତ ରହିଥିଲେ।

## ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ଉଦଯାପିତ

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଓ କୃଷି ମହୋତ୍ସବ ୨୦୨୪-୨୫ ଗତ ୬ ତାରିଖ ଦିନ ସ୍ଥାନୀୟ ବିଜୁ ମଇଦାନ ଠାରେ ଉଦଘାଟିତ ହୋଇଯାଇଛି ।ଆଜି ଅପରାହ୍ନ ରେ ପାଞ୍ଚ ଦିନ ଧରି ଚାଲିଥିବା କୃଷି ମହୋତ୍ସବ ଉଦଯାପିତ ହୋଇ ଯାଇଛି। ଏହି ଉଦଯାପିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରପାଳିକା ର ଅଧକ୍ଷ ଅକ୍ଷୟ କୁମାର ସାମନ୍ତ, ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଯୋଗ ଦେଇ ଚାଷୀ ମାନେ କିପରି କୃଷି ମହୋତ୍ସବ ର ଲାଭ ଉଠାଇ ପାରିବେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। କୃଷି କ୍ଷେତ୍ରରେ ନୂତନ ଯନ୍ତ୍ରପାତି, ଅତ୍ୟାଧୁନିକ ବୈଜ୍ଞାନିକ କୃଷି ପ୍ରଣାଳୀ ବ୍ୟବହାର ଇତ୍ୟାଦି ଦ୍ୱାରା କୃଷକମାନେ ଆର୍ଥିକ ଭାବେ ସ୍ୱଛଳ ହେବା ସହ ଉତ୍ପାଦନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବା ନେଇ ଏହି କୃଷି ମହୋତ୍ସବ ଲକ୍ଷ । ଏହି ଉଦଯାପନୀ ଉତ୍ସବରେ କାର୍ଯ୍ୟ ରେ ଉତ୍ତୀର୍ଣ୍ଣ କରିଥିବା ଅଧିକାରୀ ମାନଙ୍କୁ ପୁରସ୍କାର ପ୍ରଦାନ ସହ ହୋଇଥିବା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି କୃଷି ନିର୍ବାହୀ ଯନ୍ତ୍ରୀ ଶ୍ରୀ ପ୍ରଦୀପ କୁମାର ପଟ୍ଟନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଉମା ଶଙ୍କର ମିଶ୍ରଙ୍କ ସମେତ ବୁଦ୍ଧିଜିବୀ, ବହୁ ସଂଖ୍ୟାରେ କୃଷକ ଓ ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ।

## ଝିଅର ଜନ୍ମ ଦିନରେ ଶୀତଳ ବସ୍ତ୍ର ବଣ୍ଟନ



କଲ୍ୟାଣସିଂହପୁର(ମହାଭାରତ):ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସୁନାଖଣ୍ଡି ପଞ୍ଚାୟତ ଅଧୀନରେ ଥିବା ଜଗନ୍ନାଥପୁର ଠାରେ ଝିଅର ଜନ୍ମ ଦିନରେ ଶୀତଳ ବସ୍ତ୍ର ବଣ୍ଟନ କରିଥିବା ଦେଖିବାକୁ ମିଳିଛି । ନିଆରା ଢଙ୍ଗରେପାଳିଲେ ଝିଅର ଜନ୍ମ ଦିନ । ଜଗନ୍ନାଥପୁର ଗ୍ରାମରବାସିନ୍ଦା ବର୍ତ୍ତମାନ ରାୟଗଡା ରେ ରହି ମନୋଜ କୁମାର ପଣ୍ଡା ଏକଲବ୍ୟ ବିଦ୍ୟାଳୟ ରେ ବାଣୀବିଜ୍ଞାନ ରେ ଶିକ୍ଷକତା କରୁଥିବା ବେଳେ ସ୍ତ୍ରୀ ମାନସୀ ପଣ୍ଡା କୋଲନରା ବ୍ଲକ କୈଳାସ ପୁର ମହାବିଦ୍ୟାଳୟ ରେଅଧାପିକା ଭାବରେ କାର୍ଯ୍ୟ କରିଆସୁଛନ୍ତି ।ଆଜି ତାଙ୍କ ସାନ ଝିଅ ସେଜଲ ପଣ୍ଡା (ପରୀ)୭ବର୍ଷ ଜନ୍ମ ଦିନ ଅବସରରେ ଜଗନ୍ନାଥପୁର ଆସି ଗରିବ ,ବୃଦ୍ଧ ବୃଦ୍ଧା ଙ୍କୁ ୧୦୦ଟି ଶୀତଳ ବସ୍ତ୍ର ବଣ୍ଟନ କରିଥିଲେ । ଗରିବ ଲୋକମାନେ ଶୀତଳ ବସ୍ତ୍ର ପାଇ ଝିଅ ପରି କୁ ଦିର୍ଘାୟୁ କାମନା କରିଥିଲେ ।

## ବିଭିନ୍ନ ମାରଣାସ୍ତ୍ର ସହ ହାତବୋମା ଜବତ,ଚାରି ଡକାୟତ ଗିରଫ



ଅନୁଗୋଳ,(ମହାଭାରତ ): ବିଭିନ୍ନ ମାରଣାସ୍ତ୍ର ସହ ହାତବୋମା ଜବତ କରି ଚାରି ଜଣ ଡକାୟତ ଙ୍କୁ ଗିରଫ କରିଛି ଅନୁଗୋଳ ପୋଲିସ୍ ।ସୂଚନା ଅନୁଯାୟୀ, ଗତକାଲି ରାତିରେ ଅନୁଗୁଳ ପୋଲିସ ପକ୍ଷରୁ ହୁଲୁରିସିଂହା ଛକରେ ଚେକିଂ ଚାଲିଥିବା ସମୟରେ କିଛି ବ୍ୟକ୍ତି ମଦନମୋହନପଡ଼ାସ୍ଥିତ ମନ୍ଦିର ସାମ୍ନାରେ ବସି ଡକାୟତି ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ନେଇ ପୁଲିସ ଖବର ପାଇଥିଲେ । ତୁରନ୍ତ ସେମାନଙ୍କୁ କାବୁ କରିବା ପାଇଁ ପୁଲିସ ଟିମ ଚଢ଼ାଉ କରିଥିଲା । ପୋଲିସକୁ ଦେଖି ଡକାୟତମାନେ ସେଠାରୁ ଖସି ଯିବାକୁ ଚେଷ୍ଟା କରିଥିଲେ ମଧ ପୁଲିସ ୪ ଜଣଙ୍କୁ ଧରିଥିବା ବେଳେ ଜଣେ ସେଠାରୁ ଖସି ଯିବାରେ ସମର୍ଥ ହୋଇଥିଲା । ସେମାନଙ୍କ ପାଖରୁ ଦୁଇଟି ହାତବୋମା ଓ ଟୟ ପିସ୍ତଲ ଭଳି ମାରଣାସ୍ତ୍ର ସହ ଦୁଇଟି ମୋଟର ସାଇକେଲ , ଲଙ୍କାଗୁଣ୍ଡ ପ୍ୟାକେଟ , ମୋବାଇଲ ଜବତ କରା ଯାଇଛି ।ଧରା ପଡିଥିବା ୪ ଜଣଙ୍କୁ ଜେରା ସମୟରେ ଚକମା ଦେଇ ଖସି ଯାଇଥିବା ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ଅଞ୍ଚଳର ଜଣେ ଯୁବକ ଏହି ଡକାୟତି ଯୋଜନାର ମାଷ୍ଟର ମାଇଣ୍ଡ ଥିବା ପୁଲିସ ଜାଣିବାକୁ ପାଇଥିଲା । ଦୁଗ୍ଧ କମ୍ପାନୀ ଡିଷ୍ଟ୍ରିବ୍ୟୁଟରଙ୍କୁ ଟାର୍ଗେଟ କରି ଲୁଟ କରିବା ଯୋଜନା ଧରା ପଡ଼ିଥିବା ୪ଡ଼କାୟତ ହେଲେ କଟକ ଜିଲ୍ଲା ମଧୁପାଟଣା ଥାନା ଅନ୍ତର୍ଗତ ଲିଙ୍କ ରୋଡ ଅଞ୍ଚଳର ଅମର ସିଂ ,ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ବୁଣସାହି ଅଞ୍ଚଳର ଦୀପ୍ତି ରଞ୍ଜନ ସାହୁ,ପୁରୀ ଜିଲ୍ଲା ଚନ୍ଦନପୁର ଥାନା ଅନ୍ତର୍ଗତ ଚନ୍ଦନପୁର ମାଝିସାହି ଅଞ୍ଚଳର ଆଶୁତୋଷ ମହାପାତ୍ର ,କଟକ ଜିଲ୍ଲା ମଙ୍ଗଳାବାଗ ଥାନା ଅଞ୍ଚଳର ଶଶିକାନ୍ତ ବେହେରା । ନେଇ ମାଷ୍ଟର ମାଇଣ୍ଡ ଯୁବକ , ଧରା ପଡିଥିବା ୪ଜଣଙ୍କୁ ଅନୁଗୋଳ ଡକାଇଥିଲା ବୋଲି ଜଣା ପଡିଛି । ପୁଲିସ ଫେରାର ଥିବା ମାଷ୍ଟର ମାଇଣ୍ଡକୁ ଧରିବା ପାଇଁ ଉଦ୍ୟମ ଜାରି ରଖିଥିବାବେଳେ ଗିରଫ ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି ।

## ରାଧାମୋହନ ଦେବଙ୍କ ମଠରେ ପ୍ରବଚନ କାର୍ଯ୍ୟକ୍ରମ

ବେଗୁନିଆ(ମହାଭାରତ): ବେଗୁନିଆ ବ୍ଲକ ଦେଉଳି ପଂଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମର ରାଧାମୋହନ ଦେବଙ୍କ ମଠରେ ଗ୍ରାମବାସୀଙ୍କ ସହଯୋଗରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପରିଛଳ ଗ୍ରାମ ସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳର ପ୍ରତିଷ୍ଠାତା ତଥା ବିଶିଷ୍ଟ ବିଦ୍ୱାନ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହି ଯୁବ ସମାଜକୁ ପରିବର୍ତ୍ତନ କରିବାକୁ ହେଲେ ମନକୁ ନିୟନ୍ତ୍ରଣ କରି ମନୁଷ୍ୟ ବାକସଂଜମତା ପ୍ୟା ଆପଣେଇଲେ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ହୋଇ ପାରିବ ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ମାନେ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ କୃଷିମେଳା ଉଦଯାପିତ

## ବିଭିନ୍ନ ବିଭାଗ ସହଯୋଗ ରହି କାର୍ଯ୍ୟ କଲେ ସରକାରଙ୍କ ଉଦେଶ୍ୟ ସାଧିତ ହେବ



ରାୟଗଡ (ମହାଭାରତ): ରାୟଗଡରେ ଦୀର୍ଘ ୫ଦିନ ବ୍ୟାପି ଜିଲ୍ଲାସ୍ତରୀୟ କୃଷି ମୋହତ୍ସବ ଆଜି ଉଦଯାପିତ ହୋଇଯାଇଛି । ସ୍ଥାନୀୟ ଜି.ଆଇ. ଏସ.ସି.ଆର ପଡିଆ ଠାରେ ଆୟୋଜିତ ଜିଲ୍ଲା ସ୍ତରୀୟ ଉତ୍ସବ ଓ କୃଷୀ ଯନ୍ତ୍ରପାତି ମେଳାର ଅନ୍ତିମ ଦିନରେ ମୁଖ୍ୟ ଅତିଥି ଭାବରେ ଡା. ଦେବରାଜ ନାୟକ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଯୋଗଦାନ କରି ନିଜର ବକ୍ତବ୍ୟରେ ଚାଷୀମାନଙ୍କ ଆୟକୁ ଦ୍ୱିଗୁଣିତ କରିବା ନିମନ୍ତେ ବୈଷୟିକ ଜ୍ଞାନ କୌଶଳ ଓ ଜୈବିକ ସାର ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଏହା ସହ ସେ କୃଷି ସହିତ ମିଶ୍ରିତ ଚାଷ ଉପରେ ଧ୍ୟାନ ଦେବାକୁ ଚାଷୀମାନଙ୍କୁ ବୁଝାଇଥିଲେ । ସ୍ୱଳ୍ପ ମିଆଦୀ ଚାଷ ବିଶେଷ କରି ପନିପରିବା, ଫଳ ଚାଷ, କୁକୁଡ଼ା, ଛେଳି,ମାଛ ଓ ଅନ୍ୟାନ୍ୟ ଅର୍ଥକାରୀ ଚାଷ ଉପରେ ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବିଷ୍ଣୁ ପ୍ରସାଦ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ରାୟଗଡ ଶ୍ରୀ ଦୟାନିଧି ରାଉତ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ,ଅଧକ୍ଷ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କଲ୍ୟାଣସିଂପୁର ଶ୍ରୀ ବନମାଳୀ କାଦ୍ରାକା , କୃଷି ଜିଲ୍ଲା ଅଧିକାରୀ, ରାୟଗଡ, ଏସ. କେ.ଏହେସକ୍ଷନ, କୃଷି ନିର୍ବାହୀ ଯନ୍ତ୍ରୀ ସରୋଜିନୀ ବାଗ ଆଦି ଯୋଗଦାନ କରି ଚାଷୀମାନଙ୍କୁ କୃଷି ମେଳାର ଆବଶ୍ୟକତା ଓ ଆଧୁନିକ ପ୍ରଣାଳୀରେ ଚାଷ କଲେ ଚାଷୀ କିପରି ଲାଭବାନ ହୋଇପାରିବ ସେଉପରେ ବୁଝାଇଥିଲେ । ଆଧୁନିକ ପ୍ରଣାଳୀ କୃଷୀ କ୍ଷେତ୍ରରେ ଉତ୍ତମ ମାନର ଯନ୍ତ୍ରପାତିର ବ୍ୟବହାର କରି ଚାଷୀ ଅଧିକ ଲାଭବାନ ହୋଇପାରୁଥିବା ହେତୁ ଏବଂ ଏ କ୍ଷେତ୍ରରେ ସରକାର ଡିବିଟି ମାଧ୍ୟମରେ ସବସିଡି ଯୋଗାଇ କୃଷକଙ୍କ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦେଉଥିବାରୁ ଜିଲ୍ଲାର କୃଷକ ଭାଇମାନେ ଏହାର ସୁଯୋଗ ନେବା ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଆଜିର ଦିବସରେ କଲ୍ୟାଣସିଂପୁରର ଉଦ୍ୟାନ ବିଭାଗର ଜଣେ ସଫଳ ଚାଷୀ ତଥା ସାମ୍ବାଦିକ ଏଙ୍କେଟେଶ ପାଢ଼ୀଙ୍କୁ ସମ୍ମାନିତ କରାଯାଇଥିଲା ।ଏହା ସହ ବିଷମକଟକ ବ୍ଲକର ପଙ୍କଜ ବାତ୍ରା,ରାୟଗଡ଼ ବ୍ଲକର ପ୍ରବୀଣ ପାଲାତ୍ତୁ, କଲ୍ୟାଣସିଂପୁରର ଜଗନ୍ନାଥ ମିଣିଆକା,କୋଲନରା ବ୍ଲକର ସନ୍ତୋଷ ମିଣିଆକା ପ୍ରମୁଖ ଚାଷୀଙ୍କୁ ଟ୍ରାକ୍ଟର ଓ ଅନ୍ୟାନ୍ୟ ଯନ୍ତ୍ରପାତି ବୁକିଂ କରି କିଣି ଥିବାରୁ ଅତିଥି ମାନଙ୍କ ଦ୍ୱାରା ସମସ୍ତଙ୍କୁ ଚାବି ପ୍ରଦାନ କରାଯାଇଥିଲା ।ଶେଷରେ ଅପରାହ୍ନ ୩ ଟା ରେ ସାଂସ୍କୃତିକ କର୍ଯ୍ୟକର୍ମ ଅନୁଷ୍ଠିତ ହୋଇଥିଲା ।ଶେଷରେ ଗୋଷ୍ଠୀ କୃଷି ଅଧିକାରୀ ରାମନାଗୁଡା ଧନ୍ୟବାଦ ଅର୍ପଣ କରିଥିଲେ।ଏହି ୫ଦିନର କାର୍ଯ୍ୟକ୍ରମ କୁ ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସ ଓ ସହକାରୀ କୃଷି ଯନ୍ତ୍ରୀ ଭାଗ୍ୟଶ୍ରୀ ମଲ୍ଲିକ ସୁନ୍ଦର ଭାବରେ ମଞ୍ଚ ପରିଚାଳନା କରିଥିଲେ ।

# ଯୋଡା ରୋଟାରୀ କ୍ଲବ ପକ୍ଷରୁ ଶାନ୍ତିର ସ୍ତମ୍ଭ ସ୍ଥାପନ



ଯୋଡା, (ମହାଭାରତ) ଦୀର୍ଘ ୨୦ ବର୍ଷ ଧରି ଯୋଡା ରୋଟାରୀ କ୍ଲବ ଯୋଡା ପୌରାଞ୍ଚଳ ଏବଂ ଏହାର ଆଖପାଖ ଅ□ଳରେ ବିଭିନ୍ନ ଉଲ୍ଲେଖନୀୟ ସାମାଜିକ କାର୍ଯ୍ୟ ନିର୍ବାହ କରିଆସୁଅଛି । ବୃକ୍ଷ ରୋପଣ, ରକ୍ତଦାନ ଶିବିର, ବିଭିନ୍ନ ବିଦ୍ୟାଳୟମାନଙ୍କୁ ନେଇ ବକ୍ତୃତା, ରଚନା, ଚିତ୍ରାଙ୍କନ ପ୍ରତିଯୋଗୀତାମାନ କରି କୃତି ଛାତ୍ର, ଛାତ୍ରୀମାନଙ୍କୁ ପୁରସ୍କୃତ କରିବା, ଦନ୍ତ, ଚକ୍ଷୁ ଓ ସାଧାରଣ ରୋଗର ନିରାକରଣ ନିମନ୍ତେ ଶିବିର ଅନୁଷ୍ଠିତ କରିବା, ବିଭିନ୍ନ ବିଦ୍ୟାଳୟ ଗୁଡିକରେ ପାନୀୟର ବ୍ୟବସ୍ଥା, ବସ୍ତିମାନଙ୍କରେ କମ୍ବଳ ବଣ୍ଟନ, ଛୋଟ ଛୋଟ ଶିଶୁମାନଙ୍କୁ ପାଠ୍ୟ ପୁସ୍ତକ ବ୍ୟାଗ ବିତରଣ ଭଳି ବିଭିନ୍ନ ସାମାଜିକ ଦାୟିତ୍ୱ ନିର୍ବାହ କରିଆସୁଅଛି । ଏହିପରିପେକ୍ଷୀରେ ଶୁକ୍ରବାର ପୂର୍ବାହ୍ନରେ ରୋଟାରୀ ଜିଲା-୩୨୬୨ ର ଗଭର୍ଣ୍ଣର ରୋଟାରୀଆନ ଯାଜ୍ଞଶିଷ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଲେଇପଦାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଯୋଡା ରୋଟାରୀ କ୍ଲବ ପକ୍ଷରୁ ସ୍ଥାପନ କରାଯାଇଥିବା ଜଳ ପ୍ରକଳ୍ପର ଶୁଭ ଉଦ୍ଘାଟନ କରିଥିଲେ। ଏହାପରେ ବନେଇକଳା ଛକ ଠାରେ ଏକ ଶାନ୍ତି ସ୍ତମ୍ଭର ମଧ ଶୁଭ ଉଦ୍ଘାଟନ କରିଥିଲେ । ସମଗ୍ର ବିଶ୍ୱରେ ସର୍ବତ୍ର ଶାନ୍ତି ବଜାୟ ରହିବା କାମନା କରି ଏହି ସ୍ତମ୍ଭ ପ୍ରତିଷ୍ଠା କରାଯାଇଥିବା ବେଳେ ଏହାକୁ ଶାନ୍ତିର ପ୍ରତୀକ କପୋତ ଉଡାଇ ଜନସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରିଥିଲେ । ଏହି ଅବସରରେ ସ୍ଥାନୀୟ ବସ୍ତି ବାସିନ୍ଦାମାନଙ୍କୁ କମ୍ବଳ ବଣ୍ଟନ କରିବା ସହିତ ଅଙ୍ଗନୱାଡି ଶିଶୁମାନଙ୍କୁ ବ୍ୟାଗ ଓ ପାଠ୍ୟ ଉପକରଣ ବିତରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଭର୍ଣ୍ଣର ଯାଜ୍ଞଶିଷଙ୍କ ସହିତ ଆଶିଷ୍ଟା□ ଗଭର୍ଣ୍ଣର ରୋଟାରୀଆନ ଡା. ରାଜେନ୍ଦ୍ର ପଲେଇ ମଧ ଉପସ୍ଥିତ ରହିଥିଲେ । ସେମାନଙ୍କୁ ଯୋଡା ରୋଟାରୀ କ୍ଲବ ପକ୍ଷରୁ ବନେଇକଳା ଛକ ଠାରେ ଭବ୍ୟ ସ୍ୱାଗତ କରାଯାଇଥିଲା । କାର୍ଯ୍ୟକ୍ରମଟିରେ ଯୋଡା ରୋଟାରୀ କ୍ଲବର ସଭାପତି ରୋଟାରୀଆନ ପ୍ରକାଶ ମହାନ୍ତି, ସମ୍ପାଦକ ରୋଟାରୀଆନ ସାରଦା ପ୍ରସାଦ ଆଚାର୍ଯ୍ୟ, ପୂର୍ବତନ ସଭାପତି ସ୍ନିଗ୍ଧା କର, ପୂର୍ବତନ ସମ୍ପାଦୀକା ରୀନା ସିଙ୍ଘାନିଆ, ବିକାଶ ମହାନ୍ତି, ଜିତେନ୍ଦ୍ର ବୈଦ୍ୟ, ବି.ଡି. ସାହୁ, ସିଦ୍ଧାର୍ଥ ସାରଥି କର, ସୁନିଲ ବାଷୋତିଆ, ଜୟଶ୍ରୀ ମହାନ୍ତି, ସ୍ୱେତପର୍ଣ୍ଣ ତ୍ରିପାଠୀ, ପଦ୍ମଲୋଚନ ବେହେରା, ରାକେଶ ସିଙ୍ଘାନିଆ, ସ୍ୱରୂପ ପଣ୍ଡା, ମନୋଜ ଜୟସ୍ୱାଲ, ଦୀପକ ବିହାରୀ, ଦିଲୀପ ରାଉତ, ସୁମନ ଭଟ୍ଟାଚାର୍ଯ୍ୟ ପ୍ରମୁଖ ରୋଟାରୀଆନମାନେ ଉପସ୍ଥିତ ରହିଥିବା ବେଳେ ସମାଜସେବୀ ବାବୁଆ ବାନା ଏଥିରେ ସହଯୋଗ କରିଥିଲେ ।

# ମୁସଲମାନଙ୍କୁ କୁମ୍ଭମେଳାକୁ ସ୍ୱାଗତ କଲେ ଯୋଗୀ

**ଲକ୍ଷ୍ନୌ,୧୧।୧(ଏଜେନ୍ସି):** ୧୦।୧।୧: ଉତ୍ତରପ୍ରଦେଶ ପ୍ରୟାଗରାଜ ନଦୀକୂଳରେ ଆୟୋଜନ ହେବ ଭବ୍ୟ ମହାକୁମ୍ଭ ମେଳା । ଜାନୁଆରୀ ୩ରୁ ଆରମ୍ଭ ହୋଇ ଫେବୃଆରୀ ୨୬ ପର୍ଯ୍ୟନ୍ତ ଏହି ମେଳା ଚାଲିବ । ଏଥିପାଇଁ ଜୋରସୋରରେ ଉତ୍ତରପ୍ରଦେଶ ସରକାର ପ୍ରସ୍ତୁତି ଆରମ୍ଭ କରିଛି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନିଜେ ଏହାର ତଦାରଖ କରୁଛନ୍ତି । ଏଥିପାଇଁ ବାରମ୍ବାର ପ୍ରୟାଗରାଜ ଗସ୍ତ କରୁଛନ୍ତି ଯୋଗୀ । କୁମ୍ଭ ମେଳାରେ ମୁସଲମାନଙ୍କ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଯିବ ବୋଲି ଚର୍ଚ୍ଚା ହେଉଥିଲା । ଏ ସମ୍ପର୍କରେ ଖୋଲାଖୋଲି ଆଲୋଚନା କରିଛନ୍ତି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ । ଆଦିତ୍ୟନାଥ କହିଛନ୍ତି ଯେ, ଯେଉଁମାନଙ୍କୁ ଭାରତର ସନାତନ ଧର୍ମ ପରମ୍ପରାରେ ଆସ୍ଥା ଓ ବିଶ୍ୱାସ ରହିଛି ସେମାନେ କୁମ୍ଭମେଳାକୁ ଆସିପାରିବେ । ହେଲେ ମନ୍ଦ ବା ଖଳ ଚିନ୍ତାଧାରା ରଖୁଥିବା ଲୋକ ଏଭଳି ପବିତ୍ର ସ୍ଥାନକୁ ନ ଆସିବାକୁ ମଧ୍ୟ ସେ ଚେତାବନୀ ଦେଇଛନ୍ତି । କେହି ଖରାପ କାମ କରୁଥିବା ବେଳେ ଧରାପଡ଼ିଲେ ତାଙ୍କୁ କଠୋର ମଧ୍ୟ ଦଣ୍ଡ ଦିଆଯାଇପାରେ ବୋଲି ସେ କହିଛନ୍ତି । ଯୋଗୀ ଆଦିତ୍ୟନାଥ କୁମ୍ଭନଗରୀରେ ମୁସଲମାନଙ୍କୁ ସ୍ୱାଗତ କରିଛନ୍ତି ସତ, କିନ୍ତୁ ତାଙ୍କ ପାଇଁ କିଛି ସର୍ତ୍ତ ମଧ୍ୟ ଲଗାଇଛନ୍ତି । ସେ କହିଛନ୍ତି, କୁମ୍ଭମେଳାରେ ଏଭଳି ଲୋକଙ୍କୁ ସ୍ୱାଗତ କରାଯିବ, ଯିଏ ଭାରତୀୟଙ୍କୁ ସମ୍ମାନ କରନ୍ତି । ସନାତନ ପରମ୍ପରାରେ ଶ୍ରଦ୍ଧା ରଖନ୍ତି । ଯେଉଁମାନେ ଅନ୍ୟ କାହାର ଚାପରେ ଇସଲାମ ଧର୍ମ ଗ୍ରହଣ କରିଛନ୍ତି ଏବଂ ନିଜ ଗୋତ୍ରକୁ ଭାରତର ଋଷିମୁନିଙ୍କ ନାଁ ସହ ଜଡ଼ିତ ବୋଲି ଭାବୁଛନ୍ତି ସେମାନଙ୍କୁ କୁମ୍ଭମେଳାକୁ ସ୍ୱାଗତ । ଏଭଳି ଲୋକ ପ୍ରୟାଗରାଜ ଆସି ପାରମ୍ପରିକ ଭାବେ ସଙ୍ଗମରେ ସ୍ନାନ କରନ୍ତୁ । କହିରଖୁ କି, ଆଦିତ୍ୟନାଥ ପ୍ରୟାଗରାଜରେ ସାଧୁସନ୍ଥଙ୍କ ସାଙ୍ଗରେ ରାତ୍ରି ଭୋଜନ କରିବା ସହ ତାଙ୍କୁ ଉପହାର ମଧ୍ୟ ଦେଇଥିଲେ । ଏହି ସମୟରେ ସାଧୁସନ୍ଥମାନେ ବୈଦିକ ମନ୍ତ୍ର ଉଚ୍ଚାରଣ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ପୁଷ୍ପ ବର୍ଷାରେ ସ୍ୱାଗତ କରିଥିଲେ ।



# ଦେଶ ଛାଡ଼ିବେ ଲକ୍ଷେ ୪୨ହଜାର ଧନୀ

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଉନ୍ନତ ସୁବିଧାସୁଯୋଗ ଓ ସୁରକ୍ଷା ଥିବା ଦେଶରେ ବସବାସ କରିବା ଲାଗି ୨୦୨୫ରେ ସାରା ବିଶ୍ୱରୁ ୧,୪୨,୦୦୦ ଧନୀ ବ୍ୟକ୍ତି ନିଜ ଦେଶ ଛାଡ଼ିବେ । ହେନ୍ଲି ଆଣ୍ଡ୍ ପାର୍ଟନର୍ସ ପକ୍ଷରୁ ଏହି ଆକଳନ କରାଯାଇଛି । ୨୦୨୩ରେ ୧,୩୪,୦୦୦ ଧନୀ ବ୍ୟକ୍ତି ନିଜ ଦେଶ ଛାଡ଼ି ବିଦେଶ ପଳାୟନ କରିଥିଲେ । ଚଳିତ ବର୍ଷ ଆହୁରି ଅଧିକ ଲୋକ ଦେଶ ଛାଡ଼ିବେ । ସେମାନେ ବସବାସ ଲାଗି ମୁଖ୍ୟତଃ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ), ଆମେରିକା ଓ ଇଟାଲିକୁ ବାଛିବେ । ଆଶ୍ଚର୍ଯ୍ୟର ବିଷୟ ହେଉଛି ବହୁ ସଂଖ୍ୟାରେ ଧନୀ ଲୋକ ବ୍ରିଟେନରୁ ପଳାୟନ କରିବେ । ଗତ କିଛି ବର୍ଷ ହେଲା ଦେଶ ଛାଡ଼ି ପଳାୟନ କରୁଥିବା ଧନୀଙ୍କ ସଂଖ୍ୟା ବିବାରେ ଲାଗିଛି । ୨୦୧୫ରେ ସାରା ବିଶ୍ୱରୁ ମାତ୍ର ୫୧ ହଜାର ଲୋକ ଦେଶ ଛାଡ଼ିଥିଲେ । ୨୦୨୫ ସୁଦ୍ଧା ତାହା ୧୭୮ ପ୍ରତିଶତ ବୃଦ୍ଧି ପାଇ ୧.୪୨ ଲକ୍ଷରେ ପହଞ୍ଚିବ । ବସବାସ ଲାଗି ନିଜ ଦେଶ ଛାଡ଼ି ବିଦେଶ ମାଟିକୁ ବାଛିବା ପଛରେ ଅନେକ କାରଣ ରହିଛି । ସେଗୁଡ଼ିକ ମଧ୍ୟରେ ରହିଛି ବିଶ୍ୱବ୍ୟାପୀ ଅଶାନ୍ତି, ଭୂ-ରାଜନୈତିକ ସଙ୍କଟ, ଆର୍ଥିକ ଅସ୍ଥିରତା, ଡିଜିଟାଲ୍ ଦୁନିଆ ଓ ପ୍ରବାସୀଙ୍କୁ ଆକୃଷ୍ଟ କରିବା କାର୍ଯ୍ୟକ୍ରମ । ବର୍ତ୍ତମାନ ଡିଜିଟାଲ୍ ଦୁନିଆରେ ବିଶ୍ୱର ଯେକୌଣସି ସ୍ଥାନରେ ରହି ଯୋଗାଯୋଗ ସମ୍ଭବ ହୋଇପାରୁଛି । ଫଳରେ ପୂର୍ବରୁ ଯେଉଁ ପ୍ରତିବନ୍ଧକଗୁଡ଼ିକ ଥିଲା ତାହା ଦୂର ହୋଇଛି । ଧନୀ ଲୋକମାନେ ଉତ୍ତମ ଜୀବନଶୈଳୀ, ଦୃଢ଼ ଭିତ୍ତିଭୂମି, ଉଚ୍ଚତର ଶିକ୍ଷା ଓ ସ୍ୱାସ୍ଥ୍ୟ ସୁବିଧା ଥିବା ଦେଶଗୁଡ଼ିକୁ ବସବାସ ଲାଗି ଚୟନ କରୁଛନ୍ତି । କୁହାଯାଉଛି ଯେ ୨୦୨୪ରେ ହୋଇଥିବା ନିର୍ବାଚନର ଫଳାଫଳ ଧନୀ ଲୋକମାନଙ୍କ ନିଷ୍ପତ୍ତିରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଛି । ସ୍ୱଚ୍ଛଳ ବର୍ଗର ଲୋକମାନେ ନିଜକୁ ସୁହାଇବା ଭଳି ସ୍ଥାନକୁ ପଳାଇବାକୁ ଚାହୁଁଛନ୍ତି । ମାଲ୍ଟା, ମୋନାକୋ, ସିଙ୍ଗାପୁର, ସ୍ୱିଜରଲ୍ୟାଣ୍ଡ ଓ ୟୁଏଇ ଭଳି ଦେଶ ଧନୀଙ୍କୁ ଆକର୍ଷିତ କରିବା ଲାଗି ଲୋଭନୀୟ ଯୋଜନା ପ୍ରସ୍ତୁତ କରିଛନ୍ତି । ସେମାନେ ନିବେଶ ଉପରେ ଟିକସ ଲାଭ ଓ ଅନ୍ୟାନ୍ୟ ସୁବିଧା ମଧ୍ୟ ଦେଉଛନ୍ତି । ଯେଉଁ ଦେଶଗୁଡ଼ିକ ରିଅଲ ଇଷ୍ଟେଟ୍ରେ ନିବେଶ ସୁବିଧା ଦେଉଛନ୍ତି, ଅଧିକାଂଶ ଧନୀ ସେହି ଦେଶକୁ ବସବାସ ଲାଗି ଚୟନ କରୁଛନ୍ତି । ପାରମ୍ପରିକ ଭାବେ ଧନୀ ଲୋକମାନଙ୍କ ପସନ୍ଦର ସ୍ଥାନ ଥିବା ବ୍ରିଟେନ୍ ଏହାର ଚମକ ହରାଇବାରେ ଲାଗିଛି । ୨୦୨୨ରେ ବ୍ରିଟେନରୁ ୧୬୦୦, ୨୦୨୩ରେ ୩୨୦୦ ଓ ୨୦୨୪ରେ ୯୫୦୦ ଧନୀ ପଳାୟନ କରିଥିଲେ ।

# ପାକିସ୍ତାନର ୧୬ ପରମାଣୁ ବୈଜ୍ଞାନିକଙ୍କ ଅପହରଣ !

**କରାଚୀ,୧୧।୧(ଏଜେନ୍ସି):** ପାକିସ୍ତାନର ୧୬ରୁ ୧୮ ଜଣ ପରମାଣୁ ବୈଜ୍ଞାନିକଙ୍କୁ ଅପହରଣ କରାଯାଇଥିବା ଦାବି କରାଯାଇଛି । ଆତଙ୍କବାଦୀ ସଂଗଠନ ତେହରିକ-ଏ-ତାଲିବାନ ପାକିସ୍ତାନ (ଟିଟିପି) ପାକିସ୍ତାନର ପରମାଣୁ ବୈଜ୍ଞାନିକଙ୍କୁ ଅପହରଣ କରିଥିବା ଦାବି କରି ଏକ ଭିଡିଓ ଜାରି କରିଛି । ଏ ନେଇ ପାକିସ୍ତାନୀ ସାମ୍ବାଦିକ ଜୱାଦ ୟୁସୁଫଜାଇ ଏକ୍ସରେ ସୂଚନା ଦେଇଛନ୍ତି । ତାଙ୍କ ସୂଚନା ଅନୁସାରେ ଅପହୃତ ପରମାଣୁ ବୈଜ୍ଞାନିକମାନେ ପାକିସ୍ତାନର ଆଣବିକ ଶକ୍ତି ଆୟୋଗର କର୍ମଚାରୀ । ସେମାନେ ଲକ୍କି ମାରୱାଟର କାବୁଲ ଖେଲ ଆଣବିକ ଖଣ୍ଡି ଖଣି ପ୍ରକଳ୍ପରେ କାର୍ଯ୍ୟରତ ଥିଲେ । ଆତଙ୍କବାଦୀମାନେ କମ୍ପାନୀର ଗାଡ଼ିକୁ ମଧ୍ୟ ଜଳାଇଦେଇଛନ୍ତି । ଅପହୃତ ପରମାଣୁ ବୈଜ୍ଞାନିକମାନେ ପାକିସ୍ତାନର ଆଣବିକ ଶକ୍ତି ଆୟୋଗର କର୍ମଚାରୀୟ ସେମାନେ ଲକ୍କି ମାରୱାଟର କାବୁଲ ଖେଲ ଆଣବିକ ଖଣ୍ଡି ଖଣି ପ୍ରକଳ୍ପରେ କାର୍ଯ୍ୟରତ ଥିଲେ । ଆତଙ୍କବାଦୀମାନେ କମ୍ପାନୀର ଗାଡ଼ିକୁ ମଧ୍ୟ ଜଳାଇଦେଇଛନ୍ତି । ତାଲିବାନ ପାକିସ୍ତାନର ଅପହୃତ ପରମାଣୁ ବୈଜ୍ଞାନିକଙ୍କ ଏକ ଭିଡିଓ ଜାରି କରିଛି । ଭିଡିଓରେ ପାକିସ୍ତାନୀ ଅଧିକାରୀମାନେ ବିଦ୍ରୋହୀଙ୍କ ଦାବିକୁ ଗ୍ରହଣ କରିବା ଏବଂ ନିଜକୁ ରକ୍ଷା କରିବା ପାଇଁ ସରକାରଙ୍କୁ ଅନୁରୋଧ କରୁଥିବା ଦେଖିବାକୁ ମିଳିଛି । ଏହି ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେଉଛି । ବୈଜ୍ଞାନିକଙ୍କ ଏହି ଅବସ୍ଥା ପାକିସ୍ତାନର ବିପର୍ଯ୍ୟସ୍ତ ନିରାପତ୍ତା ଏବଂ ସେନାର ଅସହାୟତାର ଏକ ନମୁନା ବୋଲି ଲୋକେ କହୁଛନ୍ତି । ପାକିସ୍ତାନର ପରମାଣୁ ବୈଜ୍ଞାନିକମାନଙ୍କୁ ଆତଙ୍କବାଦୀମାନେ ଅପହରଣ କରିବା ପରେ ପାକିସ୍ତାନର ଆଣବିକ କାର୍ଯ୍ୟକ୍ରମର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# କାନାଡ଼ାର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ଚୟନ ପାଇଁ ତାରିଖ ଘୋଷଣା କଲା ଲିବରାଲ ଦଳ

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** କାନାଡ଼ା ରାଜନୀତିରେ ଘଡିକେ ଘୋଡା ଛୁଟୁଛି । କେତେବେଳେ ବିରୋଧିଙ୍କ ହଟ୍ଟଗୋଳ ତ କେତେବେଳେ ଶାସକ ଦଳରେ ଥିବା ନେତାଙ୍କ ଅପ୍ରିତୀକର ବୟାନ କାନାଡ଼ା ରାଜନୀତିକୁ ଉଷ୍ମ କରୁଛି । ୯ ବର୍ଷ ପ୍ରଧାନମନ୍ତ୍ରୀ ପଦରେ ରହିବା ପରେ ଜାନୁଆରୀ ୬ ତାରିଖ ଦିନ ଜଷ୍ଟିନ ଟ୍ରୁଡୋ ନିଜ ପଦରୁ ଇସ୍ତଫା ପ୍ରଦାନ କରିଥିଲେ । ଏହି ପରିପ୍ରେକ୍ଷିରେ କାନାଡ଼ାର ଲିବେରାଲ ଦଳ ନିଜ ଦଳର ମୁଖିଆ ତଥା ଦେଶର ପରବର୍ତ୍ତୀ ପ୍ରଧାନମନ୍ତ୍ରୀଙ୍କୁ ମାର୍ଚ୍ଚ ୯ ରେ ବାଛିବ ବୋଲି ଘୋଷଣା କରିଛି । ଏକ ମଜବୁତ ଓ ସୁରକ୍ଷା ପ୍ରକ୍ରିୟା ମାଧ୍ୟମରେ କାନାଡ଼ାର ଲିବରାଲ ପାର୍ଟି ନୂଆ ମୁଖିଆଙ୍କୁ ଚୟନ କରିବାକୁ ଯାଉଛି । ତେବେ ୨୦୨୫ରେ ହେବାକୁ ଥିବା ନିର୍ବାଚନରେ ଲଢି ଜିତିବା ପାଇଁ ଦଳ ପ୍ରସ୍ତୁତ ବୋଲି ଲିବରାଲ ଦଳ ଏକ ଷ୍ଟେଟମେଣ୍ଟ ଜାରି କରିଛି । ଦଳର ଜାତୀୟ ପରିଷଦ ଏନେଇ ବିଭିନ୍ନ ବୈଠକ କରିବାପରେ ଏହି ତାରିଖ ଘୋଷଣା କରିଛନ୍ତି । ତେବେ ସଂଭାବିତ ପାର୍ଥୀ ମାନଙ୍କୁ ଦଳରେ ଯୋଗ ଦେବାପାଇଁ ୩,୫୦,୦୦୦ କାନାଡ଼ୀୟ ଡଲାର ଦେୟ ରାଶି ଦେବାକୁ ପଡିବ ବୋଲି ଘୋଷଣା କରାଯାଇଛି । ଏହା ପୂର୍ବରୁ ଦଳରେ ଯୋଗ ଦେବା ପାଇଁ ଦେୟ ରାଶିର ପରିମାଣ ୭୫,୦୦୦ କାନାଡ଼ୀୟ ଡଲାର ରହିଥିଲା । କାନାଡ଼ା ନାଗରିକ ମାନଙ୍କ ଭୋଟିଂ ଏଲିଜିବିଲିଟିରେ ପରିବର୍ତ୍ତନ ଆଣିଛି ଲିବରାଲ ଦଳ । ଏଣିକି ୧୪ ବର୍ଷ ବୟସ୍କ କାନାଡ଼ୀୟ ନାଗରିକ ମାନେ ମଧ୍ୟ ଭୋଟଦାନ କରିପାରିବେ । ମୂଳ କାନାଡ଼ୀୟ ନାଗରିକ ମାନଙ୍କ ଛଡା ଅନ୍ୟ କେହି ଏହି ନିର୍ବାଚନରେ ଭାଗ ନେଇ ପାରିବେ ନାହିଁ ବୋଲି ଘୋଷଣା କରିଛି ଲିବରାଲ ଦଳ । ତେବେ ଏହି ନିର୍ବାଚନ ଦୌଡରେ ଦୁଇ ମୂଳ ଭାରତୀୟ ମଧ୍ୟ ସାମିଲ ହୋଇଛନ୍ତି । ଏହି ଦୁଇ ପାର୍ଥୀଙ୍କର ନାମ ହେଉଛି ଚନ୍ଦ୍ର ଆର୍ଯ୍ୟା ଓ ଅନୀତା ଆନନ୍ଦ । ଟ୍ରୁଡୋ ନିଜ ପଦରୁ ଇସ୍ତଫା ଦେଇଥିଲେ ମଧ୍ୟ ପରବର୍ତ୍ତୀ ପ୍ରଧାନମନ୍ତ୍ରୀଙ୍କ ନାଁ ନ ଆସିବା ଯାଏ ସେ ପ୍ରଧାନମନ୍ତ୍ରୀ ପଦ ସମ୍ଭାଳିବେ ବୋଲି ଜଣାପଡିଛି । କାନାଡ଼ାରେ ହେବାକୁ ଥିବା ଆସନ୍ତା ନିର୍ବାଚନ ଚଳିତ ବର୍ଷ ଅକ୍ଟୋବର ୨୦ରେ ହେବ ବୋଲି ଘୋଷଣା କରାଯାଇଛି । ତେବେ ଆସନ୍ତା ନିର୍ବାଚନରେ ବିରୋଧି କନଜରଭେଟିବ ଦଳ ଜିତିବାର ସମ୍ଭାବନା ଅଧିକ ରହିଛି ବୋଲି ଏକ ସର୍ଭେ-ପୋଲରୁ ଜଣାପଡିଛି ।

# ପ୍ରଦୂଷଣ ଘେରରେ ମୁମ୍ବାଇ

**ମୁମ୍ବାଇ,୧୧।୧(ଏଜେନ୍ସି):** ବମ୍ବେ ହାଇକୋର୍ଟ ବାୟୁ ପ୍ରଦୂଷଣକୁ ନେଇ ପ୍ରମୁଖ ଟିପ୍ପଣୀ ଦେଇଛନ୍ତି । କୋର୍ଟ ଏହି କଥା ଉପରେ ଚିନ୍ତା ପ୍ରକଟ କରିଛନ୍ତି କି, ସହରରେ କଣ ବାୟୁ ପ୍ରଦୂଷଣର କୌଣସି ସାମାଧାନ ବାହାରିବ ନା ପୁଣି ପ୍ରତିବର୍ଷ ଦୀପାବଳି ପରେ ନାଗରିକଙ୍କୁ ଧୂଆଁର ସାମ୍ନା କରିବାକୁ ପଡ଼ିବ । ଏଚସି ଏହା ମଧ୍ୟ ପରାମର୍ଶ ଦେଇଛନ୍ତି କି, ବେକରି ଗୁଡ଼ିକୁ କାଠ ବା କୋଇଲାର ବ୍ୟବହାର ଉପରେ ରୋକ୍ ଲଗେଇବା ଉଚିତ୍ । ଏହା ମଧ୍ୟ କହିଛନ୍ତି , ସିଏନଜି ଓ ଇଲେକ୍ଟ୍ରିକ୍ କାର୍ ଗୁଡ଼ିକର ବ୍ୟବହାର ଉପରେ ଜୋର ଦିଆଯିବା ଉଚିତ୍ । ଚିଫ୍ ଜଷ୍ଟିସ୍ ଡିକେ ଉପାଧ୍ୟାୟ ଓ ଜଷ୍ଟିସ୍ ଗିରିଶ କୁଲକର୍ଣ୍ଣିଙ୍କର ଖଣ୍ଡପୀଠ କହିଛନ୍ତି କି, ସବୁ ଅଧିକାରୀ ମୁମ୍ବାଇର ଖରାପ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ପଛର ସମସ୍ୟା ଓ କାରଣ ବିଷୟରେ ଅବଗତ ଅଛନ୍ତି , କିନ୍ତୁ ସମାଧାନ ଓ ନିଆ ଯାଉଥିବା ପଦକ୍ଷେପକୁ ତୁରନ୍ତ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି । ପୀଠ ୨୦୨୩ରେ ସହର ଓ ରାଜ୍ୟରେ ଖରାପ ବାୟୁ ଗୁଣବତ୍ତା ଉପରେ ସ୍ୱତଃ ସଜ୍ଞାନ ନେଇ ଥିଲେ । କୋର୍ଟ ଗୁରୁବାର କହିଛନ୍ତି, ପ୍ରତିବର୍ଷ ଦୀପାବଳି ପରେ ସ୍ଥିତି ଏକା ଭଳି ହୋଇଥାଏ । ଏମିତି ସ୍ଥିତିରେ ସମାଧାନ କଣ ରହିଛି ? ଏସବୁ ପ୍ରତିବର୍ଷ ଦୀପାବଳି ପରେ ଆରମ୍ଭ ହୋଇ ଥାଏ । ପ୍ରମୁଖ ସ୍ତରରେ ଆମେ ସମସ୍ୟା ଓ କାରଣ ଗୁଡ଼ିକୁ ଜାଣନ୍ତି, ହେଲେ ଏବେ ସମାଧାନ କଣ ? ଆମେ କଣ ପ୍ରତି ବର୍ଷ ମୁମ୍ବାଇରେ ଏହି ଧୂଆଁ ଦେଖୁଥିବା ? କିଛି ଦିନ ତ ଦୃଶ୍ୟତା ବହୁତ କମ୍ ହୋଇଥାଏ ।ପୀଠ କହିଛନ୍ତି ,୨୦୨୩ରେ କୋର୍ଟ ଦୀପାବଳିର ଉତ୍ସବରେ ପ୍ରତିଦିନ କେବଳ କିଛି ଘଣ୍ଟା ପାଇଁ ବାଣ ଫୁଟାଇବାକୁ ଅନୁମତି ଦେଇ ଥିଲେ । କିନ୍ତୁ ନିର୍ଦ୍ଦେଶର କେବେ ବି ପାଳନ କରାଯାଇ ନାହିଁ । କୋର୍ଟ କହିଛନ୍ତି, ଆମେ ଦେଖୁଛୁ କି, ଆମର ଆଦେଶ ସତ୍ତ୍ୱେ ଲୋକେ ବିଳମ୍ବିତ ରାତିରେ ୧ଟା ଯାଏ ବାଣ ଫୁଟାଉ ଥିଲେ , କାର୍ଯ୍ୟାନ୍ୱୟନ ଏଜେନ୍ସିମାନେ ଆମର ଆଦେଶର କେବେ ବି ପାଳନ କରି ନଥିଲେ । ଏଚସି କହିଛନ୍ତି କି, ଏହା ଦେଖି ଦୁଃଖ ହେଲା କି ଅଧିକାରୀଙ୍କ ପକ୍ଷରୁ କୌଣସି ସକ୍ରିୟ ପଦକ୍ଷେପ ଉଠାଯାଇ ନାହି । ପୀଠ କହିଛନ୍ତି , ଯେବେ କୋର୍ଟ ଆଦେଶ ପାରିତ କରନ୍ତି ତ ସେତେବେଳେ କିଛି କରାଯାଏ । ଯେକେହି ପ୍ରଭାବିତ ହୋଇଥାଏ । ଅଧିକାରୀଙ୍କୁ ସ୍ପଷ୍ଟ ରୂପେ ଅଧିକ କଠୋର ପଦକ୍ଷେପ ଉଠାଇବାର ଆବଶ୍ୟକତା ରହିଛି । ପ୍ରଦୂଷଣର ସ୍ତର କେବେ କମ୍ ହେବ ? ଯେବେସୁଦ୍ଧା କିଛି କଠୋର ପଦକ୍ଷେପ ଉଠାଯାଇ ନଥାଏ , ସେପର୍ଯ୍ୟନ୍ତ ସ୍ଥିତି ନିୟନ୍ତ୍ରଣରେ ଆସିବ ନାହିଁ ।

# ଏଣିକି ଏୟାରଲାଇନ୍ସ ଦେବେ ପାଣିପାଗ ତଥ୍ୟ

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଏୟାରଲାଇନ୍ସ ଦେବେ ପାଣିପାଗ ତଥ୍ୟ । ବିମାନ ଉଡ଼ାଣ ଓ ଅବତରଣ ବେଳେ ଗୁରୁତ୍ୱପୂର୍ଣ୍ଣ ପାଣିପାଗ ତଥ୍ୟ ସଂଗ୍ରହ କରାଯାଇଥାଏ । ଆଉ ସେହି ତଥ୍ୟକୁ ସେମାନେ ଖୁବ୍‌ଶୀଘ୍ର ଭାରତୀୟ ପାଣିପାଗ କେନ୍ଦ୍ର ବା ଆଇଏମ୍ଡିକୁ ଦେବେ । ଏୟାରଲାଇନ୍ସ ଗୁଡିକ, ପାଣିପାଗ ସମ୍ପର୍କିତ ତଥ୍ୟ ଆଇଏମ୍ଡିକୁ ଦେବା ବାଧ୍ୟତାମୂଳକ କରିବା ନେଇ କେନ୍ଦ୍ର ସରକାର ବିଚାର କରୁଛନ୍ତି । ଏପରି ହେଲେ ପାଣିପାଗ ସମ୍ପର୍କିତ ସଠିକ୍ ପୂର୍ବାନୁମାନ ଆହୁରି ସଠିକ୍ ହୋଇପାରିବ । ଭୂ-ବିଜ୍ଞାନ ବିଭାଗ ପକ୍ଷରୁ ଏନେଇ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ସହ ଆଲୋଚନା କରାଯାଇଛି । ବର୍ଷକ ଭିତରେ ଡୋମେଷ୍ଟିକ୍ ଏୟାରଲାଇନ୍ସଗୁଡ଼ିକ ଲାଗି ପାଣିପାଗ ତଥ୍ୟ ଦେବା ବାଧ୍ୟତାମୂଳକ କରାଯିବ । ଏହି ତଥ୍ୟ ବିମାନ ଚଳାଚଳ କ୍ଷେତ୍ରରେ ପାରିଦର୍ଶିତା ଆଣିବା ସହ ପାଣିପାଗ ପୂର୍ବାନୁମାନକୁ ଆହୁରି ସଠିକ୍ କରିପାରିବ । ବିଭିନ୍ନ ପ୍ରକାର ପର୍ଯ୍ୟବେକ୍ଷଣ ଆଧାରରେ ଆଇଏମ୍ଡି ପକ୍ଷରୁ ପାଣିପାଗର ପୂର୍ବାନୁମାନ କରାଯାଉଛି । ପର୍ଯ୍ୟବେକ୍ଷଣ ଯେତେ ଅଧିକ ହେବ, ପୂର୍ବାନୁମାନ ସେତେ ସଠିକ୍ ହୋଇପାରିବ ବୋଲି କୁହାଯାଇଛି । ଅଧିକ ସ୍ଥାନରୁ ତଥ୍ୟ ଆସିଲେ ଏକ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିପାରିବ । ଭୂପୃଷ୍ଠରୁ ସଂଗ୍ରହ ହେଉଥିବା ତଥ୍ୟ ତୁଳନାରେ ଏୟାରଲାଇନ୍ ଓ ପାଣିପାଗ ବେଲୁନ୍ରୁ ସଂଗ୍ରହ ହେଉଥିବା ତଥ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ । ଦେଶରେ ବିମାନ ସେବା ଦ୍ରୁତ ଗତିରେ ବିବାରେ ଲାଗିଛି । ଦେଶ ଭିତରେ ଉଡୁଥିବା ସବୁ ବିମାନ ଯଦି ସଂଗ୍ରହ କରୁଥିବା ପାଣିପାଗ ତଥ୍ୟ ବାସ୍ତବ ସମୟରେ ଆଇଏମ୍ଡିକୁ ପଠାଇବେ ତେବେ ପାଣିପାଗ ପୂର୍ବାନୁମାନ ବେଶ୍ ଉନ୍ନତ ହୋଇପାରିବ ବୋଲି କୁହାଯାଉଛି ।

# ୨୩୨ ପାକିସ୍ତାନୀଙ୍କୁ ପ୍ରତ୍ୟାର୍ପଣ କଲା ସାଉଦି ଆରବ

**ଇସ୍ଲାମାବାଦ,୧୧।୧(ଏଜେନ୍ସି):** ସାଉଦି ଆରବ, ଚୀନ୍ ଏବଂ ୟୁଏଇ ୨୫୮ ପାକିସ୍ତାନୀଙ୍କୁ ପ୍ରତ୍ୟାର୍ପଣ କରିଛନ୍ତି । ସର୍ବାଧିକ ୨୩୨ ଜଣ ପାକିସ୍ତାନୀଙ୍କୁ ସାଉଦି ଆରବ ପ୍ରତ୍ୟର୍ପଣ କରିଛି । ସେହିଭଳି ୟୁଏଇରେ ବେଆଇନ୍ ଭାବରେ ରହୁଥିବା ୨୧ ପାକିସ୍ତାନୀ ଫେରିଛନ୍ତି । ବିଦେଶରୁ ଫେରିଥିବା ପାକିସ୍ତାନୀଙ୍କ ମଧ୍ୟରେ ୯ ଜଣ ଭିକାରୀ ରହିଛନ୍ତି । କରାଚୀରେ ପହଞ୍ଚିବା ପରେ ୧୬ ଜଣଙ୍କୁ ପାକିସ୍ତାନ ପୋଲିସ ଗିରଫ କରିଥିବା ନେଇ ସେଠାକାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ୨୪୪ ଜଣଙ୍କୁ ସ୍ୱତନ୍ତ୍ର ଭ୍ରମଣ ଭିସାରେ ପାକିସ୍ତାନ ପଠାଯାଇଥିବା ବେଳେ ୧୪ ଜଣଙ୍କ ପାଖରେ ବୈଧ ପାକିସ୍ତାନୀ ଭିସା ରହିଛି ବୋଲି ଇମିଗ୍ରେସନ କର୍ତ୍ତୃପକ୍ଷ କହିଛନ୍ତି । ସେହିଭଳି ଭିସା ଅବଧି ଶେଷ ହୋଇଥିବା ସତ୍ତ୍ୱେ ୧୬ ଜଣ ସାଉଦି ଆରବରେ ରହୁଥିଲେ । ୨୭ ଜଣ ପାକିସ୍ତାନ ନାଗରିକ ବିନା କେଣସି ପ୍ରାୟୋଜକରେ ସେଠାରେ କାମ କରୁଥିଲା। ୧୧୨ ଜଣଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ରହିଛି ।

# ବେଦାନ୍ତ ଆଇରନ୍ ଓର୍ ଓଡ଼ିଶାରେ ନିଯୁକ୍ତି ସୁଯୋଗ ସୃଷ୍ଟି କରି ଯୁବବର୍ଗମାନଙ୍କୁ ସଶକ୍ତ କରୁଛି

**ଭୁବନେଶ୍ୱର,୧୧।୧ (ମହାଭାରତ):** ଜାତୀୟ ଯୁବ ଦିବସରେ, ବେଦାନ୍ତ ଆଇରନ୍ ଓର୍ ଓଡ଼ିଶା (ଆଇଓଓ) ରାଷ୍ଟ୍ର ନିର୍ମାଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବରେ ଯୁବବର୍ଗମାନଙ୍କୁ ସଶକ୍ତ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରୁଛି। ଚଳିତି ବର୍ଷର ବିଷୟବସ୍ତୁ, 'ରାଷ୍ଟ୍ର ନିର୍ମାଣ ପାଇଁ ଯୁବ ସଶକ୍ତିକରଣ'କୁ ଗ୍ରହଣ କରି, ବେଦାନ୍ତ ଆଇଓଓ ଯୁବପିଢ଼ିଙ୍କୁ ଦକ୍ଷତା, ଆତ୍ମବିଶ୍ୱାସ ଏବଂ ସମାଜରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାର ସୁଯୋଗ ପ୍ରଦାନ କରିବା ପାଇଁ ପରିବର୍ତ୍ତନଶୀଳ ପଦକ୍ଷେପ ଗ୍ରହଣ କରିଛି।

ଗୋଷ୍ଠୀଙ୍କୁ ପରିବର୍ତ୍ତନ କରିବା ପାଇଁ ନିଜର ଦୃଷ୍ଟିକୋଣର ଅଂଶ ଭାବରେ, ବେଦାନ୍ତ ଆଇଓଓ ମହିଳାମାନଙ୍କ ପାଇଁ ବେଦାନ୍ତ ଟେଲରିଂ ଏବଂ ତାଲିମ କେନ୍ଦ୍ର ପ୍ରତିଷ୍ଠା କରିଛି। ଯେଉଁଠାରେ ଯୁବତୀମାନଙ୍କୁ ବ୍ୟବହାରିକ ଟେଲରିଂ କୌଶଳରେ ତାଲିମ ଦିଆଯାଇଥାଏ ଏବଂ ସେମାନଙ୍କର ନିଜସ୍ୱ ବ୍ୟବସାୟ ଆରମ୍ଭ କରିବା ପାଇଁ ମାର୍ଗଦର୍ଶନ ଏବଂ ସହାୟତା ପ୍ରଦାନ କରାଯାଏ। ଏହି ପଦକ୍ଷେପ କେବଳ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରେ ନାହିଁ ବରଂ ମହିଳାମାନଙ୍କୁ ସ୍ଥାୟୀ ଜୀବିକା ସୃଷ୍ଟି କରିବାରେ ସାହାଯ୍ୟ କରିଥାଏ। ଏହା ସେମାନଙ୍କୁ ଆର୍ଥିକ ସ୍ୱାଧୀନତା ହାସଲ କରିବାକୁ ଏବଂ ସେମାନଙ୍କ ପରିବାରକୁ ସମର୍ଥନ କରିବାକୁ ସକ୍ଷମ କରିଥାଏ।



ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ନାଡିଡିହି ଗ୍ରାମରେ ଆୟୋଜିତ ହାଲୁକା ମୋଟର ଯାନ (ଏଲଏମଭି) ଡ୍ରାଇଭିଂ ତାଲିମ କାର୍ଯ୍ୟକ୍ରମ। ମା' ଭବାନୀ ଡ୍ରାଇଭିଂ ତାଲିମ ପ୍ରତିଷ୍ଠାନ ଏବଂ ପୁନରୁଥାନ ସ୍ୱେଚ୍ଛାସେବୀ ସଂଗଠନର ମିଳିତ ସହଯୋଗରେ ଆୟୋଜିତ ଏହି ୨୦ ଦିନିଆ କାର୍ଯ୍ୟକ୍ରମରେ ୨୦ ଜଣ ଯୁବକ ଏବଂ ଯୁବତୀଙ୍କୁ ସୁରକ୍ଷିତ ଏବଂ ଦାୟିତ୍ୱପୂର୍ଣ୍ଣ ଡ୍ରାଇଭିଂ କୌଶଳ ପ୍ରଦାନ କରାଯାଇଥିଲା। ଏଠାରୁ ଦୁଇ ଜଣ ପ୍ରଶିକ୍ଷାର୍ଥୀ ପୂର୍ବରୁ ଡ୍ରାଇଭର ଭାବରେ ନିଯୁକ୍ତି ପାଇସାରିଛନ୍ତି। ସେମାନେ ଏକ ସ୍ଥିର ଆୟ ଅର୍ଜନ କରୁଛନ୍ତି, ଯାହା ସେମାନଙ୍କ ପରିବାରକୁ ଆର୍ଥିକ ସୁରକ୍ଷା ପ୍ରଦାନ କରୁଛି।

ଜାତୀୟ ଯୁବ ଦିବସ ଅବସରରେ, ସେସା ଗୋଆର ସିଇଓ ନବୀନ ଜାଜୁ କହିଲେ, ବେଦାନ୍ତ ସେସା ଗୋଆରେ, ଆମେ ଶିକ୍ଷା ଏବଂ ଦକ୍ଷତା ବିକାଶ ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବାରେ ବିଶ୍ୱାସ କରୁ, ଯାହା ଆମ ଦେଶର ପ୍ରଗତିରେ ସିଧାସଳଖ ଯୋଗଦାନ ପ୍ରଦାନ କରିଥାଏ। ବେଦାନ୍ତ ଆଇଓଓର ଟେଲରିଂ ସେଂଟର ପ୍ରତିଷ୍ଠା ଏବଂ ହାଲୁକା ମୋଟର ଯାନ ତାଲିମ କାର୍ଯ୍ୟକ୍ରମର ସଂଗଠନ ଆମର ଯୁବ ସଶକ୍ତିକରଣ ଲକ୍ଷ୍ୟ ସହିତ ସମନ୍ୱିତ। ଆମେ ସେମାନଙ୍କର ଉନ୍ନତ କରିବା ସହିତ ନିଯୁକ୍ତି ସୁଯୋଗ ପ୍ରଦାନ କରିଥିବାରୁ ଅତ୍ୟନ୍ତ ଆନନ୍ଦିତ। ଆମେ ଆମର ବିଭିନ୍ନ ଦକ୍ଷତା ବିକାଶ ଏବଂ ସଶକ୍ତିକରଣ ପଦକ୍ଷେପ ମାଧ୍ୟମରେ ସମାଜକୁ 'ଫେରସ୍ତ' ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଯୁବପିଢ଼ିଙ୍କ ଆକାଂକ୍ଷାକୁ ପୋଷଣ କରିବା ପାଇଁ ଆମର ସମର୍ଥନ ଯୋଗାଇ ଦେଇଥାଉ। ଜାତୀୟ ଯୁବ ଦିବସ ଅବସରରେ, ମୁଁ ଓଡ଼ିଶାର ଯୁବପିଢ଼ିଙ୍କର ଏକ ପ୍ରଗତିଶୀଳ ଏବଂ ସଫଳ ଭବିଷ୍ୟତ କାମନା କରୁଛି।

ଏହି ପଦକ୍ଷେପଗୁଡ଼ିକର ପ୍ରଭାବ ବିଷୟରେ ବେଦାନ୍ତ ଆଇଓଓର ସିଓଓ ବିଶ୍ୱନାଥ ସାହୁ କହଲେ, ବେଦାନ୍ତରେ, ଆମେ ବିଶ୍ୱାସ କରୁ ଯେ, ଏକ ଶକ୍ତିଶାଳୀ ରାଷ୍ଟ୍ର ଗଠନ ପାଇଁ ଯୁବପିଢ଼ିଙ୍କୁ ସଶକ୍ତ କରିବା ଅତ୍ୟନ୍ତ ଜରୁରୀ। ଦକ୍ଷତା ତାଲିମ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରି,ଆମେ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବା ଏବଂ ସମାଜରେ ଏକ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ଲକ୍ଷ୍ୟ ରଖିଛୁ। ଏହି ପଦକ୍ଷେପଗୁଡ଼ିକ ଆମେ କାର୍ଯ୍ୟ କରୁଥିବା ଅଂଚଳଗୁଡ଼ିକ ପାଇଁ ପୁନଃପ୍ରତିକାର ଏବଂ ସ୍ଥାୟୀ ବିକାଶ ସୁନିଶ୍ଚିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ।

ଡ୍ରାଇଭିଂ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ୧୯ ବର୍ଷୀୟ ଟାର୍ଜନ ଗୋପ ବର୍ତ୍ତମାନ ଏକ ସ୍ଥାୟୀ ଚାକିରି କରିଛନ୍ତି।

## ଫର୍ମୁଲା-ଇ ରେସିଂ ସ୍କାମ ମାମଲା

# ଦୁର୍ନୀତି ନିବାରଣ ବ୍ୟୁରୋରେ ହାଜର ହେଲେ କେଟି ରାମାରାଓ

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଫର୍ମୁଲା-ଇ ରେସିଂ ସ୍କାମ ମାମଲା ।ଦୁର୍ନୀତି ନିବାରଣ ବ୍ୟୁରୋ ନିକଟରେ ହାଜର ହେଲେ ଭାରତ ରାଷ୍ଟ୍ର ସମିତ ନେତା କେ.ଟି.ରାମାରାଓ । ଦାୟର ହୋଇଥିବା ଏଫଆଇଆର ରଦ୍ଦ ଲାଗି ତେଲଙ୍ଗାନା ହାଇକୋର୍ଟରେ ଦାୟର ପିଟିସନ ସଂକ୍ରାନ୍ତ ରାୟ ଆସିବା ଯାଏ ଅପେକ୍ଷା କରିବାକୁ ରାମାରାଓ କହିଥିଲେ ବି ହାଜର ହେବା ଲାଗି ନୋଟିସ ଜାରି ହୋଇଥିଲା । ସେପଟେ ଫର୍ମୁଲା-ଇ ରେସିଂର ଆୟୋଜନ କରିଥିବା ଫାର୍ମ ଇଲେକ୍ଟୋରାଲ ବଣ୍ଡ ଆକାରରେ ବିଆରଏସକୁ ବିପୁଳ ଅର୍ଥ ଦେଇଛି ବୋଲି କଂଗ୍ରେସ ଅଭିଯୋଗ କରିଥିଲା । ତେଣେ ଦୁର୍ନୀତି ନିବାରଣ ବ୍ୟୁରୋ ବା ଏଟିଏସ ପକ୍ଷପାତିତା କରୁଛି ବୋଲି ଅଭିଯୋଗ କରିଥିଲେ କେଟିଆର । ସେ କହିଥିଲେ, ପୂର୍ବତନ ବିଆରଏସ ବିଧାୟକ ପଟନମ ନରେନ୍ଦ୍ର ରେଡ୍ଡୀଙ୍କ ନାମରେ ମାମଲା ରୁଜୁ ପରି ତାଙ୍କ ବିରୋଧରେ ବି ମାମଲା ରୁଜୁ ଲାଗି ଯୋଜନା କରୁଛି ଏଟିଏସ । ଏହା ସହ ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀଙ୍କୁ ସେ ତୀବ୍ର ସମାଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ମିଡିଆ ପରାମର୍ଶଦାତା ଅଯୋଧ୍ୟା ରେଡ୍ଡୀ କହିଥିଲେ, ବିଆରଏସର ଲାଭ ଲାଗି ଫର୍ମୁଲା-ଇ ରେସିଂ ଆୟୋଜିତ ହୋଇଥିଲା । ଗ୍ରୀନକୋ ଓ ଏହାର ସହଯୋଗୀ ସଂସ୍ଥାଗୁଡିକ ବିଆରଏସକୁ ୪୧ଟି ବଣ୍ଡରେ ଡୋନେସନ ଦେଇଥିଲେ । ରେସିଂର ଆୟୋଜନ ହେବା ପ୍ରସ୍ତାବ ଦିନରୁ ଗ୍ରୀନକୋ ଇଲେକ୍ଟୋରାଲ ବଣ୍ଡ କିଣିବା ଆରମ୍ଭ କରିଥିଲା ।୮ ଏପ୍ରିଲ ଓ ୧୦ ଅକ୍ଟୋବର ୨୦୨୨ରେ ଏହି ବଣ୍ଡ କ୍ରୟ କରାଯାଇଥିଲା । ବଣ୍ଡ ଜରିଆରେ ବିଆରଏସକୁ ଗ୍ରୀନକୋ ୪୯ କୋଟି ଟଙ୍କା ଦେଇଥିଲା । ସେହିପରି କଂଗ୍ରେସକୁ ବି ବଣ୍ଡ ଜରିଆରେ କିଛି ଟଙ୍କା ଯାଇଥିବା ସୂଚନା ମିଳିଛି ।



# ମହାକୁମ୍ଭରେ ଆଦାନୀଙ୍କ ପ୍ରସାଦ ସେବା

**ଲକ୍ଷ୍ନୌ,,୧୧।୧(ଏଜେନ୍ସି):** ଉତ୍ତର ପ୍ରଦେଶରେ ପ୍ରୟାଗରାଜରେ ଆରମ୍ଭ ହେବାକୁ ଯାଉଛି କୁମ୍ଭମେଳା । ଏଥିରେ ଏବେ ପ୍ରସାଦ ସେବା ଆୟୋଜନ କରିବାକୁ ଯାଉଛନ୍ତି ଦେଶର ପ୍ରସିଦ୍ଧ ଉଦ୍ୟୋଗପତି ଗେତମ ଆଦାନୀ । ସେ ଇସ୍କନ୍ ସହ ମିଶି ଏହି ସେବା ଆରମ୍ଭ କରିବାକୁ ଯାଉଛନ୍ତି । ଏହା ଅନୁସାରେ, ପ୍ରତିଦିନ ୧ ଲକ୍ଷ ଭକ୍ତଙ୍କୁ ପ୍ରସାଦ ଦିଆଯିବ । ଏଥିରେ ୧୮ ହଜାର ସଫେଇ କର୍ମଚାରୀ ମଧ୍ୟ ସାମିଲ ହେବେୟ ପ୍ରସାଦରେ ରୁଟି, ଡାଲି,ଭାତ, ପରିବା ତରକାରୀ ଓ ମିଠା ରହିବ । ଏହାଛଡା ଆଦାନୀ ଗ୍ରୁପ୍ ବିଶେଷ ଭାବରେ ଦିବ୍ୟାଙ୍ଗ, ବୟସ୍କ ଓ ପିଲାଙ୍କ ପାଇଁ ଗୋଲ୍ଫ କୋର୍ଟର ସୁବିଧା ମଧ୍ୟ ପ୍ରଦାନ କରିବ। ଫଳରେ ମେଳା ଯିବା ଆସିବାରେ ସୁବିଧା ହୋଇପାରିବ। ଆଦାନୀ ଗ୍ରୁପ୍ ଗୋରଖପୁର ସ୍ଥିତ ଗୀତା ପ୍ରେସ୍ ସହ ହାତ ମିଳାଇଛି। ଫଳରେ ପ୍ରାୟ ୧ କୋଟି 'ଆରତୀ ସଂଗ୍ରହ' ବହି ଛପାଯିବ । ଏହି ଆରତୀ ସଂଗ୍ରହରେ ଭଗବାନ ଶିବ, ଲକ୍ଷ୍ମୀ, ଗଣେଶ, ବିଷ୍ଣୁ, ଦୁର୍ଗା ଓ ଅନ୍ୟ ଦେବା-ଦେବୀଙ୍କୁ ସମର୍ପିତ କରାଯିବ । ବହି ଗୁଡିକ କୁମ୍ଭମେଳାରେ ମାଗଣାରେ ବିତରଣ କରାଯିବ । ଚଳିତ ବର୍ଶ କୁମ୍ଭମେଳାରେ ପ୍ରାୟ ୪୦ କୋଟି ଶ୍ରଦ୍ଧାଳୁ ଆସିବାର ଆଶା ରହିଛି । ଏହାକୁ ୬,୩୮୨ କୋଟି ଟଙ୍କା ବଜେଟରେ ଆୟୋଜିତ କରାଯାଉଛି । ମହାକୁମ୍ଭ ମେଳା ୩୦ ରୁ ୪୫ ଦିନ ପର୍ଯ୍ୟନ୍ତ ଚାଲିବ । ୧୩ ଜାନୁଆରୀରୁ ୨୬ ଫେବୃଆରୀ ପର୍ଯ୍ୟନ୍ତ ଆୟୋଜିତ ହେବ ।



# 'ଇଣ୍ଡିଆ' ମେଣ୍ଟ ଭାଙ୍ଗି ଦେବା ଉଚିତ: ଓମାର ଅବଦୁଲ୍ଲା

**ନୂଆଦିଲ୍ଲୀ,୧୧।୧(ଏଜେନ୍ସି):** ଦିଲ୍ଲୀ ବିଧାନସଭା ନିର୍ବାଚନରେ 'ଇଣ୍ଡିଆ' ମେଣ୍ଟ ଫାଟି ଆଁ କଲାଣି । ପ୍ରଥମେ ମେଣ୍ଟର ଦୁଇ ସହଯୋଗୀ କଂଗ୍ରେସ ଓ ଆପ୍ ପରସ୍ପର ବିରୋଧରେ ଲଢ଼ିବାକୁ ଘୋଷଣା କରିଥିଲେ । ଏବେ ବିରୋଧୀ ମେଣ୍ଟର ଅନ୍ୟ ସହଯୋଗୀ ଦଳମାନେ କଂଗ୍ରେସକୁ ଏକପାଖିଆ କରି ଦିଲ୍ଲୀ ନିର୍ବାଚନରେ ଆମ୍ ଆଦମୀ ପାର୍ଟିକୁ ସମର୍ଥନ ଘୋଷଣା କରିଛନ୍ତି। ଏହି ପ୍ରସଙ୍ଗରେ ବିରୋଧୀ ମେଣ୍ଟର ଅନ୍ୟତମ ସହଯୋଗୀ ତଥା ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଅସନ୍ତୋଷ ଝାଡ଼ିଛନ୍ତି । ଅବଦୁଲ୍ଲା କହିଛନ୍ତି ଯେ ଦିଲ୍ଲୀ ନିର୍ବାଚନରେ ଯେହେତୁ ଆମେ ଅଂଶଗ୍ରହଣ କରୁନାହୁଁ, ତେଣୁ ଏ ପ୍ରସଙ୍ଗରେ ମୋର କିଛି କହିବାର ନାହିଁ। ବିଜେପିକୁ କିପରି ହରାଇବାକୁ ହେବ, ସେକଥା ଆମ୍ ଆଦମୀ ପାର୍ଟି, କଂଗ୍ରେସ ଓ ନିର୍ବାଚନ ଲଢୁଥିବା ଅନ୍ୟ ଦଳ ଗୁଡ଼ିକ ଚିନ୍ତା କରିବେ । ହେଲେ ମୋର ଯେତିକି ମନେ ଅଛି, ଇଣ୍ଡିଆ ମେଣ୍ଟର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନଥିଲା । ହେଲେ ଦୁର୍ଭାଗ୍ୟବଶତଃ ଲୋକସଭା ନିର୍ବାଚନ ପରେ ମେଣ୍ଟର କୌଣସି ବୈଠକ ଅନୁଷ୍ଠିତ ହେଲା ନାହିଁ, ତେଣୁ ମେଣ୍ଟର ନେତୃତ୍ୱ, ଏଜେଣ୍ଡା କିମ୍ବା ଅସ୍ତିତ୍ୱ ବିଷୟରେ କୌଣସି ସ୍ପଷ୍ଟତା ନାହିଁ ବୋଲି କହିଛନ୍ତି ଓମାର ଅବଦୁଲ୍ଲା । ଯଦି ଏହା କେବଳ ଗତବର୍ଷର ଲୋକସଭା ନିର୍ବାଚନ ପାଇଁ ଗଠନ ହୋଇଥିଲା, ତେବେ ସେମାନେ ଏହାକୁ ଏବେ ଭାଙ୍ଗିଦେବା ଉଚିତ ବୋଲି ମେଣ୍ଟର ଅନ୍ୟତମ ସହଯୋଗୀ ନ୍ୟାସନାଲ୍ କନଫରେନ୍ସ ନେତା କହିଛନ୍ତି ।

# ଇଂଲଣ୍ଡ ବିପକ୍ଷରେ ଖେଳିବେନି ବୁମ୍ରା, ସିରାଜ, ଶାମି

**ନୂଆଦିଲ୍ଲୀ,୧୧।୧ (ଏଜେନ୍ସି) :** ଇଂଲଣ୍ଡ ବିପକ୍ଷ ୫ ଟିକିଆ। ଟି-୨୦ ସିରିଜରେ ନଜର ଆସିବେ ନାହିଁ ଯଶପ୍ରୀତ ବୁମ୍ରା, ମହମ୍ମଦ ସିରାଜ, ମହମ୍ମଦ ଶାମି ଓ ଯୁବ ତାରକା ମୟଙ୍କ ଯାଦବ। ଜାନୁଆରୀ ୨୨ରୁ ଇଂଲଣ୍ଡ ବିପକ୍ଷ ସିରିଜ ଆରମ୍ଭ ହେଉଥିବା ବେଳେ ଆଜି କିମ୍ବା ଆସନ୍ତାକାଲି ବିସିସିଆଇ ସ୍କ୍ୱାଡ ଘୋଷଣା କରିବେ। ବର୍ଡର-ଗାଭାସ୍କର ଟ୍ରଫିର ପରାଜୟ ପରେ ଭାରତ କୌଣସି ସିରିଜ ଖେଳିବାକୁ ମୈଦାନକୁ ଓହ୍ଲାଇବ। ପ୍ରଥମ ଦୁଇ ଦେଶ ପରସ୍ପର ମଧ୍ୟରେ ୫ଟି ଟି-୨୦ ମ୍ୟାଚ୍ ଖେଳିବେ। ଏହାପରେ ୩ଟିକିଆ। ଦିନିକିଆ। ସିରିଜ ଅନୁଷ୍ଠିତ ହେବ। ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଇଂଲଣ୍ଡ ବିପକ୍ଷ ଦିନିକିଆ। ସିରିଜ ଭାରତ ପାଇଁ ଉପଯୁକ୍ତ ଅଭ୍ୟାସ ମ୍ୟାଚ୍ ସଦୃଶ ହେବ। ଇଂଲଣ୍ଡ ସିରିଜ ପରେ ଫେବୃଆରୀ ୧୯ରୁ ଚାମ୍ପିୟନ୍ସ ଟ୍ରଫି ଆରମ୍ଭ ହେବ।



ବିସିସିଆଇ ପ୍ରଥମେ କେବଳ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ ପାଇଁ ସ୍କ୍ୱାଡ ଘୋଷଣା କରିବ। ଚାମ୍ପିୟନ୍ସ ଟ୍ରଫି ଓ ଫେବୃଆରୀ ୬ରୁ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜ ପାଇଁ ପରବର୍ତ୍ତୀ ସମୟରେ ଖେଳାଳିଙ୍କ ନାଁ ଘୋଷଣା ହେବ ବୋଲି ଜଣାପଡ଼ିଛି। ଏସବୁ ଭିତରେ ପ୍ରକାଶ ପାଇଥିବା ରିପୋର୍ଟରେ ବଡ଼ ଦାବି କରାଯାଇଛି। ଟି-୨୦ ପାଇଁ ଘୋଷଣା ହେବାକୁ ଥିବା ସ୍କ୍ୱାର୍ଡରେ କୌଣସି ଅପ୍ରତ୍ୟାଶିତ ପରିବର୍ତ୍ତନ ହେବ ନାହିଁ। ବାଂଲାଦେଶ ଓ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ସାମିଲ ଥିବା ଅଧିକାଂଶ ଖେଳାଳି ଇଂଲଣ୍ଡ ବିପକ୍ଷ ସିରିଜରେ ନଜର ଆସିବେ। ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜଙ୍କ ଭଳି ଖେଳାଳି ଇଂଲଣ୍ଡ ବିପକ୍ଷ ସିରିଜରେ ନଜର ଆସିବେ ନାହିଁ। ଏମାନେ ଅଷ୍ଟ୍ରେଲିଆରେ ଲମ୍ବା ସିରିଜ ଖେଳିଥିବାରୁ ଉଭୟଙ୍କୁ ବିଶ୍ରାମ ଦେବାକୁ ବିସିସିଆଇ ନିଷ୍ପତ୍ତି ନେଇଛି।

ବାଂଲାଦେଶ ବିପକ୍ଷରେ ଭାରତ ପାଇଁ ଟି-୨୦ରେ ଡେବ୍ୟୁ କରିଥିବା ମୟଙ୍କ ଯାଦବ ମଧ୍ୟ ଇଂଲଣ୍ଡ ବିପକ୍ଷ ସିରିଜରେ ନଜର ଆସିବେ ନାହିଁ। କ୍ରମାଗତ ୧୫୦ରୁ ଅଧିକ ସ୍ପିଡରେ ବୋଲିଂ କରି ସମସ୍ତଙ୍କୁ ଚକିତ କରିଥିବା ମୟଙ୍କ ଆହତ ସମସ୍ୟା ଦେଇ ଗତି କରୁଛନ୍ତି। ଆହତ ଯୋଗୁ ସେ ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜ ମଧ୍ୟ ଖେଳି ପାରି ନଥିଲେ। ଏବେ ସେ ଇଂଲଣ୍ଡ ବିପକ୍ଷ ସିରିଜରୁ ମଧ୍ୟ ବାଦ ପଡ଼ିବେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ସେହିପରି ୨୦୨୩ ଦିନିକିଆ। ବିଶ୍ୱକପ ଫାଇନାଲ ପରେ ଟିମ ଇଣ୍ଡିଆରୁ ଆହତ ସମସ୍ୟା ପାଇଁ ବାହାରେ ରହିଥିବା ମହମ୍ମଦ ଶାମିଙ୍କୁ ଟି-୨୦ରେ କୌଣସି ସୁଯୋଗ ମିଳିବ ନାହିଁ। କିନ୍ତୁ ତାଙ୍କୁ ଇଂଲଣ୍ଡ ବିପକ୍ଷ ଦିନିକିଆ। ଓ ଚାମ୍ପିୟନ୍ସ ଟ୍ରଫି ସ୍କ୍ୱାଡରେ ସାମିଲ କରାଯିବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଅର୍ଶଦୀପ ସିଂହ ଭାରତୀ। ଟିମର ଦ୍ରୁତ ବୋଲିଂ ବାହିନୀର କମାଣ ସମ୍ଭାଳିବେ। ତାଙ୍କ ସହ ଆବେଶ ଖାନ, ମୁକେଶ କୁମାର ଓ ଖଲୀଲ ଅହମଦଙ୍କ ଭଳି ଖେଳାଳିଙ୍କୁ ସୁଯୋଗ ମିଳିପାରେ। ନୀତୀଶ କୁମାର ରେଡ୍ଡୀଙ୍କୁ ମଧ୍ୟ ଟି-୨୦ ସ୍କ୍ୱାଡରେ ରଖାଯାଇ ପାରେ।

# ହିନ୍ଦୀ ଆମର ରାଷ୍ଟ୍ରୀୟ ଭାଷା ନୁହେଁ

**ନୂଆଦିଲ୍ଲୀ,୧୧।୧ (ଏଜେନ୍ସି) :** ନିକଟରେ ସମସ୍ତଙ୍କୁ ଚକିତ କରି ରବିଚନ୍ଦ୍ରନ ଅଶ୍ୱିନ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଥିଲେ। ସେ କାହିଁକି ହଠାତ ଏପରି ପଦକ୍ଷେପ ନେଲେ, ତା'ର କାରଣ ଖୋଜା ଚାଲିଛି। କିନ୍ତୁ ଏସବୁ ଭିତରେ ଅଶ୍ୱିନ ଦେଇଥିବା ବୟାନ ନୂଆ ବିତର୍କ ସୃଷ୍ଟି କରିଛି। ସେ ଗୋଟିଏ କାର୍ଯ୍ୟକ୍ରମରେ କହିଛନ୍ତି ଯେ ହିନ୍ଦୀ ଆମର ରାଷ୍ଟ୍ରୀୟ ଭାଷା ନୁହେଁ। କିନ୍ତୁ ଏହା ଏକ ଅଫିସିଆଲ ଭାଷା।




ତାମିଲନାଡୁର ଗୋଟିଏ ଘରୋଇ ଇଞ୍ଜିନିୟରିଂ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଅଶ୍ୱିନ ଯୋଗ ଦେଇଥିଲେ। ଏହି ସମୟରେ ସେ ହିନ୍ଦୀ ଭାଷାକୁ ନେଇ ନିଜର ମତ ରଖିଛନ୍ତି। ସେ କହିଛନ୍ତି, ଇଂରାଜୀ ଶିକ୍ଷାର୍ଥୀମାନେ ଏଠାରେ ରହିଛନ୍ତି। ଏହାକୁ ମୋତେ ନିଶ୍ଚିତ କରନ୍ତୁ। ସେ ବଡ଼ ଚିୟର କରିବାକୁ କହିଥିଲେ। ତାମିଲ କଥା କହିବାକୁ ପିଲାମାନେ ପୁଣି ନାରା ଦେଇଥିଲେ। ଅଶ୍ୱିନ ହିନ୍ଦୀ କଥା ପଚାରିବାକୁ ପୂରା ପରିବେଶ ଶାନ୍ତ ପଡ଼ିଯାଇଥିଲା। ଏହାପରେ ଅଶ୍ୱିନ କହିଥିଲେ, ମୁଁ ଭାବୁଛି ମୋର ଏକଥା କହିବା ଠିକ ହେବ। ହିନ୍ଦୀ ଆମର ରାଷ୍ଟ୍ରୀୟ ଭାଷା ନୁହେଁ। ଏହା ଏକ ଅଫିସିଆଲ ଭାଷା। ସମାନ କାର୍ଯ୍ୟକ୍ରମରେ ଅଶ୍ୱିନଙ୍କୁ ଟିମ ଇଣ୍ଡିଆର ଅଧିନାୟକ ପଦକୁ ନେଇ ପ୍ରଶ୍ନ କରାଯାଇଥିଲା। ଏହାର ଜବାବରେ ସେ ସିଧାସଳଖ କୌଣସି ଉତ୍ତର ଦେଇନାହାନ୍ତି।

# ଜାଡେଜାଙ୍କ ଅବସର ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ,୧୧।୧ :** ଭାରତୀୟ ଦଳର ଷ୍ଟାର ଅଲରାଉଣ୍ଡର ରବିନ୍ଦ୍ର ଜାଡେଜାଙ୍କ ଏକ ଇନଷ୍ଟାଗ୍ରାମ ପୋଷ୍ଟ ଇନଷ୍ଟାଗ୍ରାମରେ ତାଙ୍କ ଟେଷ୍ଟ ଜର୍ସିର ଏକ ଫଟୋ ଶେୟାର କରିଥିଲେ, ଯାହା ପରେ କ୍ରିକେଟ ବିଶେଷଜ୍ଞ ଏବଂ ସୋସିଆଲ ମିଡିଆରେ କିଛି ୟୁଜର୍ସ ମଧ୍ୟ ଏହା ଉପରେ ପ୍ରତିକ୍ରିୟା ଦେଇଥିଲେ। ଜଣେ ବ୍ୟବହାରକାରୀ ଲେଖିଛନ୍ତି, ଏହା କ'ଣ କୌଣସି ପ୍ରକାରର ସଙ୍କେତ? ଅନ୍ୟ ଜଣେ ବ୍ୟବହାରକାରୀ ଜାଡେଜାଙ୍କୁ ଅବସରର ଶୁଭେଚ୍ଛା ମଧ୍ୟ ଜଣାଇଥିଲେ। ଗତବର୍ଷ ଟି-୨୦ ବିଶ୍ୱକପରେ ଟାଇଟଲ




ଜିତିବା ପରେ ଜାଡେଜା ଅନ୍ତର୍ଜାତୀୟ ଟି-୨୦ରୁ ଅବସର ନେଇଥିଲେ, କିନ୍ତୁ ସେ ଦିନିକିଆ ଏବଂ ଟେଷ୍ଟରେ ଦଳର ଅଂଶ ରହିଛନ୍ତି। ତାଙ୍କୁ ଟେଷ୍ଟ କ୍ରିକେଟରୁ ଅବସର ନେବାକୁ ଯାଉଥିବା ନେଇ କଳ୍ପନାଜଳ୍ପନାକୁ ଆହୁରି ଖୋରାକ ଯୋଗାଇଛି। ଜାଡେଜା ପ୍ରଶଂସକମାନେ ଅନୁମାନ କରିବା ଆରମ୍ଭ କରିଦେଇଥିଲେ ଯେ, ଏହି ଅଲରାଉଣ୍ଡର ହୁଏତ ଟେଷ୍ଟରୁ ଅବସର ନେବାର ଇଙ୍ଗିତ ଦେଇଥାଇପାରନ୍ତି।

ଜିଲ୍ଲାସ୍ତରୀୟ ସିନିୟର୍ ଆନ୍ତଃକ୍ଲବ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଇଲେଭେନ୍ ଷ୍ଟାର୍ କ୍ରିକେଟ କ୍ଲବ ବିଜୟୀ

**କେନ୍ଦ୍ରାପଡ଼ା,୧୧।୧ :** କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ ଏବଂ ଓସିଏର ମିଳିତ ଆନୁକୂଲ୍ୟରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ୍‌ରେ ଆୟୋଜିତ ଜିଲାସ୍ତରୀୟ ଆନ୍ତଃ କ୍ଲବ ସୁପର ଲିଗ୍ ୧୯ତମ ମ୍ୟାଚ୍‌ରେ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ବିଜୟୀ ହୋଇଛି। ଶନିବାର ଦିନ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ଓ କେନ୍ଦ୍ରାପଡା ଟାଇଗର୍ସ କ୍ରିକେଟ୍ କ୍ଲବ ମଧ୍ୟରେ ସୁପର ଲିଗ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟାଇଗର୍ସ କ୍ରିକେଟ୍ କ୍ଲବ ଟସ୍ ଜିତି ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା। ଇଲେଭେନ ଷ୍ଟାର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ୪୦ ଓଭରରେ ୬ ୱିକେଟ୍ ବିନିମୟରେ ୨୨୧ ରନ୍ କରିଥିଲା। ଜବାବରେ ଟାଇଗର୍ସ କ୍ରିକେଟ୍ କ୍ଲବ ୪୦ ଓଭରରେ ୯ ୱିକେଟ୍ ବିନିମୟରେ ୧୪୪ ରନ୍ କରିଥିଲା। ଫଳରେ ଇଲେଭେନ ଷ୍ଟାର କ୍ରିକେଟ କ୍ଲବ




୭୭ରନ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚରେ ଇଲେଭେନ ଷ୍ଟାର କ୍ରିକେଟ କ୍ଲବର ସୌମିତ୍ର କୁମାର ବିଶ୍ୱାଳ ବ୍ୟାଟିଂ କରି ୮ଟି ଚୌକା ମାରି ୭୨ବଲ୍‌ରେ ୬୬ ରନ୍ କରିଥିବା ବେଳେ ୭ଓଭର ବୋଲିଂ କରି ୧୨ରନ ଦେଇ ୨ଟି ମେଡେନ୍ ଓଭର କରି ୩ଟି ୱିକେଟ୍ ନେଇ ମ୍ୟାନ ଅଫ୍ ମ୍ୟାଚ୍ ହୋଇଥିଲେ। ଏହି ଅବସରରେ ପୂର୍ବତନ କ୍ରିକେଟର୍ ତଥା ଆଇନଜୀବୀ ମମତାମୟୀ ସାମଲ ଅତିଥି ଭାବେ ଯୋଗଦେଇ ଖେଳାଳୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ବିଶ୍ୱଜିତ ଅଧିକାରୀ ଓ ଲଲିତେନ୍ଦୁ ପଣ୍ଡା ଅମ୍ପାୟର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ଚିରଞ୍ଜୀବୀ ବଳ ଓ ଏସ୍‌କେ ମିନାଜୁଦ୍ଦିନ୍ ସ୍କୋରର ଭାବେ ପରିଚାଳନା କରିଥିଲେ। ବରଦାକାନ୍ତ ବରାଳ ଏହି ଖେଳର ବିବରଣୀ ପ୍ରକାଶ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଶୁଭାଶିଷ ସେନାପତିଙ୍କ ତତ୍ତ୍ୱାବଧାନରେ ଆକବର ଅଲ୍ଲୀ ଖାନ, କାର୍ତ୍ତିକ ସାହୁ, ଦିପକ କୁମାର ବାରିକ, ସମିର ମହାପାତ୍ର ଏହି ଖେଳକୁ ପରିଚାଳନା କରିଥିଲେ।

# ଗାଏକ୍ୱାଡଙ୍କ ଷ୍ଟମ୍ପ ଭାଙ୍ଗିଲେ ଅର୍ଶଦୀପ

**ନୂଆଦିଲ୍ଲୀ,୧୧।୧ (ଏଜେନ୍ସି) :** ଆଇସିସି ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ମହମ୍ମଦ ଶାମି ଭାରତୀୟ ସ୍କ୍ୱାଡକୁ ଫେରିବା ପାଇଁ ଜୋରଦାର ଉଦ୍ୟମରେ ଲାଗି ପଡ଼ିଛନ୍ତି। ହେଲେ ଅନ୍ୟ ଜଣେ ଭାରତୀୟ ପେସର ମଧ୍ୟ ନିଜ ଦାବିଦାରକୁ ପ୍ରଦର୍ଶନ କରିବାରେ ଲାଗିଛନ୍ତି। ସେ ମଧ୍ୟ ଶାମିଙ୍କ ଭଳି ଚାମ୍ପିୟନ୍ସ ଟ୍ରଫି ସ୍କ୍ୱାଡରେ ସାମିଲ ହେବାକୁ ଚାହୁଁଛନ୍ତି। ସେହି ବୋଲର ଜଣଙ୍କ ହେଲେ ବାମହାତୀ ଦ୍ରୁତ ବୋଲର ଅର୍ଶଦୀପ ସିଂହ। କିଛି ଦିନ ତଳେ କାଉଣ୍ଟୀ କ୍ରିକେଟରେ ଅର୍ଶଦୀପଙ୍କ ଚମତ୍କାର ବୋଲିଂ ଭିଡିଓ ଭାଇରାଲ ହୋଇଥିଲା। ଆଜି ତାଙ୍କର ଆଉ ଏକ ଘାତକ ବୋଲିଂ ବେଳର ଭିଡିଓ ସୋଶାଲ ମିଡିଆରେ ଟ୍ରେଣ୍ଡ




କରୁଛି। ପଞ୍ଜାବ ପାଇଁ ବିଜୟ ହଜାରେ ଟ୍ରଫି ଖେଳୁଥିବା ଅର୍ଶଦୀପ କେମିତି ନୂଆ ବଲରେ ବ୍ୟାଟରଙ୍କୁ ଘାଇଲା କରୁଛନ୍ତି, ତା'ର ଭିଡିଓ ସାମ୍ନାକୁ ଆସିଛି।

ଅର୍ଶଦୀପ ତାଙ୍କର ପ୍ରଥମ ୨ ଓଭରରେ ୨ଟି ୱିକେଟ ମଧ୍ୟ ନେଇଛନ୍ତି। ଏହା ମଧ୍ୟରେ ଚେନ୍ନାଇ ସୁପର କିଙ୍ଗସର ଅଧିନାୟକ ଋତୁରାଜ ଗାଏକ୍ୱାଡ ମଧ୍ୟ ରହିଛନ୍ତି। ଅର୍ଶଦୀପ ଗୋଟିଏ ଚମତ୍କାର ଆଉଟ ସୁଇଂ ବଲରେ ତାଙ୍କ ଷ୍ଟମ୍ପ ଭାଙ୍ଗି ଦେଇଛନ୍ତି। ପଞ୍ଜାବ ପାଇଁ ବୋଲିଂ ଆରମ୍ଭ କରିଥିବା ଅର୍ଶଦୀପ ନୂଆ ବଲରେ ଋତୁରାଜଙ୍କୁ ଏକାଧିକ ଥର ବିଟ କରାଇଥିଲେ। ଏହାପରେ ଗୋଟିଏ ଚମତ୍କାର ଆଉଟ ସୁଇଂ ବଲରେ ସେ ଗାଏକ୍ୱାଡଙ୍କ ଅଫଷ୍ଟମ୍ପ ଭାଙ୍ଗି ଦେଇଥିଲେ। ଫଳରେ ତାଙ୍କୁ ୫ ରନରେ ପ୍ୟାଭିଲିୟନ ଫେରିଥିଲେ। ଆଉ ଗୋଟିଏ ଓଭର ପରେ ଅର୍ଶଦୀପ କ୍ରମାଗତ ଭାବେ ବାମହାତୀ ବ୍ୟାଟର ସିଦ୍ଧେଶ ବୀରଙ୍କୁ ବିଟ କରାଇଥିଲେ। ଶେଷରେ ଓଭରର ୫ମ ବଲରେ ସେ ୱିକେଟ କିପରଙ୍କ ହାତରେ ଆଉଟ କରାଇ ଦେଇଥିଲେ। ଅର୍ଶଦୀପ ଓପନିଂ ସ୍ପେଲରେ ମୋଟ ୬ ଓଭର ବୋଲିଂ କରିବା ସହ ୩୩ ରନ ଦେଇ ୨ଟି ୱିକେଟ ନେଇଛନ୍ତି। ଏହା ମଧ୍ୟରେ ଗୋଟିଏ ମେଡେନ ବି ରହିଥିଲା। ଇନିଂସର ଶେଷ ଭାଗରେ ପୁଣିଥରେ ଅର୍ଶଦୀପ ବୋଲିଂ କରିବାକୁ ଆସିଥିଲେ।

# କ୍ୟାଚ୍ ଧରି ୯୦ ଲକ୍ଷ ଟଙ୍କା ଜିତିଲେ ଦର୍ଶକ

**କେପଟାଉନ,୧୧।୧ (ଏଜେନ୍ସି) :** ନ୍ୟୁଜିଲାଣ୍ଡର ଷ୍ଟାର ବ୍ୟାଟସମ୍ୟାନ କେନ ୱିଲିୟମସନ ଦକ୍ଷିଣ ଆଫ୍ରିକାରେ ଖେଳାଯାଉଥିବା ଏସ୍‌ଏ୨୦ରେ ନଜର ଆସୁଛନ୍ତି। ଏହି କିୱି ବ୍ୟାଟସମ୍ୟାନ ଟୁର୍ନାମେଣ୍ଟରେ ଡର୍ବାନ ସୁପର ଜଏଣ୍ଟ୍ସ ପାଇଁ ଖେଳୁଛନ୍ତି। ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚରେ ୱିଲିୟମସନ ଏକ ଚମତ୍କାର ଛକା ମାରିଥିଲେ। ବଲଟି ସିଧା ଗ୍ୟାଲେରୀ ଭିତରକୁ ପଶିଗଲା, ଯେଉଁଠାରେ ଜଣେ ଦର୍ଶକ ଗୋଟିଏ ହାତରେ କ୍ୟାଚ ଧରି ପ୍ରାୟ ୯୦ ଲକ୍ଷ ଟଙ୍କା ଜିତିଲେ।



ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ ଡର୍ବାନ ସୁପର ଜାଏଣ୍ଟସ ଏବଂ ପ୍ରିଟୋରିଆ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିଲା। ମ୍ୟାଚରେ ସୁପରଜାଏଣ୍ଟ୍ସ ପ୍ରଥମେ ବ୍ୟାଟିଂ କରି ୨୦୯/୪ ରନରେ ଏକ ବିଶାଳ ସ୍କୋର ସ୍ଥାପନ କରିଥିଲା। ୱିଲିୟମସନ ୪୦ ବଲରେ ୩ ଚୌକା ଏବଂ ୨ ଛକା ସହାୟତାରେ ଦଳ ପାଇଁ ୬୦ ରନର ସବୁଠାରୁ ବଡ଼ ଇନିଂସ ଖେଳିଥିଲେ। ସେହି ଇନିଂସରେ, ୱିଲିୟମସନ ଲେଗ ସାଇଡ୍ରେ ଏକ ଛକା ମାରିଥିଲେ, ଯାହାକୁ ଷ୍ଟାଣ୍ଡରେ ଥିବା ଜଣେ ଦର୍ଶକ ଧରି ନେଇଥିଲେ। ୨୦୨୫ ଏସ୍‌୨୦ରେ, ଗୋଟିଏ ହାତରେ ଧରିବା ପାଇଁ ୯୦ ପୁରସ୍କାର ଦିଆଯିବ। ୱିଲିୟମସନଙ୍କ ଛଅରେ ନିଆଯାଇଥିବା କ୍ୟାଚ୍ ଭିଡିଓ ଏସ୍‌୨୦ ମାଧ୍ୟମରେ ଶେୟାର କରାଯାଇଥିଲା ଏବଂ କୁହାଯାଇଥିଲା ଯେ ଗୋଟିଏ ହାତରେ କ୍ୟାଚ ନେଇଥିବା ବ୍ୟକ୍ତି ପୁରସ୍କାର ଜିତିଥିଲେ।

ଡର୍ବାନ ସୁପର ଜାଏଣ୍ଟ୍ସ ଏବଂ ପ୍ରିଟୋରିଆ କ୍ୟାପିଟାଲ୍ସ ମଧ୍ୟରେ ଏକ କଠିନ ପ୍ରତିଯୋଗିତା ଦେଖାଯାଇଥିଲା। ଉଭୟ ଦଳ ୨୦୦ ରନ ଅତିକ୍ରମ କରିଥିଲେ, କିନ୍ତୁ ଶେଷରେ ଡର୍ବାନ ସୁପରଜାଏଣ୍ଟସ ଜିତିଥିଲା।

# ଅକଲାଣ୍ଡରେ ଗେଲ୍ ମନଫିଲ୍ସଙ୍କ ରେକର୍ଡ

**ଅକଲାଣ୍ଡ,୧୧।୧ (ଏଜେନ୍ସି) :** ଗେଲ୍ ମନଫିଲ୍ସ ଏଠାରେ ଚାଲିଥିବା ଏକ ପୁରୁଷ ଏଲିଟ ଟେନିସ ଟୁରର ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ସେ ଆମେରିକାର ନିସ୍ପେସ ବାସାଭା ରେଡ୍ଡୀଙ୍କୁ ୭-୬ (୫), ୬-୪ରେ ହରାଇ ଦେଇଛନ୍ତି। ଫଳରେ ଏକ ଏଲିଟ ଟେନିସ ଟୁରର ଫାଇନାଲରେ ପ୍ରବେଶ କରିବାରେ ୧୯୯୦ ପରେ ସେ ଦ୍ୱିତୀୟ ବୟସ୍କ ଖେଳାଳି ବିବେଚିତ ହୋଇଛନ୍ତି। ଫ୍ରେଞ୍ଚ ଟେନିସ ଖେଳାଳି ୩୮ବର୍ଷ ୧୩୧ ଦିନ ବୟସରେ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଇଭେଣ୍ଟ କାର୍ଲୋଭିଚ୍‌ଙ୍କ ନାମରେ ଏଟିପିନି ଟୁର୍ ରେକର୍ଡ ରହିଛି। ସେ ୨୦୧୯ରେ ଭାରତର ପୁଣେରେ ଫାଇନାଲ ଜିତି ଏଟିପି ଟୁର୍ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ସେତେବେଳେ ତାଙ୍କର ବୟସ ୩୯ ବର୍ଷ, ୩୧୧ ଦିନ ହୋଇଥିଲା। ୨୦୨୩ରେ ମନଫିଲ୍ସଙ୍କୁ ଯେତେବେଳେ ୩୮ ବର୍ଷ ଓ ୧୨୪ ଦିନ ବୟସ ହୋଇଥିଲା ସେ କ୍ରୋଏସିଆର ଉମାଗଠାରେ ଫାଇନାଲକୁ ଉନ୍ନୀତ ହୋଇଥିଲେ। କାର୍ଲୋଭିଚ୍ ଆହୁରି ମଧ୍ୟ ୨୦୧୭ରେ ୩୮ ବର୍ଷ, ୧୧୦ ଦିନ ବୟସରେ ଡେନ୍ ବୋସକ ଫାଇନାଲରେ ପ୍ରବେଶ କରିଥିଲେ। ଟପ୍ ୫ରେ ସ୍ଥାନ ପାଇଥିବା ଅନ୍ୟ ଦୁଇ ଖେଳାଳି ହେଲେ ରୋଜର ଫେଡରର (୨୦୧୯ରେ ବାସେଲରେ, ୩୮ ବର୍ଷ ୮୦ ଦିନ ବୟସ) ଏବଂ ରଫେଲ ନାଡାଲ (୨୦୨୪ରେ ସ୍ୱିଡେନ ଓପନଠାରେ, ୩୮ ବର୍ଷ ଓ ୪୮ ଦିନ ବୟସରେ)। ଫ୍ରେ ମ୍ୟାନ ମନଫିଲ୍ସ ତାଙ୍କ ୩୫ତମ ଏଟିପି ଟୁର୍ ଫାଇନାଲ ସହ ଅକଲାଣ୍ଡରେ ଏକ ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

# ସହିଦ ଜବାର ଓ ପ୍ରତ୍ୟାଶା ପାଇବେ ଓସଜା ବାର୍ଷିକ ପୁରସ୍କାର

**ଭୁବନେଶ୍ୱର,୧୧।୧ :** ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ତଥା ସଫଳ ଫୁଟବଲ କୋଚ ମହମ୍ମଦ ସହିଦ ଜବାର ଓ ଓଡ଼ିଶା ସନ୍ତରଣର ସଫଳତମ ଖେଳାଳି ପ୍ରତ୍ୟାଶା ରାୟ ଚଳିତ ବର୍ଷର ଓଡ଼ିଶା କ୍ରୀଡା ସାମ୍ବାଦିକ ସଂଘ (ଓସଜା)ର ବାର୍ଷିକ ପୁରସ୍କାର ପାଇବେ। ଗତବର୍ଷ ଅନେକ ସଫଳତା ଅର୍ଜନ କରିଥିବା ପ୍ରତ୍ୟାଶା ରାୟଙ୍କୁ ୨୦୨୪ ବର୍ଷର ଶ୍ରେଷ୍ଠ କ୍ରୀଡାବିତ ଏବଂ ଭାରତୀୟ ମହିଳା ଫୁଟବଲ ଦଳର ସଫଳତାରେ ବିଶେଷ ଯୋଗଦାନ ଦେଇଥିବା ସହିଦ ଜବାରଙ୍କୁ ଜୀବନବ୍ୟାପୀ ସେବା ସକାଶେ ପୁରସ୍କାର ପ୍ରଦାନ କରାଯିବ। ଜାନୁଆରୀ ୧୯ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଯାଉଥିବା ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ (ଓସଜା)ର ବାର୍ଷିକ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଓସଜାର ସଭାପତି ସନ୍ଦିପ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

ପିତା ତଥା ବିଶିଷ୍ଟ ଫୁଟବଲର ଅବ୍ଦୁଲ ଜବାରଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ମହମ୍ମଦ ସହିଦ ଜବାର ଓଡ଼ିଶା ଫୁଟବଲ ଦଳ ପକ୍ଷରୁ ଅନେକ ବର୍ଷ ପ୍ରତିନିଧିତ୍ୱ କରିଥିଲେ। ସେ ଜାତୀୟ ଜୁନିୟର ଏବଂ ଜାତୀୟ ସିନିୟର ସନ୍ତୋଷ ଟ୍ରଫିରେ ଓଡ଼ିଶା ପକ୍ଷରୁ ଅନେକ ବର୍ଷ ଖେଳିବା ସହ ଦୀର୍ଘ ୧୫ବର୍ଷ ଓଡ଼ିଶା ପୁଲିସ୍ ଦଳର ସଦସ୍ୟ ଭାବରେ ସର୍ବଭାରତୀୟ ପୁଲିସ ଫୁଟବଲ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଫୁଟବଲରୁ ଖେଳାଳି ଭାବେ ଅବସର ନେବା ପରେ କୋଚିଂ ପ୍ରତି ଧ୍ୟାନ ଦେଇଥିବା ସହିଦ ଜବାର




ଭାରତୀୟ ମହିଳା ଫୁଟବଲ ଦଳର ବହୁବର୍ଷ ରହିଥିଲେ ମୁଖ୍ୟ କୋଚ। ତାଙ୍କ ଅଧୀନରେ ସାଫ୍ ଚମ୍ପିଆନସିପ୍ ଏବଂ ଅନେକ ବଡ଼ ବଡ଼ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ସହ ଟାଇଟଲ ଜିତିଥିଲା ଭାରତୀୟ ମହିଳା ଦଳ। ଏଥିସହ ସେ ଓଡ଼ିଶାର ବିଭିନ୍ନ ବୟସ ବର୍ଗର ଉଭୟ ପୁରୁଷ ଓ ମହିଳା ଦଳର କୋଚ ଭାବେ ମଧ୍ୟ ଦାୟିତ୍ୱ ସଂପାଦନ କରିଛନ୍ତି। ଏସିଆନ୍ ଫୁଟବଲ ସଂଘର କୋଚିଂ ତାଲିମ ମଧ୍ୟ ପୂର୍ଣ୍ଣ କରିଥିବା ସହିଦ ଜବାର ଏବେ ବି କୋଚ ଏବଂ ଫୁଟବଲ ପ୍ରଶାସକ ଭାବେ ଅଛନ୍ତି ସକ୍ରିୟ।

ଓଡ଼ିଶା ସନ୍ତରଣର ମାର୍ଗଦର୍ଶକ ଭାବେ ପରିଚିତ ପ୍ରତ୍ୟାଶା ରାୟ ୨୦୨୪ରେ ଏକାଧିକ ବିଶେଷ ସଫଳତା ହାସଲ କରିଥିଲେ। ସେ ଗତବର୍ଷ ସେପ୍ଟେମ୍ବର ମାସରେ ଅନୁଷ୍ଠିତ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ଗୋଟିଏ ସ୍ୱର୍ଣ୍ଣ, ୨ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ମେଡାଲ ହାସଲ କରିଥିଲେ। ଏଥିସହ ୨୦୨୪ରେ ସେ ଆନ୍ତର୍ଜାତିକସ୍ତରରେ ମଧ୍ୟ ଜିତିଥିଲେ ମେଡାଲ। ୨୦୨୪ରେ ଦକ୍ଷିଣର ଆଫ୍ରିକାର ପ୍ରିଟୋରିଆରେ ଅନୁଷ୍ଠିତ ପ୍ରିମିୟର ପ୍ରାଦେଶିକ ସନ୍ତରଣ ପ୍ରତିଯୋଗିତାରେ ସେ ୩ଟି ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିବାର ସୁଯୋଗ ପାଇଥିଲେ। ଏଥିସହ ଉତ୍କଳ ବିଶ୍ୱବିଦ୍ୟାଳୟ ଦଳର ପ୍ରତିନିଧିତ୍ୱ କରି ଖେଲୋ ଇଣ୍ଡିଆ ଗେମ୍ସରେ ସେ ୪ଟି ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଏବଂ ଗୋଟିଏ ବ୍ରୋଞ୍ଜ ପଦକ ଜିତିଥିଲେ। ୨୦୨୪ମସିହାର ଏକଲବ୍ୟ ପୁରସ୍କାର ମଧ୍ୟ ମିଳିଥିଲା ପ୍ରତ୍ୟାଶା ରାୟଙ୍କୁ। ଉଭୟ ସହିଦ ଜବାର ଏବଂ ପ୍ରତ୍ୟାଶା ରାୟଙ୍କୁ ଓସଜା ବାର୍ଷିକ ପୁରସ୍କାର ଆକାରରେ ନଗଦ ୨୫ହଜାର ଟଙ୍କା, ପ୍ରଶସ୍ତିପତ୍ର, ଉତ୍ତରୀୟ ଏବଂ ବିଶେଷ ଟ୍ରଫି ପ୍ରଦାନ କରାଯିବ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ